


କପିଲଙ୍କ କାଫେ ଉପରେ ଆକ୍ରମଣ
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 204 | ଭାଗ ୩୩ | ସଂଖ୍ୟା ୨୦୪ | Friday 17 October 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୧୭ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟ କର୍ମଚାରୀଙ୍କୁ ଦୀପାବଳି ଭେଟି

## ମହଙ୍ଗା ଭତ୍ତା ୩% ବଢ଼ିଲା



- ସମୁଦାୟ ୫୫%ରୁ ୫୮%କୁ ବୃଦ୍ଧି ପାଇଲା
- ପେନସନ୍‌ଭୋଗୀଙ୍କ ଟିଆଇରେ ମଧ୍ୟ ବୃଦ୍ଧି

ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୀପାବଳି ପର୍ବ ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟି.ଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## କଫ ସିରପ୍ ପରେ 'ଓଆର୍‌ଏସ୍' ଉପରେ କଟକଣା

- ଓଆର୍‌ଏସ୍ ପାଇଁ 'ହୁ' ଫର୍ମୁଲା ଜରୁରୀ
- ରାଜ୍ୟଗୁଡ଼ିକୁ ଏଫ୍‌ଏସ୍‌ଏସ୍‌ଏଆଇର ନିର୍ଦ୍ଦେଶ
- ନିର୍ଦ୍ଦେଶ ନ ମାନିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ




ନୂଆଦିଲ୍ଲୀ,୧୬।୧୦: କଫ ସିରପ ପରେ ଏବେ 'ଓଆର୍‌ଏସ୍'କୁ ନେଇ ଉଠିଛି ପ୍ରଶ୍ନ। ଏନେଇ ସତର୍କ କରାଇଛି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଲାଗି ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ସବୁ ପାନୀୟରେ ଆଖିବୁଜି ଓଆରଏସ୍ ଲେଖି ବଜାରରେ ଯେଉଁଭଳି ଏହାକୁ ବିକ୍ରି କରାଯାଉଛି, ତାହା ଉପରେ ସଂସ୍ଥା ଚିନ୍ତା ପ୍ରକଟ କରିଛି। ଝାଡ଼ାବାନ୍ତି, ଶରୀରରୁ ଜଳୀୟ ଅଂଶ ହ୍ରାସ, ଦୁର୍ବଳତା ଆଦିର ଚିକିତ୍ସା ପାଇଁ ସାଧାରଣତଃ ଓଆର୍‌ଏସ ବ୍ୟବହାର କରାଯାଏ। ଏହାର ଅଧିକ ବ୍ୟବହାର ଦେଖି ଲାଭ ପାଇଁ କିଛି କମ୍ପାନି ସେମାନଙ୍କ ବିଭିନ୍ନ ପାନୀୟ ଉପରେ ଓଆର୍‌ଏସ ଲେଖି ବିକ୍ରି କରୁଛନ୍ତି। ବଜାରରେ ଏ ସବୁ ଖୋଲାଖୋଲି ବିକ୍ରି ହେଉଛି। କିନ୍ତୁ ଡାକ୍ତରଙ୍କ ବିନା ସୁପାରିସରେ ସବୁ ପାନୀୟ ବ୍ୟବହାର କରିବା ଉଚିତ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଏ ଦିଗରେ ଏବେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ-ଏଫଏସଏସଏଆଇ କଡ଼ା ଆଭିମୁଖ୍ୟ ଆପଣାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର-ହୁ'ର ଫର୍ମୁଲା ଅନୁସାରେ କୌଣସି ପାନୀୟ ପ୍ରସ୍ତୁତ ହୋଇ ନଥିଲେ, ଏହାକୁ ଓଆରଏସ କୁହାଯାଇପାରିବ ନାହିଁ। ଏହାରୁ ବିକ୍ରି ନିଷେଧ କରାଯାଇଛି। ଏଥିପାଇଁ ଡାକ୍ତର ମଧ୍ୟ ସତର୍କ କରାଇଦେଇଛନ୍ତି।

ଏଭିଳି ପାନୀୟ କ୍ୟାନସର ସୃଷ୍ଟି କରିପାରେ। ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ। ନିର୍ଦ୍ଦିଷ୍ଟ ଫର୍ମୁଲାରେ ପ୍ରସ୍ତୁତ ହୋଇ ନଥିବା ପାନୀୟ ବୋତଲ ଏବଂ ପ୍ୟାକେଟରୁ ଓଆରଏସ୍ ଶବ୍ଦ ହଟାଇବାକୁ କୁହାଯାଇଛି। ଏହା ଦ୍ୱାରା ଉପଭୋକ୍ତା ଭ୍ରମରେ ପଡ଼ିବେ ନାହିଁ। ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ବା ଏଫ୍‌ଏସ୍‌ଏସ୍‌ଏଆଇ ଏହି ନିଷ୍ପତ୍ତି ନେଇଛି। ଏହି ନିର୍ଦ୍ଦେଶ ପାଳନ ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ କୌଣସି ଖାଦ୍ୟ ପାନୀୟ ପ୍ରସ୍ତୁତି ଓ ଷ୍ଟିକରିଂ ବେଳେ 'ଓଆରଏସ୍' ଲୋଗୋ ବା ଟ୍ରେଡମାର୍କ ବ୍ୟବହାର ନକରିବାକୁ ପରାମର୍ଶ ଦିଆଯାଇଛି। ଏଥିଲାଗି କମ୍ପାନୀମାନେ ସତର୍କ ରହିବା ଜରୁରୀ। ଏହା ଉପଭୋକ୍ତାଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ। ପ୍ରକାଶଥାଉ କି, ପୂର୍ବରୁ କେନ୍ଦ୍ର ସରକାର ୨୦୨୨ ଓ ୨୦୨୪ରେ ଜାରି କରିଥିବା ନିର୍ଦ୍ଦେଶନାମାରେ ସଂଶୋଧନ କରି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଅନେକ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ଚିକିତ୍ସା ବିଜ୍ଞାନୀ କହିଛନ୍ତି।

### ଆତ୍ମସମର୍ପଣ କରିବେ ୧୭୦ ମାଓବାଦୀ

ନେତୃତ୍ୱ ନେଲେ କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶ



ରାୟପୁର,୧୬।୧୦(ସଂଚାର ବ୍ୟୁରୋ): ସୀମାନ୍ତ ଛତିଶଗଡ଼ରେ ସବୁଠାରୁ ବଡ଼ ନକ୍ସଲ ଆତ୍ମସମର୍ପଣକୁ ନେଇ ପୁଲିସ ସଜବାଜ ହେଉଛି। ଇନ୍ଦ୍ରାବତୀ ଡିଭିଜନ ଏବଂ ମାଡ଼ ଡିଭିଜନର ୧୭୦ ନକ୍ସଲ ଆତ୍ମସମର୍ପଣ ପାଇଁ ଇନ୍ଦ୍ରାବତୀ ନଦୀ ଡେଇଁ ଚାଲିଚାଲି ବିଜାପୁର ପହଞ୍ଚୁଛନ୍ତି। ଏନେଇ ପୁଲିସ ଏବଂ ବିଏସ୍‌ଏଫ୍ ତରଫରୁ କଡ଼ା ସୁରକ୍ଷାର ବ୍ୟବସ୍ଥା କରାଯାଇଛି। ଗତକାଲି ମହାରାଷ୍ଟ୍ରର ଗଡ଼ଚରେଲି ଠାରେ ସେଣ୍ଟ୍ରାଲ କମିଟି ମେମ୍ବର ଭୂପତି ଅରଫ ବେଣୁଗୋପାଲଙ୍କ ନେତୃତ୍ୱରେ ୬୧ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। ତେବେ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ହେବାକୁ ଥିବା ଏହି ଆତ୍ମସମର୍ପଣ ଇତିହାସର ପ୍ରଥମ ବଡ଼ଧରଣର ଆତ୍ମସମର୍ପଣ ➪ପୃଷ୍ଠା-୬

### ବିଜେପିର ବିଜୟ ସଂକଳ୍ପ ସମାବେଶ

## ନୂଆପଡ଼ା ବିକାଶ ଦାୟିତ୍ୱ ନେଲେ ମୋହନ

- ବିଜେପିର ଅନ୍ୟ ନାଁ ବିକାଶ: ମନମୋହନ
- ନୂଆପଡ଼ାବାସୀଙ୍କ ସ୍ୱପ୍ନକୁ ପୂରଣ କରିବେ ଜୟ




ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୀତି ଉଷ୍ମ ହେବାରେ ଲାଗିଛି। ଆଜି ନୂଆପଡ଼ାରେ ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ କରାଯାଇ ଦଳର ବିଜୟ ସମ୍ଭାବନାକୁ ଉଜ୍ଜୀବିତ କରାଯାଇଛି। ନୂଆପଡ଼ାର ବିକାଶ ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଥିବା ଆଜି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡ଼ା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଭାରତୀୟ ଜନତା ପାର୍ଟୀର ପରିବାରରେ ସାମିଲ ହୋଇଛନ୍ତି।

ଏବେ ନୂଆପଡ଼ା ଦେଖିବ ଡବଲ ଇଂଜିନ ସରକାରର ବିକାଶର ଗତି। ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି। ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡି ➪ପୃଷ୍ଠା-୬

### ବିଜେଡି ଛାଡ଼ିଲେ ଲମ୍ବୋଦର




**୫୫ ସରପଞ୍ଚ, ସମିତି ସଭ୍ୟଙ୍କ ସହ ଶତାଧିକ ସାମିଲ**

ନୂଆପଡ଼ା,୧୬।୧୦ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ଜୟ ଢୋଲକିଆଙ୍କ ପରେ ଆଜି କଳାହାଣ୍ଡି ସଂସଦୀୟ କ୍ଷେତ୍ରରୁ ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଲମ୍ବୋଦର ନିଆଲ ଦଳରୁ ଇସ୍ତଫା ଦେଇ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ➪ପୃଷ୍ଠା-୬

### ଆଇଆଇଟି ଭୁବନେଶ୍ୱରରେ ଇୟୁ ପ୍ରତିନିଧି ଦଳ




ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ): ୟୁରୋପୀୟ ୟୁନିଅନ (ଇୟୁ)ର ଗବେଷଣା ଏବଂ ଉଦ୍ଭାବନ ପରାମର୍ଶଦାତା ଡକ୍ଟର ବିବେକ ଭି. ଧାମଙ୍କ ନେତୃତ୍ୱରେ ଭାରତ ପରିଦର୍ଶନରେ ଆସିଥିବା ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ଗସ୍ତ କରିଛନ୍ତି। ଏହାର ଉଦ୍ଦେଶ୍ୟ - ୟୁରୋପୀୟ ପ୍ରତିଷ୍ଠାନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଗବେଷଣା, ନବସୃଜନ ଓ ଶିକ୍ଷାକ୍ଷେତ୍ରରେ ସହଯୋଗ ଓ ସମ୍ଭାବ୍ୟ ଅବସର ସନ୍ଧାନ କରିବା। ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଏବଂ ଚେକ୍ ଗଣରାଜ୍ୟ ସହିତ ଏକାଧିକ ଇୟୁ ସଦସ୍ୟ ଦେଶର ପ୍ରତିନିଧିମାନେ ଏହି ଦଳରେ ସମ୍ମିଳିତ ଥିଲେ। ସେମାନେ ଆଇଆଇଟି ଭୁବନେଶ୍ୱରର ନେତୃତ୍ୱ, ଶିକ୍ଷକ ଏବଂ ଗବେଷକମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତର ଲକ୍ଷ୍ୟ ଥିଲା ଇୟୁର ପ୍ରମୁଖ ହରାଇଜନ୍ ୟୁରୋପ କାର୍ଯ୍ୟକ୍ରମ - ବିଶ୍ୱର ସର୍ବବୃହତ ଗବେଷଣା ଏବଂ ନବସୃଜନ ପାଣ୍ଠି ଢାଞ୍ଚା - ଅଧୀନରେ ସହଯୋଗକୁ ସୁଦୃଢ଼ କରିବା ଏବଂ ଜଳବାୟୁ ସ୍ଥିରତା, ସ୍ୱଚ୍ଛ ଶକ୍ତି ଏବଂ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟା, ସାମଗ୍ରୀ ବିଜ୍ଞାନ, ସ୍ମାର୍ଟ ଉତ୍ପାଦନ, ସ୍ଥାୟୀ ସହରୀକରଣ, ସ୍ୱାସ୍ଥ୍ୟସେବା ନବସୃଜନ ଏବଂ ଷ୍ଟାର୍ଟ-ଅପ୍ ଇନକ୍ୟୁବେସନ୍ ଭଳି ପ୍ରମୁଖ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ସମ୍ଭାବ୍ୟ ➪ପୃଷ୍ଠା-୬

## ଗୃହ ବିଭାଗର ମୋହ




ଗୃହ ବିଭାଗର ମୋହମାୟାକୁ ତୁଟାଇ ପାରୁନାହାନ୍ତି ବିଭାଗର ମହିଳା ଅଧିକାରୀ। ମୋହ ଏତେ ମାତ୍ରାରେ ରହିଛି ଯେ, ବଦଳି ପରେ ମଧ୍ୟ ଚଉକି ଛାଡିବାକୁ ନାରାଜ। ସଚିବାଳୟରେ ଏବେ ଗୃହ ବିଭାଗ ପ୍ରତି ଏଭଳି ମୋହକୁ ନେଇ ସରଗରମ ଆଲୋଚନା। ଏହି ଆଲୋଚନା ଅନୁଯାୟୀ ନିକଟରେ ଗୃହ ବିଭାଗର ଜଣେ ଅତିରିକ୍ତ ସଚିବଙ୍କର ବଦଳି ହୋଇଥିଲା। ତାହା ପୁଣି କେଉଁ ଉପାନ୍ତ ଅଞ୍ଚଳକୁ ନୁହେଁ, ସଚିବାଳୟ କୋଠାରୁ ଦୃଶ୍ୟମାନ ହେଉଥିବା ବୟନିକା ଦପ୍ତରକୁ। ସେହିଭଳି ବୟନିକା ଅଧିକାରିଣୀଙ୍କର ➪ପୃଷ୍ଠା-୬

### ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ

## କ୍ରାଇମବ୍ରାଞ୍ଚ ପଞ୍ଝାରେ ମୋଷ୍ଟ ୱାଣ୍ଟେଡ ମୁନା

**ଫାର୍ମ ହାଉସ ମାଲିକଙ୍କୁ ବି ଉଠାଇନେଲେ**



ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଏସଆଇ ପରୀକ୍ଷା କେଲେଙ୍କାରୀକୁ ନେଇ ତନାଘନା ଚଳାଇଥିବା କ୍ରାଇମବ୍ରାଞ୍ଚକୁ ମିଳିଛି ବଡ଼ ସଫଳତା। ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ପଞ୍ଝାରେ ମୋଷ୍ଟ ୱାଣ୍ଟେଡ ମୁନା ମହାନ୍ତି। ଦଶପଲ୍ଲା କୁଜାମେଣ୍ଡିରୁ ଉଠାଇ ଆଣିଲା କ୍ରାଇମବ୍ରାଞ୍ଚ। ଫାର୍ମ ହାଉସରେ ଲୁଚିଥିବା ବେଳେ ଧରାପଡ଼ିଲା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତି। ଫାର୍ମ ହାଉସ ମାଲିକଙ୍କୁ ମଧ୍ୟ ଉଠାଇ ନେଇଛି କ୍ରାଇମବ୍ରାଞ୍ଚ। ମୁନାଙ୍କ ସହଯୋଗୀ ସୁକାନ୍ତ ମହାରଣା ଓ ଶ୍ରୀକାନ୍ତ ମହାରଣାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢଉ ଜାରି ରହିଛି। ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାରେ ଡିଜିପି ବଡ଼ ସୂଚନା ଦେଇଛନ୍ତି। ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେବ କ୍ରାଇମବ୍ରାଞ୍ଚ। ପୋଲିସର ସଚେତନତା ପାଇଁ ଏସଆଇ ପରୀକ୍ଷା ଆଗରୁ ଖୁଲାସା ହେଲା। ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତିମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସପି ଓ ପୋଲିସ ଅଧିକାରୀଙ୍କୁ ସତର୍କ କରାଯାଇଥିଲା। ଫଳ ସ୍ୱରୂପ ଆମେ ପରୀକ୍ଷାରେ ବିଭ୍ରାଟ ହେବା ପୂର୍ବରୁ ଠାବ କରିପାରିଲୁ।

ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀରେ ସଂପୃକ୍ତ ଅଭିଯୋଗରେ ଗିରଫ ୧୧୩ ପରୀକ୍ଷାର୍ଥୀ ଜାମିନ ଆବେଦନ କରିଛନ୍ତି। ମାମଲାରେ ୧୧୪ ପରୀକ୍ଷାର୍ଥୀ ଓ ୫ ଦଲାଲଙ୍କୁ ମିଶାଇ ୧୧୯ ଜଣଙ୍କୁ ଗିରଫ କରାଯାଇଛି। ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟ ଏମାନଙ୍କର ଜାମିନ ନାମଞ୍ଜୁର କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ➪ପୃଷ୍ଠା-୬

## ମୁକ୍ତିର ବାଟ ଖୋଜୁଛି 'କୁଜି'



ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ): ମୁକ୍ତିକାନ୍ତ ମହାପାତ୍ର ମୁକ୍ତିର ବାଟ ଖୋଜିଖୋଜି ନିଜ ଜାଲରେ ନିଜେ ପଡିଛନ୍ତି। ଖାରବେଳନଗର ଥାନାରେ ଥିବା ଏଫଆଇଆରକୁ ଚାପିବା ପାଇଁ ସେ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି, ସେଥିରେ ନିଜେ ଧରା ପଡିଛନ୍ତି। 'ସଞ୍ଚାର'କୁ ଚୁପ କରିବା ପାଇଁ ସେ ଯେଉଁ ଓକିଲ ନୋଟିସ ଦେଇଛନ୍ତି, ସେଥିରେ ସେ ନିଜେ ଛନ୍ଦି ହୋଇଛନ୍ତି।

ବିଜେପିର କୁଜି ନେତାଙ୍କ ସାଂଘାତିକ ଧାନ୍ଦଲି ସମ୍ପର୍କରେ ତଥ୍ୟ ପ୍ରମାଣ ସହ ଆମେ ରିପୋର୍ଟ କଲୁ। କୁଜି ଶବ୍ଦଟି କାଳେ ତାଙ୍କୁ ବାଧୁଛି। ସେ ଭୁଲି ଯାଉଛନ୍ତି ଯେ, କୁଜି ଶବ୍ଦଟି କୁବୁଜା ନାମକ ପୌରାଣିକ ଚରିତ୍ରରୁ ଆସିଛି। ମହାପ୍ରଭୁ କୃଷ୍ଣ ଯେତେବେଳେ କୁବୁଜା ଡାକିଥିଲେ, ଆମକୁ ମୁକ୍ତିକାନ୍ତ କୁଜି ବୋଲି ଡାକିବାରୁ ବାରଣ କରି ପାରିବେ କି? ସେ ଯେଉଁ କାଣ୍ଡ କରିଛନ୍ତି, ଓକିଲ ନୋଟିସ ଦେଇ ସେ କାଣ୍ଡ ଉପରେ ପରଦା ଢାଙ୍କିବାକୁ ଚେଷ୍ଟା କରିଛନ୍ତି କି? ତେବେ ପରଦା ଢ଼ାଙ୍କୁ ଢ଼ାଙ୍କୁ ଶରୀର ଦେଖାଗଲାଣି କି?

ଆସନ୍ତୁ ଦେଖିବା ନିଜ ଦୋଷ ସେ କିପରି ନିଜେ ମାନିଛନ୍ତି! ଓକିଲ ନୋଟିସରେ କହିଛନ୍ତି ଯେ, ଇଂଜିନିୟରଙ୍କୁ ସେ ନୁହେଁ ତାଙ୍କ ସାଙ୍ଗ ଫୋନ କରିଥିଲେ ବୋଲି। ତେବେ ଯେ ତ କଣ୍ଟ୍ରାକ୍ଟର, ତାଙ୍କ ସାଙ୍ଗ ତ କଣ୍ଟ୍ରାକ୍ଟର ନୁହନ୍ତି, ତାଙ୍କ ସାଙ୍ଗ କେଉଁ ଉଦ୍ଦେଶ୍ୟରେ ଇଂଜିନିୟରଙ୍କୁ ଫୋନ କରିଥିଲେ ବୋଲି ପ୍ରଶ୍ନ ଉଠୁଛି। ସେ ବିଷୟରେ ମତ ରଖୁ ନାହାନ୍ତି ବୋଲି ତ ସନ୍ଦେହ ବଢୁଛି, ଯାହା ସଞ୍ଚାର ପ୍ରକାଶ କରିଛି। ଦ୍ୱିତୀୟରେ ମୁକ୍ତିକାନ୍ତଙ୍କ ଓକିଲ ଦର୍ଶାଇଛନ୍ତି ଯେ, ବରିଷ୍ଠ ସାମ୍ବାଦିକ ସୁବୋଧ କାନୁନଗୋଙ୍କୁ ତାଙ୍କ କ୍ଲାଏଣ୍ଟ ମୁକ୍ତିକାନ୍ତ ଫୋନ କରିଥିଲେ ଓ ଅମୁକ ସମୁକ ପଚାରିଥିଲେ। ଏଇ କଥା ତ ଏଫଆଇଆରରେ ସାମ୍ବାଦିକ ସୁବୋଧ କାନୁନଗୋ ଉଲ୍ଲେଖ କରିଛନ୍ତି।

ସୁବୋଧ ବାବୁଙ୍କୁ ମୁକ୍ତିକାନ୍ତ ଫୋନ କରିବା ଚନ୍ଦ୍ରସୂର୍ଯ୍ୟ ଭଳି ➪ପୃଷ୍ଠା-୬



### କାନ ଡେରିଥା

ନୂଆଁପଡ଼ା ଏବେ ଉଠୁଛି ପଡୁଛି
ନିର୍ବାଚନ ଆସିଗଲା
ପଇସା ପତର ଉଡ଼ିବ ପ୍ରବଳ
ଧରିତ ପାରିଲେ ହେଲା
ଯିଏ ଯାହା ପଟେ ଗଲା...
କୁଜିନେତା ଏବେ
ମାଲେମାଲ ହେବେ
ତାଙ୍କ ପାଇଁ ଏବେ ମେଳା ।

■ ଦେବାଶିଷ

# ତିନି ଦଳ ପାଇଁ ଅନୁକମ୍ପା ଭୋଟ ଆଶାବାଡ଼ି

- ଗୋଟିଏ ରାସ୍ତାରେ ଜୟ-ଘାଷିରାମ-ସ୍ନେହାଙ୍ଗିନୀ
- ତେଜୁଛି ତାତି ; ପ୍ରସଙ୍ଗ ଖୋଜୁଛନ୍ତି ଭୋଟର



ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନ ମଇଦାନକୁ ଓହ୍ଲାଇଥିବା ତିନି ପ୍ରାର୍ଥୀଙ୍କ ଆଶାବାଡ଼ି ଏବେ ଅନୁକମ୍ପା ଭୋଟ। ଅନୁକମ୍ପା ଆକାରରେ ଯିଏ ଅଧିକ ଭୋଟ ପାଇବ ସିଏ ନୂଆପଡା ବାଜି ମାରିନେବ ବୋଲି ଏବେଠାରୁ ଆଲୋଚନା ଜୋର ଧରିଲାଣି। ତେବେ ଏହାରି ଭିତରେ କିନ୍ତୁ ନୂଆପଡାବାସୀ ନିର୍ବାଚନରେ ସ୍ଥାନୀୟ ପ୍ରସଙ୍ଗକୁ ଖୋଜିବା ଆରମ୍ଭ କରିଛନ୍ତି।

ଉପନିର୍ବାଚନରେ ଏଥର ବିଜେପି ପ୍ରାର୍ଥୀ ହୋଇଛନ୍ତି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ। ବିଜେଡି ବିଧାୟକ ଥିବା ପିତାଙ୍କ ମୃତ୍ୟୁପରେ ଜୟ ବିଜେଡି ବଦଳରେ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କର ଏବେ ବଡ ସାହାରା ହେଉଛି ଅନୁକମ୍ପା ଭୋଟ। ବାପ ଛେଉଣ୍ଡ ପୁଅ ହିସାବରେ ସିଏ ଭୋଟ ପାଇଁ ହାତ ପତେଇବା'ଟା ଏକ ପ୍ରକାର ନିଶ୍ଚିତ। ଅତୀତରେ ହୋଇଥିବା ଅନେକ ଉପନିର୍ବାଚନରେ ଏଭଳି ଭୋଟ ଭିକ୍ଷାର ଉଦାହରଣ ରହିଛି। ଦଳୀୟ ଭୋଟ ସହିତ ଅନୁକମ୍ପା ଭୋଟ ଯୋଡିହେଲେ ଜୟଙ୍କ ବିଜୟ ସୁଗମ ହେବ ବୋଲି ବିଜେପି ନେତାମାନେ ବିଚାରୁଛନ୍ତି।

ସେହିଭଳି ବିଜେଡି ପ୍ରାର୍ଥୀ ହୋଇଛନ୍ତି ସ୍ନେହାଙ୍ଗିନୀ ଛୁରିଆ। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ହେଉଛନ୍ତି ମହିଳା ପ୍ରାର୍ଥୀ। ଏହା ସହିତ ତାଙ୍କ ମାମୁଁଘର ଏହି ନିର୍ବାଚନମଣ୍ଡଳୀରେ ଥିବା ଆଲୋଚନା ହେଉଛି। ତେବେ ତାଙ୍କର ବଳ ହେଲେ ମହିଳା ଭୋଟର। ମିଶନ ଶକ୍ତିର ଶକ୍ତି ଉପରେ ତାଙ୍କର ନଜର ରହିଛି। ମହିଳାଙ୍କ ଭୋଟରଙ୍କ ଅନୁକମ୍ପା ପାଇବା ପାଇଁ ସେ ଭରପୂର ଉଦ୍ୟମ କରିବେ। ଏଥି ସହିତ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ନାମରେ ବି ସିଏ ଭୋଟ ମାଗିବେ। କାରଣ ରାଜେନ୍ଦ୍ର ଥିଲେ ବିଜେଡି ପରିବାରର ସଦସ୍ୟ। ଯଦି ବିଜେଡି ଭୋଟ ସହିତ ଅନୁକମ୍ପା ଭୋଟ ମିଶିବ ତେବେ ସ୍ନେହାଙ୍ଗିନୀ ସୁରୁଖୁରୁରେ ନିର୍ବାଚନୀ ବୈତରଣୀ ପାର ହୋଇଯିବେ ବୋଲି ବିଜେଡି ନେତାମାନେ ଆକଳନ କରିବା ସହିତ ସେହି ରାସ୍ତାରେ ଯାତ୍ରା ଆରମ୍ଭ କରିଛନ୍ତି।

କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ଘାଷିରାମ ମାଝୀ। ଘାଷିରାମ ଗତ ୨୦୨୪ ନିର୍ବାଚନରେ କଂଗ୍ରେସ ଟିକଟ ନପାଇ ବିଦ୍ରୋହୀ ଭାବେ ଉଭା ହୋଇଥିଲେ। ସ୍ୱାଧୀନ ଭାବେ ଲଢ଼ି ସେ ଦ୍ୱିତୀୟ ସ୍ଥାନରେ ଥିଲେ। ୫୦ ହଜାରରୁ ଅଧିକ ଭୋଟ ପାଇଥିଲେ। ଏଥର କିନ୍ତୁ କଂଗ୍ରେସ ଟିକଟ ପାଇବା ପରେ ପୁଣିଥରେ ପ୍ରାର୍ଥୀ ହୋଇଛନ୍ତି। ଗତଥର ହାରିଥିବାରୁ ଚଳିତଥର ତାଙ୍କୁ ଜିତାଇବା ପାଇଁ ସେ ଭୋଟରଙ୍କ ଠାରୁ ଅନୁକମ୍ପା ଭୋଟ ଆଶା କରିବା ସହିତ ସେହି ଧାରାରେ ପ୍ରଚାର କରିବେ। ତାଙ୍କର ଗତଥରର ଭୋଟ ବଜାୟ ରଖିବା ସହିତ ଯଦି କିଛି ଅନୁକମ୍ପା ଭୋଟ ମିଳିଗଲା, ତେବେ ଘାଷିରାମ ବି ବିଜୟ ଟୀକା ପିନ୍ଧିପାରିବେ ବୋଲି ତାଙ୍କ ଅନୁଗାମୀମାନେ କହିବା ଆରମ୍ଭ କରିଛନ୍ତି।

ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜର ପ୍ରାର୍ଥୀ ଘୋଷଣା କରିବା ➪ପୃଷ୍ଠା-୬

# କାମ ନକରି ଟଙ୍କା ଆତ୍ମସାତ୍ ଅଭିଯୋଗ

## ତ୍ୱରିତ ପଦକ୍ଷେପ ପାଇଁ ଜିଲ୍ଲାପାଳଙ୍କୁ ଚିଠି

**ମହାକାଳପଡ଼ା, ୧୬।୧୦ (ସଂଚାର ବ୍ୟୁରୋ):** ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ କାମ ନ ହୋଇଥିବା ଏକ ନଳକୂପ ଚଟାଣର ମିଥ୍ୟା ବିଲ୍ କରିଥିବା ଦର୍ଶାଇ ଜଣେ ସୂଚନା ଅଧିକାର କର୍ମୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭାଗୀୟ ଦପ୍ତରକୁ କରିଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ତେର ଗାଁ ପଞ୍ଚାୟତର ବେଲାର ନୁଆ ଗାଁ ଗ୍ରାମରେ ଏକ ନଳକୂପ ଯାହା ଦୀର୍ଘ ଦୁଇ ବର୍ଷ ଧରି ଅଚଳ ଅବସ୍ଥାରେ ପଡି ରହିଥିଲା। କିନ୍ତୁ ୯ ଅକ୍ଟୋବର ୨୦୨୫ ରେ ମିଥ୍ୟା ବିଲ୍ କରି ୧୪,୫୦୭ ଟଙ୍କା ଆତ୍ମସାତ୍ କରାଯାଇଛି ବୋଲି ପଞ୍ଚାୟତର ସଚେତନ ନାଗରିକ ତଥା ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ଅଭିଯୋଗ କରିଛନ୍ତି। ଶ୍ରୀ ସେଠୀ ଏନେଇ ୧୨ ସେପ୍ଟେମ୍ବର ରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ମହାକାଳପଡ଼ା ବିଡ଼ିଓ ଓ ବିଭାଗୀୟ କାର୍ଯ୍ୟାଳୟ କୁ ଅଭିଯୋଗ ଜଣାଇଥିଲେ। ସୁବ୍ରତଙ୍କ ଅଭିଯୋଗ ପରେ ତା ୧୪ ଅକ୍ଟୋବର ଦିନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗଙ୍କ ତରଫରୁ ସରକାରଙ୍କ ଅଧିନ ସଚିବ ଶ୍ରୀମତୀ ନମିତା ସାହୁ ଚିଠି ନମ୍ବର ପିଆର-ପିଡିଓ-ପିଜି-୦୧୫୯-୨୦୨୫୨୭୯୮୦/ପିଆର ଆଣ୍ଡ ଡିଡବ୍ଲୁରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖି ମାମଲାର ଶୀଘ୍ର ସମାଧାନ ପାଇଁ ନିଜ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ବିଭାଗକୁ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଚିଠିର ନକଲ ମୁଖ୍ୟ ଶାସନ ସଚିବଙ୍କୁ ମଧ ପଠାଯାଇଛି।

### ପଟ୍ଟାମୁଣ୍ଡାଇ ମହିଳା କଲେଜ ନିଯୁକ୍ତି ଜାଲିଆତି ମାମଲା

# ମାଷ୍ଟରମାଇଣ୍ଡର ଟେର୍ ପାଉନି ପୁଲିସ

**କେନ୍ଦ୍ରାପଡ଼ା, ୧୬।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମହିଳା କଲେଜରେ ବେଆଇନ ନିଯୁକ୍ତି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷରକୁ ଜାଲିଆତି କରାଯାଇଥିବା ମାମଲାରେ ଓଡିଶା ଉଚ୍ଚ ନ୍ୟାୟାଳୟ କେନ୍ଦ୍ରାପଡା ଏସପିଙ୍କୁ ଏକମାସ ମଧରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଅଧିନସ୍ଥ ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଗତ ୨୦୧୨ରୁ ୨୦୧୬ ମଧରେ ୬୦ରୁ ଉର୍ଦ୍ଧ୍ୱ ଅଧାପକ, ଅଧାପିକାଙ୍କ ସହ ଅଣଶିକ୍ଷକ କର୍ମଚାରୀଙ୍କୁ ବେଆଇନ ଭାବେ ନିଯୁକ୍ତି କରାଯାଇଛି । ଏସମ୍ପର୍କରେ ଜଣା ପଡିବା ପରେ ସ୍ଥାନୀୟ ସଚେତନ ଅଧିବାସୀ, ଅଭିଭାବକ ଏବଂ ସାମାଜିକ କର୍ମୀ ଏହି ଦୁର୍ନୀତିର ତଦନ୍ତ ପାଇଁ ଦୀର୍ଘ ବର୍ଷ ହେଲା ତଳୁ ଉପର ଯାଏ ଅଭିଯୋଗ କରିଆସୁଛନ୍ତି। କଲେଜରେ ବ୍ୟାପକ ନିଯୁକ୍ତି ଜାଲିଆତି ହୋଇଥିବା ନେଇ ବିଭିନ୍ନ

**ଏକମାସ ମଧରେ ରିପୋର୍ଟ ପ୍ରଦାନ ପାଇଁ ଏସପିଙ୍କୁ ନିର୍ଦ୍ଦେଶ**

ତଦନ୍ତରୁ ସ୍ପଷ୍ଟ ହୋଇଥିଲେ ହେଁ ଦୋଷୀଙ୍କୁ ଘଣ୍ଟ ଘୋଡାଇ ମାମଲାକୁ ଚାପି ଦେବା ଏବଂ ସମୟ ଗଡାଇ ଚାଲିବା ଉଦବେଗ ସୃଷ୍ଟି କରିଛି । ଏନେଇ ସ୍ଥାନୀୟ ଅଧିବାସୀ ଏବେ ରାଜ୍ୟ ଆଇନମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଗତ ୨୦୧୮ ମସିହାରେ ଏହି ବେଆଇନ ନିଯୁକ୍ତି ନେଇ ତତ୍କାଳୀନ ଜିଲ୍ଲାପାଳଙ୍କ ସମେତ ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ପାଇଁ ଅଭିଯୋଗ କରାଯାଇଥିଲା। ପ୍ରାଶସନ ପକ୍ଷରୁ ତଦନ୍ତ ପରିବର୍ତ୍ତେ ଦୋଷୀକୁ ଘଣ୍ଟ ଘୋଡାଇ ମାମଲାକୁ ଚପାଇ ଦିଆଗଲା । ପ୍ରଶାସନର ଏହି ଦୁର୍ବଳତାର ସୁଯୋଗ ନେଇ ମାଷ୍ଟରମାଇଣ୍ଡଙ୍କ ଦ୍ୱାରା ଉକ୍ତ କଲେଜର ଅଧାପକ ଓ ଅଧାପିକାଙ୍କୁ ବାରମ୍ବାର ପିଛିଲା ତାରିଖରେ ନିଯୁକ୍ତି ଦେଇ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରାଗଲା । ଏନେଇ ସାମାଜିକକର୍ମୀ ଅମର ବିଶ୍ୱାଳ ଓଡିଶା ଉଚ୍ଚନ୍ୟାୟାଳୟରେ ଏକ ମାମଲା ଦାୟର କରିଥିଲେ। କୋର୍ଟ ନିର୍ଦ୍ଦେଶରେ ଜିଲ୍ଲାପ୍ରଶାସନ ପକ୍ଷରୁ ଏକ ତିନି ଜଣିଆ ଟିମ୍ କଲେଜରେ ପହି ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହାପରେ କଲେଜ ସଭାପତି ନିଯୁକ୍ତିରେ ଜାଲିଆତି କରାଯାଇଥିବା ହୃଦବୋଧ କରିବା ପରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷର ଯାଞ୍ଚ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ତା ୨୦.୦୫.୨୦୨୩ରିଖରେ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଗତ୨୬.୦୬.୨୦୨୩ରିଖରେ କେଶ ନମ୍ବର ୩୮୨/୨୩ରେ ଏକ ମାମଲା ଦାୟର ହୋଇଥିଲେ ହେଁ ପୋଲିସ ପ୍ରାଥମିକ ତଦନ୍ତ କରି ଉକ୍ତ ଦସ୍ତଖତ ଜାଲ ବୋଲି ରିପୋର୍ଟ ଦେବା ସତ୍ୱେ ଜାଲିଆତିର ମାଷ୍ଟରମାଇଣ୍ଡକୁ ଗିରଫ କରାଯାଇନାହିଁ ।

## ଷଣ୍ଢ ଚୋରି ଅଭିଯୋଗରେ ୩ ଗିରଫ

**ସାଲେପୁର, ୧୬।୧୦(ସଂଚାର ବ୍ୟୁରୋ):** ବୁଲା ଷଣ୍ଢ ଚୋରି କରିବା ଘଟଣା ରେ ସାଲେପୁର ପୁଲିସ ୩ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ୩ଜଣ ବ୍ୟକ୍ତି ବେଙ୍ଗସାହୁ କଲୋନୀ ନିକଟରେ ବୁଲୁଥିବା ୨ଗୋଟି ଷଣ୍ଢ କୁ ବାନ୍ଧି ବିକ୍ରୟ କରିବାକୁ ନେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ଷଣ୍ଢ କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମାନଙ୍କୁ ପୁଲିସ ଜିମା ଦେଇଥିଲେ । ସାଲେପୁର ପୁଲିସ ଏ ସମ୍ପର୍କ ରେ ସାଲେପୁର ଥାନାରେ ୫୦୩/୨୫ରେ ଏକ ମାମଲା ରୁଜୁ କରି ଚୋରଳ ଷଣ୍ଢ ବେପାରୀ ଜୟ ରାମପୁର ଗ୍ରାମର ସେକ ମୁକିମ, ଲୁଣହାର ଗ୍ରାମର ଏମ୍ ଡି ହମିଦ ଓ କାଜି ହାଟ ଅଞ୍ଚଳର ସେକ ନଇମ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ର ସାଲେପୁର ଥାନା ଆଇ ଆଇ ସି ଅନିତା ସାହୁ ପ୍ରକାଶ କରିଛନ୍ତି

## ଗ୍ୟାସ୍ ଟାଙ୍କି ଫାଟି ଦୁଇ ବଖରା ଭସ୍ମୀଭୁତ



ପରିବାରକୁ ଭେଟିଲେ କଂଗ୍ରେସ ନେତା ବିଭ୍ରାଂସୁ ଲେଙ୍କା

**ମହାକାଳପଡ଼ା, ୧୬।୧୦(ସଂଚାର ବ୍ୟୁରୋ):** ରୋଷେଇ କରୁଥିବା ସମୟରେ ଗ୍ୟାସ ସିଲିଣ୍ଡର ଫାଟି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ସୁନିତି ପଞ୍ଚାୟତର ସୁଗୋଲ ଗ୍ରାମର ବାବାଜୀ ମଣ୍ଡଳଙ୍କ ର ଦୁଇ ବଖରା ଚାଳଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର ସମେତ ଧାନ ଚାଉଳ, ଲୁଗାପଟା, ଦରକାରୀ କାଗଜପତ୍ର, ଟଙ୍କା ଆଦି ଜଳି ପୋଡ଼ି ପାଉଁଶ ହୋଇ ଯାଇଛି। ଅଗ୍ନିକାଣ୍ଡରେ ୮ ଟି ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନି ବିପନ୍ନ ପରିବାର ସର୍ବସ୍ୱାନ୍ତ ହୋଇ ଖୋଲା ଆକାଶ ତଳେ ରହୁଛନ୍ତି। ଏହି ଘଟଣା ସମ୍ପର୍କରେ ଜାଣିବାକୁ ପାଇ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା ଅଗ୍ନି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଶ୍ରୀ ଲେଙ୍କା ଓ ଗ୍ରାମବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇରେ ନବୀନଙ୍କ ଜନ୍ମଦିନ ପାଳିତ

**ପଟ୍ଟାମୁଣ୍ଡାଇ, ୧୬।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ବିରୋଧୀ ଦଳ ନେତା ନବୀନ ପଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ କରାଯାଇଛି । ଏଇ ଅବସରରେ ନବୀନଙ୍କ ଦୀର୍ଘ ଜୀବନ କାମନା କରି ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଦୀପ ଦାନ ଓ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ନଗର ଯୁବବିଜେଡି ସଭାପତି ଅଶୋକ ଧଳଙ୍କ ସମେତ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇ ହରପାର୍ବତୀ ମନ୍ଦିରରେ ଦୀପ ଦାନ କରିବା ସହିତ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ ।

### ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ

# ରୋଜଗାରିଆ ପୁଅର ଦେହାନ୍ତରେ ବେସାହାରା ପରିବାର, ସହାୟତା ପାଇଁ ଗୁହାରି



**ମାର୍ଶାଘାଇ, ୧୬।୧୦(ସଂଚାର ବ୍ୟୁରୋ):** ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ପରିବାର ଏବେ ବେସାହାରା ହୋଇ ପଡିଛନ୍ତି। ଆଖିରୁ ଲୁହ ଶୁଖୁନି କି ମନର କୋହକୁ ଚାପିବା ସହଜ ହେଉନି। ଯିଏ ଦିନେ ପରିବାର ସଦସ୍ୟଙ୍କ ମୁହଁରେ ଆହାର ଦେଉଥିଲା ସେହି ରୋଜଗାରିଆ ପୁଅର ଶୁଦ୍ଧି କ୍ରିୟା ପାଇଁ ପରିବାର ପାଖରେ ଏବେ ଟଙ୍କାଟିଏ ନାହିଁ। କେମିତି ଶୁଦ୍ଧିକ୍ରିୟା କାର୍ଯ୍ୟ କରିବେ ସେ ନେଇ ଏବେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି।

ଏମିତି ଏକ ଆଖି ଭିଜିଲା ଭଳି ଘଟଣା ସାମ୍ନାକୁ ଆସିଛି ମାର୍ଶାଘାଇ ବ୍ଲକ୍ ଅଧୀନ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମରୁ। ସେହି ଗ୍ରାମର ଗୋପିନାଥ ଦାସଙ୍କ ପୁଅ ବ୍ରଜବନ୍ଧୁ ଦାସ (୬୨)ଙ୍କର ୧୧ ଅକ୍ଟୋବର ଦିନ ଯକ୍ଷ୍ମାଜନିତ ସମସ୍ୟାରେ ମୃତ୍ୟୁ ଘଟିଛି। ବ୍ରଜବନ୍ଧୁ ଘରର ମୁଖ୍ୟ ରୋଜଗାରିଆ ଭାବରେ ଦିନ ମଜୁରିଆ କାର୍ଯ୍ୟ କରି ୬ ପ୍ରାଣୀଙ୍କ ମୁହଁରେ ଆହାର ଦେଉଥିଲେ। ବ୍ରଜବନ୍ଧୁ ଙ୍କ ଦେହାନ୍ତ ପରେ ଦୁଇ ପୁଅ,ଦୁଇ ଝିଅ,୬୫ ବର୍ଷୀୟା ବୃଦ୍ଧା ମାଆ ଓ ଧର୍ମ ପତ୍ନୀ ଏବେ ବେସାହାରା ହୋଇ ପଡିଛନ୍ତି। ରହୁଥିବା ବାସଗୃହଟିକ କୁ ଛାଡ଼ିଲେ ତାଙ୍କର ଆଉ ସମ୍ବଳ ବୋଲି କିଛି ନାହିଁ। ଏମିତି ପରିସ୍ଥିତିରେ ସ୍ୱାମୀଙ୍କ ଦେହାନ୍ତ ପତ୍ନୀ ଭଗବତି ଦାସଙ୍କୁ ଚିନ୍ତାରେ ପକାଇଛି। ପିଲାମାନଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣର ଚିନ୍ତାକୁ ଏବେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କେମିତି କରିବେ ସେ କଥାକୁ ଭାବି ଭାବି ଅଣନିଃଶ୍ୱାସୀ ହୋଇ ପଡ଼ି ସରକାରୀ, ସାମାଜିକ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟକୁ ଅପେକ୍ଷା କରିଛନ୍ତି। ଗ୍ରାମବାସୀମାନେ ମଧ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## କିଶୋରକିଶୋରୀଙ୍କ ଅନୁଭବ ଯାତ୍ରା

**କେନ୍ଦ୍ରାପଡା, ୧୬।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାର ୯ଟି ବ୍ଲକରୁ ୫ଜଣ ଲେଖାଏଁ ପ୍ରାୟ ୫୦ ଜଣ କିଶୋର କିଶୋରୀ (ଆଦଭିକ ଯୋଜନାରେ) ଅନୁଭବ ଯାତ୍ରା କରିଛନ୍ତି। ଏହି କିଶୋର କିଶୋରୀମାନେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, ସରକାରୀ ଆଇ.ଟି.ଆଇ ଏବଂ ଓଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ କରି ଏମାନେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ନିଜର ଭବିଷ୍ୟତ ଜୀବନ ଜୀବିକାକୁ ଅଧିକ ସୁଗମ କରିବା ପାଇଁ ମାର୍ଗ ପ୍ରଶସ୍ତ କରିବା ସହ ଅଭିଜ୍ଞତା ହାସଲ କରିବେ । ଏହି ୩ଟି ସ୍ଥାନ ପରିଦର୍ଶନରେ ସେମାନେ ନିଜେ ଅନୁଭବ କରି ଭବିଷ୍ୟତ କୁ କିପରି ଗଢି ପାରିବେ ଏବଂ ବିଜ୍ଞାନ ଭିତିକ ଶିକ୍ଷା ଲାଭ କରି ଆତ୍ମ ନିର୍ଭରଶୀଳ ହୋଇପାରିବେ। ଏଥି ସହ ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କର କଣ କଣ ସୁବିଧା ରହିଛି, ସେ ସଂପର୍କରେ ଜାଣି ପାରିବେ । ତାଙ୍କର ଏହି ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନବ କିଶୋର ଜେନା ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ (ଡି.ଏସ.ଡବ୍ଲୁ,ଓ) ସୁଷମା ମହାନ୍ତିଙ୍କ ସମେତ ସୁରକ୍ଷା ଅଧିକାରୀ (ପିଓ) ସବିତାରାଣୀ ସିଂହ, ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ସମେତ ହବର ସମସ୍ତ କର୍ମକର୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।





## ମେଲାଣି ନେଲେ ମା' ଧନଦାତ୍ରୀ



**ଡେରାବିଶ, ୧୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଚାନ୍ଦୋଳ ବଜାରରେ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପୂଜାର ବୁଧବାର ଥିଲା ଅନ୍ତିମ ଦିବସରେ ମାଙ୍କୁ ମେଲାଣି ଦିଆଯାଇଛି। ଚାନ୍ଦୋଳ ବଜାରରେ ଗତ ୬ ତାରିଖ ସୋମବାର ଠାରୁ ନଅଦିନ ବ୍ୟାପୀ ୧୮ ଗୋଟି ମଣ୍ଡପରେ ପୂଜାପାଇ ଆସୁଥିବା ମା' ଧନଦାତ୍ରୀଙ୍କ ମେଢ଼ ଏହି ଭସାଣି ଶୋଭାଯାତ୍ରାରେ ଭାଗ ନେଇଥିଲେ। ଏହି ଅବସରରେ ପ୍ରଶାସନ ଓ ପୂଜା କମିଟି ମଧରେ ହୋଇଥିବା ନିଷ୍ପତି ଅନୁଯାୟୀ ବୁଧବାର ଅପରାହ୍ନ ୨ଟା ସୁଦ୍ଧା ପୂଜା ମଣ୍ଡପରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପାରମ୍ପରିକ ବାଜା ଓ ଘଣ୍ଟ ସଂକୀର୍ତନ ମଧରେ ଚାନ୍ଦୋଳ ଫାଣ୍ଡିଛକ ସ୍ଥିତ ଥାନପତି ପୂଜା କମିଟିଙ୍କ ମଣ୍ଡପ ନିକଟକୁ ନିଆଯାଇଥିଲା। ସେଠାରେ ଥାନପତି ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ମେଢ଼ ନିକଟରେ ଭୋଗଲାଗି କରାଯିବା ପରେ ଆସନ୍ତା ବର୍ଷ ମେଲଣକୁ ଆସିବା ପାଇଁ କମିଟି ପକ୍ଷରୁ ସମସ୍ତ ମେଢ଼ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପରେ ପୁଣି ମେଢ଼ ଗୁଡ଼ିକ କ୍ରମାନ୍ୱୟରେ ପୁନଃ ପାରମ୍ପରିକ ବାଜା ଓ ରୋଷଣୀ ମଧରେ ମେଲଣ ପଡ଼ିଆକୁ ଯାଇ ନିଜ ନିଜ ନିର୍ଦ୍ଧାରିତ ସ୍ଥାନରେ ବିସର୍ଜିତ ହୋଇଥିଲେ। ଏହି ମେଲଣ କାର୍ଯ୍ୟକ୍ରମ ଆଜି ଅପରାହ୍ନ ୨ଟା ଠାରୁ ବିଳମ୍ବିତ ରାତିଯାଏ ଚାଲିଥିଲା। ଏହି ମେଲଣ ମୁଖ୍ୟତ କଟକ-ଚାନ୍ଦବାଲି ରାଜରାସ୍ତା ଉପରେ ହେଉଥିବାରୁ ଭିଡ଼କୁ ନିୟନ୍ତ୍ରଣ, ଟ୍ରାଫିକ୍ କଂଟ୍ରୋଲ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଚାନ୍ଦୋଳ ଫାଣ୍ଡି ଅଧିକାରୀଙ୍କ ପ୍ରତାପ ରଥଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ।

### ● ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି

# ଶବ ବଦଳ ନେଇ ସାଲେପୁରରେ ଚର୍ଚ୍ଚା ଜୋରଦାର



**ସାଲେପୁର, ୧୬।୧୦(ସଂଚାର ବ୍ୟୁରୋ):** ସାଲେପୁରରେ ଆଜି ଏକ ବିଚିତ୍ର ଘଟଣା ଘଟିଯାଇଛି। କଟକ ଏସ୍.ସି.ବି. କର୍ତ୍ତୃପକ୍ଷଙ୍କ ଖାମଖିଆଲୀ ନୀତି ଯୋଗୁଁ ସାଲେପୁରରେ ଶବ ବଦଳ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ (୬୨) ଗତକାଲି ରାତିରେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଂଗେ ସଂଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ କଟକ ଏସ୍.ସି.ବି.କୁ ପଠାଇଥିଲେ। କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ମୃତ ସ୍ୱର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ଏକ ଜରିରେ ଶବକୁ ପ୍ୟାକ୍ କରି ତାଙ୍କ ପୁଅ କୈଳାସ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। କୈଳାସ ମା'ର ଶବ ଧରି ଘରେ ପହଞ୍ଚି ଶେଷକୃତ୍ୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଚୁଡ଼ାନ୍ତ ସମୟ ବେଳକୁ ଜରି ପ୍ୟାକିଂ ଖୋଲି ଦେଖିଲାବେଳକୁ ସେ ତାଙ୍କର ମା'ସ୍ୱର୍ଣ୍ଣଲତାଙ୍କ ଶବ ନଥାଇ ଅନ୍ୟଏକ ମହିଳାଙ୍କ ଶବ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସଂଗେ ସଂଗେ କଟକ ବଡ଼ମେଡ଼ିକାଲ ସହ ଯୋଗାଯୋଗ କରିବାରେ ଶବଟି ଭୂଲ୍‌ରେ ବଦଳ ହୋଇଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯିବା ସହ ଶବଟି ଫେରାଇ ଆଣି ତୁମ ମା'ଙ୍କ ଶବ ନେଇଯାଅ ବୋଲି ପରାମର୍ଶ ଦିଆଯାଇଥିଲା। କୈଳାସ ଓ ତାଙ୍କ ଗ୍ରାମବାସୀମାନେ ପୁନର୍ବାର ଶବଟିକୁ ପ୍ୟାକ୍ କରି କଟକ ବଡ଼ ମେଡ଼ିକାଲକୁ ନେବାପରେ ଏହି ଶବଟି କେନ୍ଦୁଝର ଅଞ୍ଚଳର ଜଣେ ମହିଳାଙ୍କର ବୋଲି ଜାଣିବାକୁ ପାଇଥିଲେ। ଅଜଣା ଶବଟିକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲାପରେ କୈଳାସଙ୍କୁ ତାଙ୍କ ମା'ଙ୍କ ଶବ ଫେରସ୍ତ କରିଥିଲେ। ଏସ୍.ସି.ବି. କର୍ତ୍ତୃପକ୍ଷଙ୍କ ଖାମଖିଆଲୀ ନୀତି ଯୋଗୁଁ ଏହିଭଳି ଶବ ବଦଳ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ମୃତ ସ୍ୱର୍ଣ୍ଣଲତା ଲୁଣାହାର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ



**ରାଜନଗର, ୧୬।୧୦(ସଂଚାର ବ୍ୟୁରୋ):** ଓଡ଼ିଶାର ଜନନାୟକ, ବିରୋଧୀଦଳ ନେତା, ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ରାଜନଗରଠାରେ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ରାଜନଗର ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଆଯୋଜିତ କାର୍ଯ୍ୟକ୍ରମରେ ତାଙ୍କ ଦୀର୍ଘ ଜୀବନ କାମନା କରାଯାଇ ଦୀପଦାନ କରାଯାଇଥିଲା। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟରେ ଯୁଗାନ୍ତକାରୀ ଜନକଲ୍ୟାଣ ଯୋଜନା, ମହିଳାମାନଙ୍କ ପାଇଁ ମିଶନଶକ୍ତି ମାଧମରେ ମାଆମାନଙ୍କୁ ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବୀ କ୍ଷେତ୍ରରେ ନେଇଥିବା ବୈପ୍ଳବିକ ପଦକ୍ଷେପ ସମଗ୍ର ଦେଶରେ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିଲା ବୋଲି ଉପସ୍ଥିତ ନେତୃବୃନ୍ଦ, ଯୁବ, ଛାତ୍ର, ବୁଦ୍ଧିଜିବୀ ମତବ୍ୟକ୍ତ କରିଥିଲେ।

## ମଣ୍ଡଳ ସ୍ତରୀୟ କଳାଉତ୍ସବ ଅନୁଷ୍ଠିତ





**କେନ୍ଦ୍ରାପଡ଼ା, ୧୬।୧୦(ସଂଚାର ବ୍ୟୁରୋ):** ଭରତପୁର ଗ୍ରାମପାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୁର ସରକାରୀ ଉଚ୍ଚବିଦ୍ୟାଳୟରେ କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ କଳାଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଲାଲବାହାଦୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସ,ସହମଣ୍ଡଳ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ବଳଦେବ ପ୍ରସାଦ ଜେନା, ବୁଢ଼ୀ ବିଲାଶୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଓ ମା'ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ଉତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍କଳୀୟ କଳା ଓ ସଂସ୍କୃତିକୁ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧରେ ଲୁକ୍କାୟିତ ପ୍ରତିଭାକୁ ଉଦ୍‌ଭାସିତ କରିବା ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଛି ବୋଲି ବକ୍ତାମାନେ କହିଥିଲେ । ଅପରାହ୍ନରେ କଳା ଓ ସଂସ୍କୃତି ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଜିଲ୍ଲା ସ୍ତରରେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଅତିଥିମାନେ ଶୁଭାଶିଷ ପ୍ରଦାନ କରିଥିଲେ ।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ଯୁବ ରେଡକ୍ରସର ନବାଗତଙ୍କୁ ସ୍ୱାଗତ



**କେନ୍ଦ୍ରାପଡ଼ା, ୧୬।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚୟ ଓ ସ୍ୱାଗତ ନିମନ୍ତେ ଏକ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସର ସମ୍ପାଦକ ଅଧାପକ ବିକାଶ କୁମାର ନାୟକ ସଂଯୋଜନା କରିଥିଲେ । ବୈଠକରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜାତୀୟ ଯୁବପ୍ରକଳ୍ପର ରାଜ୍ୟ ସଂଯୋଜକ ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇ.କ୍ୟୁ.ଏ.ସି. ସଂଯୋଜିକା ଡ. ଦିପ୍ତୀ ରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଯୁବରେଡକ୍ରସରେ ନୂଆ କରି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ସେମାନେ ନିଜ ନିଜର ପରିଚୟ ପ୍ରଦାନ କରି ରେଡକ୍ରସରେ ଯୋଡିହେବାର କାରଣ ଦର୍ଶାଇଥିଲେ । ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ନବାଗତଙ୍କୁ ସମ୍ମୋହିତ କରିବା ସହ ରେଡକ୍ରସ ଚିହ୍ନିତ ଟୋପି ପ୍ରଦାନ କରି ଉତ୍ସାହିତ କରିଥିଲେ।

## ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଶ୍ରୀବଳଦେବଜୀଉଙ୍କ ନିକଟରେ ଦୀପ ଦାନ

**କେନ୍ଦ୍ରାପଡା, ୧୬।୧୦(ସଂଚାର ବ୍ୟୁରୋ):** ବରେଣ୍ୟ ଜନ ନାୟକ ତଥା ବିଜୁ ଜନତା ଦଳର ସଭାପତି ମାନ୍ୟବର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ରେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଶ୍ରୀ ବଳଦେବଜୀଉଙ୍କ ଅରୁଣ ସ୍ତମ୍ଭ ନିକଟରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳଙ୍କ ନେତୃତ୍ୱରେ ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ରହି ଦୀପ ଦାନ କରିଥିଲେ। ଏହି ଦୀପ ଦାନ ସମୟରେ ଅନ୍ୟମାନଙ୍କ ମଧରେ ପୂର୍ବତନ ଜିଲ୍ଲା ସଭାପତି ଧିରେନ ସାହୁ, ଜିଲ୍ଲା ବିଜେଡି ସଭାପତି ରାଜେଶ ଦାସ, କାଉନସିଲର ନିରାକାର ସ୍ୱାଇଁ, ଉମେଶ ନାୟକ, ପୂର୍ବତନ ଚେୟାରମ୍ୟାନ ରୋସନା ସାହୁ, ହିରଣ୍ମୟ କୁମାର ପଣ୍ଡା, ରଂଜନ ସାହୁ, ଅକ୍ଷୟ ମେକାପ, ସଂଜୟ ଜେନା, ଟାଉନ ସଭାପତି ଯଜାତି ମହାନ୍ତି, ବ୍ଲକ ସଭାପତି ଆଲୋକ ସାହୁ, ବ୍ଲକ ଉପାଧକ୍ଷାଙ୍କ ସମେତ ବହୁ ମହିଳା, ସରପଂଚ, ସମିତିସଭ୍ୟ, କାଉନସିଲରମାନେ ଉପସ୍ଥିତ ଥିଲେ ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା





**ସାଲେପୁର, ୧୬।୧୦(ସଂଚାର ବ୍ୟୁରୋ):** ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ୩ଟି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଜନସମ୍ପର୍କ ପଦଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଲୋକମାନଙ୍କର ତଥା ଅଞ୍ଚଳର ବିକାଶ ସମ୍ପର୍କରେ ଗୁରୁତ୍ୱ ଦେବା ସହ ଚାଷ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବହୁଗ୍ରାମ, ସିଢ଼ୋ, ଭୀମଦାସପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶତାଧିକ କର୍ମୀ ଓ ମହିଳାମାନେ ଏକତ୍ରିତ ହୋଇ ଘର ଘର ବୁଲି ନବୀନ ପଟ୍ଟନାୟକ ଓ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ଚଢ଼ା ମୂଲ୍ୟ ଦେଇ ସାର କିଣିଥିବା ଚାଷୀ ଫେରିପାଇଲେ ଅର୍ଥ

**ସାଲେପୁର, ୧୬।୧୦(ସଂଚାର ବ୍ୟୁରୋ):** ଚାଟେଶ୍ୱର ସେବା ସମବାୟ ସମିତିରେ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ମୂଲ୍ୟରେ ଚାଷୀଙ୍କୁ ସାର ବିକ୍ରି କରିଥିବା ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବାପରେ ବସ୍ତାପ୍ରତି ୫୦ଟଙ୍କା ମୂଲ୍ୟ ହ୍ରାସ କରି ଚାଷୀମାନଙ୍କୁ ସୋସାଇଟି ପକ୍ଷରୁ ଫେରସ୍ତ କରାଯାଇଛି। ପ୍ରକାଶ ଯେ ସଉରୀ ପଞ୍ଚାୟତ ଅନ୍ତର୍ଗତ ଚାଟେଶ୍ୱର ସେବା ସମବାୟ ସମିତି ସାର କଳାବଜାରୀ ଓ ଚଢ଼ା ଦରରେ ଚାଷୀଙ୍କୁ ବିକ୍ରି କରିବା ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବାପରେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ବସ୍ତା ପିଛା ନେଇଥିବା ଅଧିକ ୫୦ଟଙ୍କାକୁ ଚାଷୀମାନଙ୍କୁ ଫେରସ୍ତ କରାଯାଇଥିବା ଜଣାଯାଇଛି। ସମବାୟ ସମିତିର ଚାଷୀ ପ୍ରମୋଦ ବେହେରା, ଦିବାକର ସାମଲ, ନିତ୍ୟାନନ୍ଦ ବେହେରା, ମାନସ ଭୋଇ, ଶୁଭ୍ରଜିତ୍ ମହାରଣା, ସୁବ୍ରତ ଭୂୟାଁ, ପରିକ୍ଷୀତ ଖଟାଇଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଗତ କିଛି ଦିନ ତଳେ ଚାଟେଶ୍ୱର ସେବା ସମବାୟ ସମିତିରେ ରାତ୍ରିରେ ସାର କଳା ବଜାରୀ ହେଉଥିବାର ଭିଡ଼ିଓ ଭାଇରାଲ୍ ହେବା ଘଟଣାରେ ସମବାୟ ସମିତି ପକ୍ଷରୁ ଦାୟିତ୍ୱରେ ଥିବା ଡାଟା ଏଣ୍ଟ୍ରି ଅପରେଟର ଚନ୍ଦନ କୁମାର ବେହେରା କହିଛନ୍ତି ଯେ ଘଟଣା ଦିନ ମୁଁ ଚାଷୀଙ୍କର ଧାନ ପଂଜିକରଣର ଭାଲିଡେସନ୍ କାର୍ଯ୍ୟ କରିବା ପାଇଁ ସମବାୟ ସମିତି ଉପନିବନ୍ଧକ, କଟକ କାର୍ଯ୍ୟାଳୟକୁ ଯାଇଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ସୋସାଇଟିର ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ସନ୍ଧ୍ୟାରେ ଘରକୁ ଫେରିଥିଲି। ଉକ୍ତ ଦିନ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ରାତ୍ର ପ୍ରାୟ ୮ଟା ବେଳେ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟ କରୁଥିବାବେଳେ ଉକ୍ତ ସୋସାଇଟିର ଚାଷୀ କୁମର ଚରଣ ରାଉତରାୟ ପହଞ୍ଚି ମୋତେ ସାର ଯୋଗାଇଦେବାପାଇଁ ଜିଦ୍ ଧରିଥିଲେ। ଯଦି ସାର ଦିଆନଯାଏ, ତେବେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଧମକ ଲିଖିତ ଭାବେ ଜଣାଇଥିଲେ। ଫଳରେ ମୁଁ ବାଧ ହୋଇ ତାଙ୍କୁ ସାର ବସ୍ତାଟି ଦେଇଥିବାବେଳେ ଏହାକୁ ରାଜନୈତିକ ଆକ୍ରୋଶ ମନୋଭାବ ରଖି ଅନ୍ୟ ରୂପ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ପରିବେଶ ସୁରକ୍ଷା ଓ ସଚେତନତାରେ ଗଛ ମଣିଷ



**କେନ୍ଦ୍ରାପଡ଼ା, ୧୬।୧୦(ସଂଚାର ବ୍ୟୁରୋ):** ମୁହଁରେ ଧଳା ଓ ସବୁଜ ରଙ୍ଗ । ଶରୀରରେ ବିଭିନ୍ନ ଗଛଲତା ଓ ଜୀବଜନ୍ତୁ ତଥା ସରୀସୃପ ଘେରା ଓ ହାତରେ ଜାତୀୟ ପତାକା । ପରିବେଶ ବିଲେ ପୃଥିବୀ ବିବାର ର୍ବା ନେଇ ସୁଦୂର ଅନୁଗୁଳରୁ ବାହାରି ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପରିବେଶ ସଚେତନତାର ର୍ବା ବୁଛନ୍ତି ସେ । ସ୍ଥାନୀୟ ଅଳର ପରିବେଶ ସମ୍ପର୍କିତ ସମସ୍ୟାର ସମାଧାନ ନିମନ୍ତେ ସଦା ଚେଷ୍ଟିତ ଗଛ ମଣିଷ ଭାବେ ପରିଚିତ କିନ୍ନର ଚିନ୍ମୟୀ ଦାସ । ଏହି ପରିପ୍ରେକ୍ଷୀରେ ମୁଖ୍ୟତଃ କେନ୍ଦ୍ରାପଡ଼ାର ଜୀବନ ରେଖା ବୋଲାଉଥିବା ଗୋବରୀ ନଦୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, କଟକ ଚାନ୍ଦବାଲି ରାଜ୍ୟରାଜପଥରେ ବୃକ୍ଷରୋପଣ ଏବଂ ସମୁଦ୍ର ଉପକୂଳ ଅଳରେ ଝାଉଁ ଗଛ ରୋପଣ ବିଷୟରେ ଆଲୋଚନା କରିବା ସହ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଜିଲ୍ଲାର ସମସ୍ତ ବ୍ୟସ୍ତବହୁଳ ସ୍ଥାନ ମାନଙ୍କରେ ଗଛବେଶ ଧାରଣ କରି ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ଉପରେ ସଚେତନ କରାଇଛନ୍ତି ସେ । ଚିନ୍ମୟୀଙ୍କ ସହ କେନ୍ଦ୍ରାପଡ଼ାର ଯୁବ ସମାଜସେବୀ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ରହିଥିଲେ ।

# ପିଲାଙ୍କ ସହ ଜନ୍ମଦିନ ପାଳିଲେ ନବୀନ

ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଆଜି ୭୯ ବର୍ଷରେ ପଦାର୍ପଣ କଲେ। ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀରେ ବିଶ୍ୱାସ ରଖିଥିବା ଶ୍ରୀ ପଟ୍ଟନାୟକ ତାଙ୍କ ଜନ୍ମଦିନ ଏସଓଏସ ଭିଲେଜର ପିଲାମାନଙ୍କ ଗହଣରେ କାଟିଥିଲେ। ଆଜି ପୂର୍ବାହ୍ଣରେ ଶ୍ରୀ ପଟ୍ଟନାୟକ ସେଠାରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କେକ୍ ଶ୍ରୀ ପଟ୍ଟନାୟକ କାଟିବା ସହ ପିଲାମାନଙ୍କୁ ନିଜେ କେକ୍ ଖୁଆଇ ଦେଇଥିଲେ ଓ ପିଲାମାନଙ୍କୁ ଉପହାର ଦେଇଥିଲେ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଆଜି ପିଲାମାନଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଥିଲେ।



# ଜନସମ୍ପର୍କ ପଦଯାତ୍ରାରେ ନବୀନ

ଭୁବନେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ଣରେ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଜେଡିର ନେତା ଓ କର୍ମୀମାନଙ୍କ ଗହଣରେ ଶ୍ରୀ ପଟ୍ଟନାୟକ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ଓଡିଶା ବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜୁ ଜନତା ଦଳର ମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡିଶା ମା'ର ସେବା କରିଚାଲିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଭୁବନେଶ୍ୱର ବିଜୁ ଜନତା ଦଳର ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟକ ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟରମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଚକୋଲେଟ ବାଣ୍ଟି ଥିଲେ। ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅକଟୋବର ୯ ରୁ ଆରମ୍ଭ ହୋଇ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ।



# ରାଜ୍ୟ ବିଜେପିର ନୂଆ ଟିମ୍ ଗଠିତ

## ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ, ୧୦ ସମ୍ପାଦକ ଘୋଷିତ

ଭୁବନେଶ୍ୱର ୧୬।୧୦(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିର ନୂଆ ଟିମ୍ ଘୋଷଣା ହୋଇଛି। ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକଙ୍କ ନାଁ ଘୋଷଣା କରାଯାଇଛି । ସେହିଭଳି ୧୦ ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷଙ୍କ ନାଁ ମଧ୍ୟ ଘୋଷଣା କରାଯାଇଛି। ଉପସଭାପତି ତାଲିକାରେ ଯତୀନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ.ନାରାୟଣ ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋୟଲ, ବିଷ୍ଣୁ ଦାସ। ସେହିଭଳି ସାଧାରଣ ସମ୍ପାଦକ ତାଲିକାରେ ବିରଞ୍ଚି ତ୍ରିପାଠୀ, ଶାରଦା ପ୍ରସାଦ ଶତପଥୀ, ସୀମାଞ୍ଚଳ ଖଟେଇ, ପୂର୍ଣ୍ଣିମା ପ୍ରୀୟଦର୍ଶନୀ ନାୟକ ରହିଛି। ସମ୍ପାଦକ ହେଲେ ସରୋଜ କୁମାର କର, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତି ପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଂସଦା, ମମତା ସିଂ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ। ସେହିଭଳି କୋଷାଧ୍ୟକ୍ଷ ଦାୟିତ୍ୱରେ ଅଜୟ ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଦାୟିତ୍ୱରେ ଦିବାକର ହରିଚନ୍ଦନ ରହିଛନ୍ତି।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଯାପିତ



ପୁରୀ, ୧୬।୧୦(ସଂଚାର ବ୍ୟୁରୋ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗ ଦ୍ୱାରା ଆୟୋଜିତ 'ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗବିଜ୍ଞାନ' ଶୀର୍ଷକ ଦୁଇଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ଗୁରୁବାର ବିଶ୍ୱବିଦ୍ୟାଳୟର ଅଧିଷଦ୍ ଭବନରେ ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦାନ କରି ଯୋଗ ବିଜ୍ଞାନସମ୍ମତ ଏକ ବିଶାଳ ଆଧ୍ୟାତ୍ମିକ ଶାସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ପ୍ର. ପ୍ୟାରୀମୋହନ ପଟ୍ଟନାୟକ ଯୋଗଦାନ କରି ଯୋଗଶାସ୍ତ୍ରର ମହନୀୟତାକୁ ସରଳ ଓ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସମ୍ମାନିତ ବକ୍ତା ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନ୍ୟାୟ ବିଭାଗୀୟ ପ୍ରାକ୍ତନ ଆଚାର୍ଯ୍ୟ ପ୍ର. କମଳେଶ ମିଶ୍ର ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ସର୍ବଦର୍ଶନ ବିଭାଗର ବିଭାଗମୁଖ୍ୟ ପ୍ରୋ. ଗୌରପ୍ରିୟା ଦାଶ ସାଂପ୍ରତିକ ପରିସ୍ଥିତିରେ ଯୋଗର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସଭାପତି ଭାବରେ ସ୍ନାତକୋତ୍ତର ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସାହିତ୍ୟ ବିଭାଗ ମୁଖ୍ୟ ପ୍ର. ବସନ୍ତ କୁମାର ମିଶ୍ର ସଭାମଣ୍ଡନ କରିଥିଲେ। ସମ୍ପୂର୍ଣ୍ଣ ଭାରତବର୍ଷରୁ ଅନେକ ବିଶିଷ୍ଟ ବିଦ୍ୱାନବୃନ୍ଦ ଉକ୍ତ ଚର୍ଚ୍ଚାସୋତ୍ରରେ ଯୋଗଦାନ କରି 'ଭାରତୀୟ ଜ୍ଞାନପରମ୍ପରାରେ ଯୋଗବିଜ୍ଞାନ' ଶୀର୍ଷକ ବିଷୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ସୁରେଶ୍ୱର ମେହେର, ରୋହିତ କୁମାର ଦାଶ, ଡ. ହରିହର ଦାସ, ଡ. ହରପ୍ରିୟା ଦାଶ, ଡ. ରଚନା ରସ୍ତୋଗୀ, ଡ. ବିଜୟ କୁମାର ମୀନା, ଡ. ଜୟଶ୍ରୀବାଳା ମଲ୍ଲିକ, ଡ.ଶ୍ୱେତପଦ୍ମା ଶତପଥୀ ପ୍ରମୁଖ ସଭାମଣ୍ଡନ କରିଥିଲେ। ୪ ଗୋଟି ସତ୍ରରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଶୋଧପ୍ରବନ୍ଧ ପାଠ କରାଯାଇଥିଲା।

# ଉଠାଦୋକାନ ଉଚ୍ଛେଦ ବିରୋଧରେ ମେୟରଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରର ବିଭିନ୍ନ ଜାଗାରେ ନିଜର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ୩ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ଉଚ୍ଛେଦ କରିବା ପ୍ରତିବାଦରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ଗୁରୁବାର ମେୟରଙ୍କ ବାସଭବନ ଘେରାଉ ପାଇଁ ଡାକରା ଦେଇଥିଲା। କଳ୍ପନା ଛକରୁ ଉଠାଦୋକାନୀ ମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରିବା ସମୟରେ ସେଠାରେ ପୁଲିସ୍ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ଅଟକାଇଥିଲା। ଅଟକାଇବା ସମୟରେ ମହାସଂଘର ଉପସଭାପତି ନିରଞ୍ଜନ ପାଣ୍ଡେ ଓ ମଞ୍ଜୁଲତା ନାୟକ ପୁଲିସ୍‌ଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଫଳରେ ପୁଲିସ୍ ଆନ୍ଦୋଳନକାରୀ ମାନଙ୍କୁ ଆଗକୁ ଯିବାକୁ ଦେଇନଥିଲା। ଏହାପରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଲତା ସାହୁ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ବିଏମ୍‌ସି ଅଫିସ୍ ଯାଇ ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମହାସଂଘର ପ୍ରମୁଖ ଦାବି ଗୁଡିକ ହେଲା ସମ୍ପୂର୍ଣ୍ଣ ଉଠାଦୋକାନ ଉଚ୍ଛେଦ ବନ୍ଦ କରାଯାଉ, ନୂତନ ଟାଉନ ଭେଣ୍ଡିଂଜୋନ ଗଠନ କରାଯାଉ, ଉଠାଦୋକାନମାନଙ୍କୁ ଉଚ୍ଛେଦ କରି ସେଠାରେ ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ଷ୍ଟାଣ୍ଡ କରାନଯାଉ, ୬୭ଟି ୱାର୍ଡ଼ରେ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଉ, ଉଠାଦୋକାନ ଆଇନ ଅନୁଯାୟୀ ଫୁଟପାଥର ଏକ ତୃତୀୟାଂଶ ସ୍ଥାନ ଉଠାଦୋକାନୀମାନଙ୍କ ପାଇଁ ସଂରକ୍ଷଣ ରଖାଯାଉ, ପ୍ରବାସୀ ଭାରତୀୟ / ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରାଯାଉ, ଭୁବନେଶ୍ୱରରେ ଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ସର୍ଭେ କରାଯାଇ ଭେଣ୍ଡିଂ ସାର୍ଟିଫିକେଟ ଓ ଲାଇସେନ୍ସ ପ୍ରଦାନ କରାଯାଉ, ଭୁବନେଶ୍ୱରରେ ଉଚ୍ଛେଦ ସମୟରେ ଉଠାଦୋକାନୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ଇତ୍ୟାଦି।

# ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଶିଶୁ ପାଠାଗାର

ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ଚିକିତ୍ସାରତ ଶିଶୁ ରୋଗୀଙ୍କ ପାଇଁ କଟକର ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ପୁରୁଣା କୋଠାରେ ପ୍ରଥମ ମହଲାରେ ଏକ ଶିଶୁ ପାଠାଗାର ପ୍ରତିଷ୍ଠିତ କରାଯାଇଛି। ଶିଶୁମାନଙ୍କୁ ଚିକିତ୍ସା ମଧ୍ୟରେ ଶିଖିବା ପାଇଁ ଏହି ଶିଶୁ ପାଠାଗାରର ପରିକଳ୍ପନା କରାଯାଇଥିଲା, ଯାହା ଏବେ ସଫଳ ରୂପ ଧାରଣ କରିଛି। ଏହି ପାଠାଗାରରେ ଶିଶୁଙ୍କ କାହାଣୀ ପୁସ୍ତକ, ଚିତ୍ର ପୁସ୍ତକ, କମିକ୍ସ, ରଙ୍ଗ ସାମଗ୍ରୀ, ଖେଳ ସାମଗ୍ରୀ ଏବଂ ଡିଜିଟାଲ୍ ଶିକ୍ଷଣ ଉପକରଣ ଶିଶୁମାନଙ୍କ ପାଇଁ ହସ୍ପିଟାଲ ପରିସରରେ ଏକ ଶିକ୍ଷଣୀୟ ପରିବେଶ ସୃଷ୍ଟି କରୁଛି। ଏହି ପଦକ୍ଷେପ ଦ୍ୱାରା ଶିଶୁ ରୋଗୀଙ୍କ ଚିକିତ୍ସା ଆବଶ୍ୟକତା ସହ ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ସୁସ୍ଥତା ଉପରେ ମଧ୍ୟ ଧ୍ୟାନ ଦିଆ ଯାଉଛି। ସୃଜନଶୀଳତା ଏବଂ ଶିକ୍ଷାକୁ ଉତ୍ସାହିତ କରି ଶିଶୁ ରୋଗୀଙ୍କ ମଧ୍ୟରେ ସକାରାତ୍ମକତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ହସ୍ପିଟାଲ ପାଠାଗାରରେ ତାଲିମପ୍ରାପ୍ତ କାଉନସିଲର ଏବଂ କର୍ମଚାରୀମାନେ ପିଲାମାନଙ୍କୁ ପଠନ, କାହାଣୀ କହିବା ଏବଂ ଇଣ୍ଟରାକ୍ଟିଭ୍ ଅଧିବେଶନରେ ମନୋନିବେଶ କରିବାରେ ସହାୟତା କରୁଛନ୍ତି।

# 'ସାମୁଦ୍ରିକ ପରିବେଶକୁ ସନ୍ତୁଳିତ ରଖେ ନୀଳରକ୍ତ କଙ୍କଡ଼ା'

## ● ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ସଚେତନକଲା ଫକୀରମୋହନ ବିଶ୍ୱବିଦ୍ୟାଳୟ



ବାଲେଶ୍ୱର, ୧୬।୧୦ (ସଂଚାର ବ୍ୟୁରୋ) : ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ତଥା ପରିବେଶର ସନ୍ତୁଳନ ପାଇଁ ନୀଳରକ୍ତ କଙ୍କଡ଼ା ସହାୟକ ହୋଇଥାଏ। ଏହି ବିରଳ ପ୍ରଜାତିର ସାମୁଦ୍ରିକ ପ୍ରାଣୀଙ୍କ ବଂଶ ଏବେ ଲୋପପାଇବାକୁ ବସିଥିବାରୁ ଏହାର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ "ସାମୁଦ୍ରିକ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୁହିକ ସଚେତନତା ଓ ସମ୍ବେଦିକରଣ କର୍ମଶାଳା"ରେ ଗବେଷକ-ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି। ଏହି କର୍ମଶାଳା ଚାନ୍ଦିପୁର ଅନ୍ତର୍ଗତ ଖାଣ୍ଡିଆ ମୁହାଣ ନିକଟରେ ଥିବା ଖଡୁପାହି ନୋଡାଲ ସ୍କୁଲରେ ଆୟୋଜିତ ହୋଇଥିଲା। "ଭାରତୀୟ ନୀଳରକ୍ତ କଙ୍କଡ଼ା ଗବେଷଣା ଓ ସଂରକ୍ଷଣ କେନ୍ଦ୍ର"ର ନିର୍ଦ୍ଦେଶକ ଶକ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ ଏଥିରେ ଯୋଗଦେଇ କହିଥିଲେ ଯେ ନୀଳରକ୍ତ କଙ୍କଡ଼ାର ରକ୍ତ ଔଷଧୀୟ ଗୁଣରେ ଭରପୁର ଏବଂ ବହୁ ମାରାତ୍ମକ ରୋଗର ନିଦାନ ପାଇଁ ଏହାକୁ ବ୍ୟବହାର କରାଯାଏ। ଅବସରପ୍ରାପ୍ତ ଅଧ୍ୟାପକ ତଥା ନୀଳରକ୍ତ କଙ୍କଡ଼ା ଗବେଷକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ,ଏହି ବିଲୁପ୍ତପ୍ରାୟ ସାମୁଦ୍ରିକଜୀବର ସୁରକ୍ଷା ଏବଂ ବଂଶବୃଦ୍ଧି ପାଇଁ ସାମୁହିକ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ବରିଷ୍ଠ କର୍ମକର୍ତ୍ତା କେଶୁଦାସ କହିଥିଲେ, ମତ୍ସ୍ୟଜୀବୀ ତଥା ଉପକୂଳବାସୀଙ୍କ ଉଦ୍ୟମ ବଳରେ ନୀଳରକ୍ତ କଙ୍କଡ଼ାର ବଂଶବୃଦ୍ଧି ସମ୍ଭବ ହୋଇପାରିବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହଯୋଗ ତଥା ପ୍ରାଣୀ ବିଜ୍ଞାନ, ଜୀବ ବିଜ୍ଞାନ,ସାମାଜିକ ବିଜ୍ଞାନ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, 'ଭାରତୀୟ ନୀଳରକ୍ତ କଙ୍କଡ଼ା ଗବେଷଣା ଓ ସଂରକ୍ଷଣ କେନ୍ଦ୍ର' ଏବଂ ବାଲେଶ୍ୱର ଜଙ୍ଗଲ ଓ ବନ୍ୟ ପ୍ରାଣୀ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗବେଷଣାକେନ୍ଦ୍ରର ଉପନିର୍ଦ୍ଦେଶକ ଡକ୍ଟର ଭାରତ ଭୂଷଣ ପଟ୍ଟନାୟକ, ସହକାରୀ ପ୍ରାଧ୍ୟାପକ ଡକ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ,

# ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସହ ୨ ବିଭାଗର ଆଲୋଚନା



ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଆଜି ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସହ ଏକ ବିସ୍ତୃତ ଆଲୋଚନା କରିଛି। ବୈଠକ ସମୟରେ, ବିଭାଗ ଆଗାମୀ ଅର୍ଥ କମିଶନ ଅବଧିରେ ବିଚାର ପାଇଁ ଏହାର ପ୍ରମୁଖ କାର୍ଯ୍ୟକଳାପ ଏବଂ ପ୍ରାଥମିକତା ବିଷୟରେ ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରିଥିଲା। ପ୍ରୋତ୍ସାହନ ଅନୁଦାନ ପାଇଁ ମାନଦଣ୍ଡ, ସହରାଞ୍ଚଳ ଶାସନ ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରିବା, ପରିମଳରେ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା, ମାନବ ସମ୍ବଳ ବୃଦ୍ଧି କରିବା, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ ଦକ୍ଷତା-ନିର୍ମାଣ ଏବଂ ତାଲିମ, ଦୃଢ଼ ପ୍ରକଳ୍ପ ପରିଚାଳନା ୟୁନିଟ୍ ପ୍ରତିଷ୍ଠା, ହିସାବ ଏବଂ ଆର୍ଥିକ ପରିଚାଳନାରେ ଉନ୍ନତି, ପୌରସଂସ୍ଥା ଗୁଡ଼ିକର ନିଜସ୍ୱ ରାଜସ୍ୱ ବୃଦ୍ଧି ଏବଂ ୨୦୨୬-୨୭ ରୁ ୨୦୩୦-୩୧ ଅବଧି ପାଇଁ କ୍ଷେତ୍ର-ୱାରୀ ଆର୍ଥିକ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ସଦସ୍ୟ ପ୍ରଫେସର ଅସିତ ରାଜନ ମହାନ୍ତି, ଡକ୍ଟର ବିଭୁ ପ୍ରସାଦ ନାୟକ ଏବଂ ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥଙ୍କ ସହିତ ଆଲୋଚନାର ନେତୃତ୍ୱ ନେଇଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଏକ୍ସ-ଅଫିସିଓ ସଦସ୍ୟ ଅରିନ୍ଦମ ଡାକୁଆ, ଆର୍ଥିକ ପରାମର୍ଶଦାତା, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ବିଭାଗର ରଣନୀତିକୁ କମିଶନଙ୍କ ଉଦ୍ଦେଶ୍ୟ ସହିତ ସମନ୍ୱୟ କରିବା ପାଇଁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଥିଲା, ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା, ଆର୍ଥିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବାର ସମାନ ଦୃଷ୍ଟିକୋଣକୁ ମଜବୁତ କରିଥିଲା - ଯାହା ବିକଶିତ ଓଡ଼ିଶା @୨୦୩୬ ଏବଂ ବିକଶିତ ଭାରତ @୨୦୪୭ ର ବୃହତ ଲକ୍ଷ୍ୟରେ ଯୋଗଦାନ ଦେଇଥିଲା।

## ● ନୂଆପଡ଼ା ଉପନିର୍ବାଚନ ପରିଚାଳନା

# କଂଗ୍ରେସର ଷ୍ଟିୟରିଂ କମିଟି ଓ ମନିଟରିଂ କମିଟି ଗଠିତ

ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ଷ୍ଟିୟରିଂ କମିଟି ଓ ମନିଟରିଂ କମିଟି ନିମ୍ନମତେ ଗଠନ କରିଛନ୍ତି। ଉକ୍ତ କମିଟି ଦ୍ୱୟ ବ୍ୟବସ୍ଥିତ ଭାବରେ ନିର୍ବାଚନ ପରିଚାଳନା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ବିଜୟୀ କରିବାରେ ସମସ୍ତ ଦାୟିତ୍ୱ ନିର୍ବାହ କରିବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି। ନିର୍ବାଚନ ଷ୍ଟିୟରିଂ କମିଟିରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସପ୍ତଗିରି ଶଙ୍କର ଉଲ୍ଲାକା, ଦେବାଶିଷ ପଟ୍ଟନାୟକ, ସିର୍ଦ୍ଧାଥ ସ୍ୱରୂପ ଦାଶ, ଅଶୋକ ଦାସ, ସାଗର ଚରଣ ଦାସ, କାଡରକା ଆପାଲା ସ୍ୱାମୀ, ସତ୍ୟଜିତ ଗମାଙ୍ଗୋ, ମଙ୍ଗୁ ଖିଲ, ପବିତ୍ର ସାଉଁଟା ଓ ନିଳମାଧବ ହିକକା ପ୍ରମୁଖ ରହିଛନ୍ତି। ସେହିପରି ନିର୍ବାଚନ ମନିଟରିଂ କମିଟିରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଭାରତ ଭୂଷଣ ବେମାଲ, ବିନୋଦ ପାତ୍ର, କୃଷ୍ଣଚନ୍ଦ୍ର ଶଗରିଆ, ଜାକବ ପ୍ରଧାନ, ଅଶିତ ପଟ୍ଟନାୟକ, ଦୌପ୍ରଦୀ ମାଝୀ, ଫକୀର ଜଗତ, ବିଜୟାନନ୍ଦ ଚାଉଳିଆ, ସରୋଜ ପ୍ରଧାନ, ପିନାକୀ ନାରାୟଣ ଦାସ, ସେମ ହେମ୍ବ୍ରମ, ଜ୍ଞାନରଞ୍ଜନ ଦାସ, ଗଣେଶ ସାହୁ, ଅନିଲ ମେହେର, ଅଜିତ ଦାସ, ଜଳନ୍ଧର ନାୟକ, ଅଖିଳ ଭତ୍ରା, ଦିଲ୍ଲୀପ ଦୁରିଆ, ନିର୍ମଳ ନାୟକ, ହରଦିପ ସିଂ ଓ ଅଙ୍କିତ ସିଂଘାଇ ପ୍ରମୁଖ ରହିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଗୁଜରାଟରେ ଇସ୍ତଫା: ଓଡ଼ିଶା ମନ୍ତ୍ରୀଙ୍କ ଛାତି ଧଡ଼ଧଡ

ଭୁବନେଶ୍ୱର,୧୬।୧୦: ମନ୍ତ୍ରିମଣ୍ଡଳ ପୁର୍ନଗଠନ ପାଇଁ ଗୁଜରାଟରେ ସବୁ ମନ୍ତ୍ରୀ ଇସ୍ତଫା ଦେଇଥିବା ପରିପ୍ରେକ୍ଷୀରେ ଓଡିଶାର ଅନେକ ମନ୍ତ୍ରୀଙ୍କ ଛାତି ଧଡଧଡ ହେଲାଣି। ଯେକୌଣସି ସମୟରେ ଓଡିଶାରେ ମନ୍ତ୍ରିମଣ୍ଡଳ ପୁର୍ନଗଠନ ହେବାର ସମ୍ଭାବନା ରହିଛି ବୋଲି ଅନେକ ଦଳୀୟ ନେତା ବ୍ୟକ୍ତିଗତ ଭାବେ କହୁଛନ୍ତି।

ଓଡିଶା ମନ୍ତ୍ରିମଣ୍ଡଳରେ ୨୨ଜଣ ରହିବାର ବ୍ୟବସ୍ଥା ଥିବାବେଳେ ୨୦୨୪ ଜୁନ୍ ୧୨ ତାରିଖରେ ୧୬ଜଣ ଶପଥ ନେଇଥିଲେ। ମନ୍ତ୍ରୀ ପରିଷଦରେ ଆଉ ୬ଟି ସ୍ଥାନ ଖାଲି ରହିଛି। ତେବେ ଏହା ପୂରଣ କରିବା ନକରିବା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର ହୋଇଥିଲେ ମଧ୍ୟ ବିଜେପି ଏକ ରାଷ୍ଟ୍ରୀୟ ଦଳ ହୋଇଥିବାରୁ ଦଳର କେନ୍ଦ୍ରୀୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବ, ବସ୍ତୁତଃ ତାହା ରାଜ୍ୟରେ ଘଟିବ। ମନ୍ତ୍ରୀ ପରିଷଦରୁ କାହାକୁ ବିଦା ନକରି ଯଦି ସମସ୍ତେ ଏକ ସଙ୍ଗେ ଇସ୍ତଫା ଦେଇଦିଅନ୍ତି ତେବେ ପୁରୁଣା ମନ୍ତ୍ରୀଙ୍କ ସହିତ କିଛି ନୂଆ ମୁହଁଙ୍କୁ ମନ୍ତ୍ରୀ ପରିଷଦରେ ସାମିଲ କରିବା ସହଜ ହେବବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ମତ।

ନୂଆ ସରକାର ଗଢ଼ାଯିବାର ଇତି ମଧ୍ୟରେ ୧୬ମାସ ପୂରଣ ହେବାକୁ ଯାଉଥିବାବେଳେ କେବଳ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ନୂଆ ସରକାରୀ ଓକିଲ ପ୍ୟାନେଲ ନିଯୁକ୍ତି ପାଇଛନ୍ତି। ଜିଲ୍ଲା ଅଦାଲତଗୁଡିକରେ ଆଜିର ଦିନରେ ବି ବିଜେଡି ଆଇନ୍‌ଜୀବୀ ସାମୁଖ୍ୟର ଛାମୁଆ ନେତାଙ୍କ ସମେତ ସେମାନଙ୍କର ବହୁ ସମର୍ଥକ କାମ କରୁଥିବାରୁ ବିଜେପିରେ ବର୍ଷ ବର୍ଷ ଧରି କାମ କରିଥିବା ଓକିଲମାନେ ସରକାରୀ ନିଯୁକ୍ତି ନପାଇ ନିରାଶ ହେଉଛନ୍ତି । ସେହିଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ବୋର୍ଡ, ନିଗମ ଓ କମିଶନଗୁଡିକ ମଧ୍ୟରୁ କେବଳ ଶିଶୁ ସୁରକ୍ଷା ଅଧିକାର କମିଶନ ଓ ମହିଳା କମିଶନରେ ବିଜେପିର କିଛି ନେତ୍ରୀ ନିଯୁକ୍ତ ହୋଇଛନ୍ତି। ଅନ୍ୟ ସଂସ୍ଥାଗୁଡିକରେ କିନ୍ତୁ ଏଯାବତ୍ ନିଯୁକ୍ତି ଦିଆଯାଇ ପାରିନାହିଁ ଓଡିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଉର୍ଦ୍ଦୁ ଏକାଡେମୀ, ଭାଷା ପ୍ରତିଷ୍ଠାନ ଆଦିରେ ମଧ୍ୟ କର୍ମକର୍ତ୍ତା ନିଯୁକ୍ତି ନକରି ସରକାରୀ ଅଧିକାରୀମାନଙ୍କ ଦ୍ୱାରା କାମ ଚଳାଯାଉଛି। ଏଗୁଡିକରେ ନିଯୁକ୍ତି ପାଇବାପାଇଁ ସରକାର ଆସିବା ପରଠାରୁ ଅପେକ୍ଷା କରି କରି ଅନେକଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ଏବେ ଏକାଡେମୀରେ ନିଯୁକ୍ତି ପ୍ରସଙ୍ଗ ଘେନି ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହେଲାଣି। ପଦବୀ ସବୁ ପୂରଣ କରାନଯିବା ପଛରେ କ'ଣ ବାଧ୍ୟ ବାଧକତା ରହିଛି ତାହା କେହି ସ୍ପଷ୍ଟ କରୁନାହାନ୍ତି।

ଗତ ବିଜେଡି ସରକାର ସମୟରେ ବିଭିନ୍ନ ବିଭାଗ ଓ ସଂସ୍ଥାରେ ଉପଦେଷ୍ଟାମାନ ନିଯୁକ୍ତ କରାଯାଉଥିଲା। ଏଥିରେ ବହୁ ଦଳୀୟ ଲୋକ ଥଇଥାନ ହେଉଥିଲେ। ବିଜେପି ସରକାର ଆସିବାପରେ ପୁରୁଣା ଉପଦେଷ୍ଟାମାନେ ଓହରି ଯାଇଛନ୍ତି। ସେମାନଙ୍କ ସ୍ଥାନରେ ଆଉ କାହାକୁ ନୂଆ ଉପଦେଷ୍ଟା କରାଯାଉନାହିଁ। ଏହାଛଡା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଯୋଜନାବୋର୍ଡ ବୈଠକ ଗତ ସରକାର ସମୟରେ ପ୍ରାୟ ୧୫ବର୍ଷ ଧରି ବସିନଥିଲା। ବର୍ତ୍ତମାନର ସରକାର ଯୋଜନା ପରେ ଯୋଜନା କରୁଥିବାବେଳେ ଯୋଜନା ବୋର୍ଡକୁ କିନ୍ତୁ ନୀତି ଆୟୋଗ ଢାଞ୍ଚାରେ କରିପାରୁ ନାହାନ୍ତି। ସେହିପରି ଜିଲ୍ଲା ଯୋଜନା କମିଟିଗୁଡିକରେ ଅନେକ ବିଧାୟକଙ୍କୁ ପୂର୍ବରୁ ଅଧ୍ୟକ୍ଷ ରଖାଯାଉଥିଲା। ଏମାନଙ୍କୁ ସବୁ ମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ମିଳୁଥିଲା। କେତେକ ଜିଲ୍ଲାରେ ଅବଶ୍ୟ ମନ୍ତ୍ରୀମାନେ ଯୋଜନା କମିଟିର ଅଧ୍ୟକ୍ଷ ରହିଥିଲେ। ଏବେ ଗୋଟିଏ ହେଲେ ଜିଲ୍ଲାରେ ଯୋଜନା କମିଟିର କେହି ଅଧ୍ୟକ୍ଷ ନିଯୁକ୍ତି ପାଇନାହାନ୍ତି। ଏଥିଯୋଗୁଁ ଅନେକ କାର୍ଯ୍ୟକ୍ରମ ବ୍ୟାହତ ହେଉଛି ବୋଲି ବାରମ୍ବାର ଅଭିଯୋଗ ଆସୁଛି। ତେବେ ଜାଣିବା ଶୁଣିବା ମହଲ କହୁଛନ୍ତି ଯେ, ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ତୁରନ୍ତ ଅନ୍ୟ ରାଜନୈତିକ ନିଯୁକ୍ତି ଦିଆଯାଇପାରେ। (ତଥ୍ୟ)

## ● ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ୩ ଶାର୍ପ ଶୁଟରଙ୍କୁ ପୁଲିସର ପଚରାଉଚରା



ଗଞ୍ଜାମ, ୧୬।୧୦(ସଂଚାର ବ୍ୟୁରୋ): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ୩ ଜଣ ଶାର୍ପ ଶୁଟରଙ୍କୁ ଧରିଛି ବ୍ରହ୍ମପୁର ପୁଲିସ। ବିହାରରୁ ସମ୍ପୃକ୍ତ ୩ ଜଣଙ୍କୁ ପୁଲିସ ଉଠାଇ ଆଣିଥିବା ସୂଚନା ମିଳିଛି। ଗତକାଲି ରାତିରେ ସେମାନଙ୍କୁ ବ୍ରହ୍ମପୁର ଆଣି ବୈଦ୍ୟନାଥପୁର ଥାନାରେ ରଖି ପଚରା ଉଚୁରା କରାଯାଉଛି। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବାକୁ ପୁଲିସ ଉଦ୍ୟମ ଚଳାଇଛି। ବ୍ରହ୍ମପୁରରୁ ଅପରାଧୀମାନେ ସେମାନଙ୍କୁ ହାତ କରି (ସୁପାରି ଦେଇ) ପିତବାସଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏତଦ୍ ବ୍ୟତୀତ ବିହାର, କୋଲକାତା ଓ ଦିଲ୍ଲୀରେ ଏହି ହତ୍ୟା କାଣ୍ଡର ଲିଙ୍କ୍ ଥିବା ପୁଲିସ ସନ୍ଦେହ କରୁଛି। ପ୍ରତ୍ୟକ୍ଷଦର୍ଶୀ, ସହକର୍ମୀଙ୍କୁ ମିଶାଇ ଏଯାବତ୍ ୫୦ରୁ ଅଧିକ ଜଣଙ୍କୁ ଜେରା କରାଗଲାଣି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁଲିସର ହସ୍ତଗତ ହୋଇଛି। ପୁଲିସ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି। ପ୍ରକାଶ ଥାଉକି, ଗତ ୬ ତାରିଖ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଆଇନଜୀବୀ ପୀତବାସଙ୍କୁ ଅତି ନିକଟରୁ ୨ ରାଉଣ୍ଡ ଗୁଳି କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବନ୍ଧୁକ ଚୋରାଚାଲାଣ ଅଭିଯୋଗରେ ୨ ଗିରଫ

ସମ୍ବଲପୁର,୧୬।୧୦(ସଂଚାର ବ୍ୟୁରୋ): ଆଜି ରେଙ୍ଗାଲି ଥାନା ପୁଲିସକୁ ବେଶ୍ ସଫଳତା ମିଳିଛି। ବନ୍ଧୁକ ଚୋରାଚାଲାଣ କରୁଥିବା ଅଭିଯୋଗରେ ଦୁଇଜଣ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏସମ୍ପର୍କରେ ପୁଲିସ ୨୫(୧/କକ) ଓ ୩୫ ଆର୍ମସ ଆକ୍ଟରେ ୨୩୧/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ବଡମାଲ ଥାନା ମାଲଡା ଗ୍ରାମର ସୁରଥ କିଷାନର ୨୬ ବର୍ଷିୟ ପୁଅ ସିଦ୍ଧାନ୍ତ ଏବଂ ସ୍ୱର୍ଗତ ସୁଦର୍ଶନ କିଷାନର ପୁଅ ଯୁଧିଷ୍ଠିର ଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଆଜି ସକାଳେ ପୁଲିସ ପାଟ୍ରୋଲିଂ ସ୍କାର୍ଡ ଅଭିଯୁକ୍ତ ସିଦ୍ଧାନ୍ତ କିସାନ ଓ ଯୁଧିଷ୍ଠିର କିସାନଙ୍କୁ ଗିରଫ କରିଥିଲା। ଏମାନେ ଆଜି ଓଡି ୨୩ ବି ୪୪୫୫ ନମ୍ବରର ଏକ ହୁଣ୍ଡାଇ ଆଇ ଟ୍ୱେଣ୍ଟି କାରରେ ସମ୍ବଲପୁର ଦିଗରୁ ଝାରସୁଗୁଡା ଦିଗକୁ ଗୋଟିଏ ଦେଶୀ ତିଆରି ସ୍ୱୟଂଚାଳିତ ପିସ୍ତଲ ୭.୬୫ ଏମ୍‌ଏମ୍‌ଓ ମ୍ୟାଗାଜିନ ଏବଂ ଗୋଟିଏ ଦେଶୀ ତିଆରି ସିଙ୍ଗଲ ସଟ୍‌ଗନ ବେପାର ଉଦ୍ଦେଶ୍ୟରେ ଚାଲାଣ କରୁଥିଲେ ବୋଲି ପୁଲିସ ଯାଞ୍ଚବେଳେ ଜଣା ପଡ଼ିଥିଲା। ପୁଲିସ ସେମାନଙ୍କ ଠାରୁ ଚାଲାଣ ହେବାକୁ ଥିବା ଦୁଇ ମାରଣାସ୍ତ୍ର ସହ ଗୋଟିଏ ଖାଲି ମ୍ୟାଗାଜିନ୍, ଗୋଟିଏ ୧୫ ପ୍ରୋ ଆପଲ ମୋବାଇଲ, ଗୋଟିଏ ଭିଭୋ ୨୯ ମୋବାଇଲ, ବ୍ୟବହୃତ କାର୍ ଜବତ କରିଛି।

# ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେପିର ଷ୍ଟାର ପ୍ରଚାରକ ତାଲିକା ଦାଖଲ

ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ସହିତ ପ୍ରସ୍ତୁତି କାର୍ଯ୍ୟରେ ବିଜେପି ଆଗୁଆ ରହିଛି। ବିକାଶ ଓ ଅଭିବୃଦ୍ଧିର ମୂର୍ତ୍ତିକାରଙ୍କୁ ନେଇ ପ୍ରସ୍ତୁତ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଆଜି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି।

**୪୦ ଜଣିଆ ତାଲିକାରେ ମୋହନ, ମନମୋହନ, ଧର୍ମେନ୍ଦ୍ର, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ**

ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ. ସମ୍ବିତ ପାତ୍ର, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବିଜମୋହନ ଅଗ୍ରୱାଲ, ସଙ୍ଗୀତା ସିଂହଦେଓ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ, ଆଦିବାସୀ କଲ୍ୟାଣ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଛତିଶଗଡ଼ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସୱନ୍ତ ସାହବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସାଂସଦ ସୁଜିତ କୁମାର, ସାଂସଦ ରୁପକୁମାରୀ ଚୌଧୁରୀ, ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ସାଂସଦ ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାଶ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ଶ୍ରୀ ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି।



sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୧୭ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Friday 17 October 2025, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭାରତକୁ ନଷ୍ଟ କରିବାର ବିଫଳ ପ୍ରୟାସ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଭାରତ ବିରୋଧୀ ନୀତି ଏବଂ ତାଙ୍କର ବିଫଳ ପ୍ରୟାସଗୁଡ଼ିକ ଉପରେ ଏକ ଆଲୋଚନା କରିବା ଆବଶ୍ୟକ। ଟ୍ରମ୍ପଙ୍କର ଶାସନକାଳ (୨୦୧୭-୨୦୨୧) ସମୟରେ ଭାରତ ସହିତ ବାଣିଜ୍ୟ ଯୁଦ୍ଧ ଏବଂ ରାଜନୈତିକ ଟକ୍କର ଦେଖାଦେଇଥିଲା। ସେ ଭାରତର ଅର୍ଥନୈତିକ ବୃଦ୍ଧିକୁ ବାଧା ଦେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭାରତର ଦୃଢ଼ତା ଏବଂ ରଣନୀତିକ ଚାତୁର୍ଯ୍ୟ ଯୋଗୁଁ ତାଙ୍କର ଯୋଜନା ବିଫଳ ହୋଇଥିଲା। ଆଜିର ସମୟରେ, ୨୦୨୫ରେ, ଟ୍ରମ୍ପଙ୍କର ପୁନରାଗମନ ସମ୍ଭାବନା ମଧ୍ୟରେ ଏହି ବିଷୟ ଆହୁରି ପ୍ରାସଙ୍ଗିକ ହୋଇଉଠିଛି।

ଟ୍ରମ୍ପଙ୍କର 'ଆମେରିକା ଫାର୍ଷ୍ଟ' ନୀତି ଭାରତକୁ ସିଧାସଳଖ ପ୍ରଭାବିତ କରିଥିଲା। ୨୦୧୮ରେ ସେ ଭାରତୀୟ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉପରେ ୨୫% ଏବଂ ୧୦% ଶୁଳ୍କ ଲଗାଇଥିଲେ। ଏହା ଭାରତର ରପ୍ତାନିକୁ ବାଧା ଦେବାର ଉଦ୍ଦେଶ୍ୟରେ ଥିଲା। କିନ୍ତୁ ଭାରତ ତୁରନ୍ତ ପ୍ରତିକ୍ରିୟା ସ୍ୱରୂପ ଆମେରିକୀୟ ଉତ୍ପାଦନ ଯଥା ଆଲମଣ୍ଡ, ଆପଲ୍ ଏବଂ ମୋଟରସାଇକେଲ୍ ଉପରେ ଶୁଳ୍କ ବଢ଼ାଇଥିଲା। ଏହି ପ୍ରତିଶୋଧମୂଳକ ପଦକ୍ଷେପ ଟ୍ରମ୍ପଙ୍କୁ ପଛଘୁଞ୍ଚା ଦେଇଥିଲା ଏବଂ ବାଣିଜ୍ୟ ଆଲୋଚନାର ଦ୍ୱାର ଖୋଲିଥିଲା। ଫଳସ୍ୱରୂପ, ଭାରତର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇନଥିଲା; ବରଂ ଏହା ଆମେରିକା ସହିତ ସମ୍ପର୍କକୁ ଆହୁରି ମଜବୁତ୍ କରିଥିଲା।

ଆଉ ଏକ ପ୍ରମୁଖ ପ୍ରୟାସ ଥିଲା ଭାରତକୁ ଜିଏସ୍‌ପି (ଜେନେରାଲାଇଜ୍‌ଡ୍ ସିଷ୍ଟମ୍ ଅଫ୍ ପ୍ରେଫରେନ୍ସେସ୍) ସୁବିଧାରୁ ବଞ୍ଚିତ କରିବା। ୨୦୧୯ରେ ଟ୍ରମ୍ପ ଏହି ସ୍ଥିତି ପ୍ରତ୍ୟାହାର କରିଥିଲେ, ଯାହା ଭାରତର ରପ୍ତାନିକାରୀମାନଙ୍କୁ ପ୍ରଭାବିତ କରିବାର ଥିଲା। କିନ୍ତୁ ଭାରତ ଏହାର ପ୍ରତିକ୍ରିୟାରେ ନିଜର ବାଣିଜ୍ୟ ବିବିଧତା ବଢ଼ାଇଥିଲା ଏବଂ ଅନ୍ୟାନ୍ୟ ବଜାର ଯଥା ଇଉରୋପ ଏବଂ ଏସିଆନ୍ ଦେଶଗୁଡ଼ିକୁ ଧ୍ୟାନ ଦେଇଥିଲା। ଏହି ରଣନୀତି ଯୋଗୁଁ ଭାରତର ରପ୍ତାନି ହ୍ରାସ ପାଇନଥିଲା; ବରଂ ଏହା ଆତ୍ମନିର୍ଭରତାର ଦିଗକୁ ଆଗେଇଥିଲା। ଟ୍ରମ୍ପଙ୍କର ଏହି ପଦକ୍ଷେପ ଭାରତକୁ ନଷ୍ଟ କରିବା ପରିବର୍ତ୍ତେ ତାକୁ ଆହୁରି ଶକ୍ତିଶାଳୀ କରିଥିଲା।

ଭିସା ନୀତିରେ ମଧ୍ୟ ଟ୍ରମ୍ପ ଭାରତୀୟ ଆଇଟି ପ୍ରଫେସନାଲ୍‌ମାନଙ୍କୁ ଟାର୍ଗେଟ୍ କରିଥିଲେ। ଏଚ୍‌୧ବି ଭିସାର କଡ଼ାକଡ଼ି ନିୟମ ଏବଂ ନିଯୁକ୍ତି ପ୍ରକ୍ରିୟାର କଠୋରତା ଯୋଗୁଁ ଅନେକ ଭାରତୀୟ ଯୁବକ ପ୍ରଭାବିତ ହୋଇଥିଲେ। କିନ୍ତୁ ଭାରତର ଆଇଟି ଇଣ୍ଡଷ୍ଟ୍ରି ଏହାର ପ୍ରତିକ୍ରିୟାରେ ଘରୋଇ ବଜାରକୁ ବଳବତ୍ତର କରିଥିଲା ଏବଂ ଅନ୍ୟାନ୍ୟ ଦେଶରେ ବିସ୍ତାର କରିଥିଲା। ଫଳସ୍ୱରୂପ, ଭାରତର ଆଇଟି ସେକ୍ଟର ଆହୁରି ବୃଦ୍ଧି ପାଇଥିଲା, ଯାହା ଟ୍ରମ୍ପଙ୍କର ଉଦ୍ଦେଶ୍ୟକୁ ବିଫଳ କରିଥିଲା।

ରାଜନୈତିକ ଦୃଷ୍ଟିରୁ, ଟ୍ରମ୍ପ ଭାରତକୁ ଚୀନ୍ ବିରୋଧରେ ବ୍ୟବହାର କରିବାକୁ ଚାହିଁଥିଲେ, କିନ୍ତୁ ଭାରତର ସ୍ୱାଧୀନ ବୈଦେଶିକ ନୀତି ତାଙ୍କୁ ଅନୁମତି ଦେଉନଥିଲା। କ୍ୱାଡ୍ (କ୍ୱାଡ୍ରିଲାଟେରାଲ୍ ସିକ୍ୟୁରିଟି ଡାଏଲଗ୍)ର ମାଧ୍ୟମରେ ଭାରତ-ଆମେରିକା ସମ୍ପର୍କ ମଜବୁତ୍ ହୋଇଥିଲା, କିନ୍ତୁ ଭାରତ ନିଜର ରୁଷ୍ ଏବଂ ଅନ୍ୟାନ୍ୟ ଦେଶ ସହିତ ସମ୍ପର୍କକୁ ବଜାୟ ରଖିଥିଲା। ୨୦୨୦ରେ ଟ୍ରମ୍ପଙ୍କର ଭାରତ ଗସ୍ତ ('ନମସ୍ତେ ଟ୍ରମ୍ପ') ଏକ ବଡ଼ ଇଭେଣ୍ଟ ଥିଲା, କିନ୍ତୁ ଏହା ପଛରେ ଥିବା ବାଣିଜ୍ୟ ଚାପ ଲୁଚି ରହିଥିଲା। କିନ୍ତୁ ଭାରତର ନେତୃତ୍ୱ ଏହାକୁ ସମ୍ଭାଳି ନେଇଥିଲା।

କୋଭିଡ୍-୧୯ ମହାମାରୀ ସମୟରେ ମଧ୍ୟ ଟ୍ରମ୍ପ ଭାରତକୁ ଚାପ ଦେବାକୁ ଚେଷ୍ଟା କରିଥିଲେ। ହାଇଡ୍ରକ୍ସିକ୍ଲୋରୋକ୍ୱିନ୍ ରପ୍ତାନି ଉପରେ ପ୍ରତିବନ୍ଧକ ଧମକ ଦେଇଥିଲେ, କିନ୍ତୁ ଭାରତ ତାଙ୍କର ମାନବୀୟ କର୍ତ୍ତବ୍ୟକୁ ପାଳନ କରି ଔଷଧ ରପ୍ତାନି ଜାରି ରଖିଥିଲା। ଏହା ଭାରତର ବିଶ୍ୱବ୍ୟାପୀ ପ୍ରତିଷ୍ଠା ବଢ଼ାଇଥିଲା ଏବଂ ଟ୍ରମ୍ପଙ୍କର ଧମକକୁ ବିଫଳ କରିଥିଲା।

ବର୍ତ୍ତମାନ ୨୦୨୫ରେ, ଟ୍ରମ୍ପଙ୍କର ପୁନରାଗମନ ସମ୍ଭାବନା ମଧ୍ୟରେ ଭାରତକୁ ସତର୍କ ରହିବାକୁ ପଡ଼ିବ। ତାଙ୍କର ପୂର୍ବ ପ୍ରୟାସଗୁଡ଼ିକ ବିଫଳ ହୋଇଥିବାରୁ ଭାରତର ଅର୍ଥନୈତିକ ଏବଂ ରାଜନୈତିକ ଶକ୍ତି ପ୍ରମାଣିତ ହୋଇଛି। ଭାରତ ଆତ୍ମନିର୍ଭର ଭାରତ ଅଭିଯାନ ମାଧ୍ୟମରେ ନିଜକୁ ସୁରକ୍ଷିତ କରିଛି। ଟ୍ରମ୍ପ ଭଳି ନେତାମାନଙ୍କର ବିରୋଧୀ ନୀତି ଭାରତକୁ ନଷ୍ଟ କରିପାରିବ ନାହିଁ; ବରଂ ଏହା ଆମକୁ ଆହୁରି ଏକତ୍ରିତ ଏବଂ ଶକ୍ତିଶାଳୀ କରିବ। ଭାରତର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ଅଟଳ।

# ଆ-କା-ମା-ବୈ



ଓଡ଼ିଆ ମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼, କାର୍ତ୍ତିକ ଓ ମାର୍ଗଶିର ହେଉଛି ଧର୍ମମାସ। ଏହି ଚାରି ମାସକୁ ସଂକ୍ଷେପରେ ଆ-କା-ମା-ବୈ ବୋଲି କୁହାଯାଏ। ଏହି ପବିତ୍ର ଚାରି ଧର୍ମ ମାସରେ 'କାର୍ତ୍ତିକ' ମାସର ସ୍ଥାନ ସର୍ବଶ୍ରେଷ୍ଠ। ପୁଣ୍ୟ ଅର୍ଜନର ମାସ ହେଉଛି କାର୍ତ୍ତିକ। ହିନ୍ଦୁ ଶାସ୍ତ୍ରରେ କାର୍ତ୍ତିକକୁ ଶ୍ରେଷ୍ଠ ଧର୍ମ ମାସ ବୋଲି କୁହାଯାଇଛି। ଏହି ମାସରେ ଅନେକ ପର୍ବପର୍ବାଣି ଯଥା ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନତେରାସ, ଦୀପାବଳି ଓ ଶ୍ୟାମାକାଳୀ ପୂଜା, ଗୋବର୍ଦ୍ଧନ ପୂଜା, ନାଗଚତୁର୍ଥୀ, ଅଁଳା ନବମୀ, ଗରୁଡ଼ ଦ୍ୱାଦଶୀ, ବଡ଼ ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ପଡ଼ିଥାଏ। ହିନ୍ଦୁ ପାଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। ଏହି ମାସରେ ବିଶେଷତଃ ରାଇ ଦାମୋଦର ପୂଜା ଓ ଉପାସନା କରାଯାଏ। କାର୍ତ୍ତିକ ଏକ ପବିତ୍ର ମାସ, ଏହି ମାସରେ ଓଡ଼ିଶାର ହିନ୍ଦୁ ନରନାରୀ ମାନେ କାର୍ତ୍ତିକ ମାହାତ୍ମ୍ୟକୁ ପାଠ କରିଥାନ୍ତି ଓ ଜଗନ୍ନାଥଙ୍କ ନିକଟରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। କାର୍ତ୍ତିକ ମାସକୁ ଧର୍ମ ମାସ, ହବିଷ ମାସ, ଆକାଶ ଦୀପ ମାସ ନାମରେ ନାମିତ କରାଯାଇଅଛି। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ପୌରାଣିକ ମତରେ ପରମ ପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି, ଦେବତା ମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ। 'ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମ ଯୁଗମ୍'// 'ନ ବେଦ ସଦୃଶ ଶାସ୍ତ୍ର ନ ତୀର୍ଥ ଗଙ୍ଗାୟ ସମମ୍ '। ଅର୍ଥାତ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ବ୍ରତ ମୁଖ୍ୟତଃ ବିଧବା ନାରୀ ମାନେ ପାଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷ ମାନେ ମଧ୍ୟ ପାଳନ କରୁଥିବାର ଲକ୍ଷ କରାଯାଏ। ଏହି ମାସରେ ବଡି ଭୋରରୁ ବିଭିନ୍ନ ଧର୍ମ ପୀଠ ମାନଙ୍କରେ ସଂକୀର୍ତ୍ତନ, ଘଣ୍ଟ ଓ ଶଙ୍ଖ ହୁଳହୁଳି ସହ ଭଜନ କୀର୍ତ୍ତନ କାର୍ତ୍ତିକ ପୁରାଣ ପଠନ, ଭାଗବତ ଗୀତା ପଠନ କରାଯାଇଥାଏ। କାର୍ତ୍ତିକ ବ୍ରତ ପାଳନ କରିଥିବା ସମସ୍ତ ନାରୀ ପୁରୁଷ ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି। ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରିଥାନ୍ତି। କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ପୂଜା କରି, ତୁଳସୀ ଚଉଁରା ମୂଳେ ପାଣି ଚଢ଼େଇଲେ ଅଶେଷ ପୁଣ୍ୟ ମିଳିଥାଏ। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି କାର୍ତ୍ତିକ ମାସରେ ବ୍ରତ ପାଳନ କରି ଶୈବପୀଠ ଓ ବିଷ୍ଣୁଙ୍କୁ ଦର୍ଶନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକ ଉପବାସ ବ୍ରତ ପାଳନ କରିଥାନ୍ତି। ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁ ମାନେ ମନ୍ଦିର ଯାଇ ବିଷ୍ଣୁ ସହସ୍ର ନାମ, ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଭକ୍ତିର ସହ ଜପ କରିଥାନ୍ତି। ଯୋଗ୍ୟ, ଭାଗ୍ୟବାନ ବ୍ୟକ୍ତି ନିଷ୍ଠାର ସହିତ ପୂଜା ଓ ଶସ୍ୟବୀଜ ଅନ୍ନ ଆଦି ଭକ୍ଷଣ ନକରି ଉପବାସ ରହିବା ହେଉଛି କାର୍ତ୍ତିକ ବ୍ରତ ପାଳିବାର ସର୍ବୋତ୍ତମ ଉପାୟ। ପୁରାଣ କଥାବସ୍ତୁ ଅନୁସାରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ କରି ଦୀର୍ଘ ଚାରି ମାସ କ୍ଷୀର ସାଗରରେ ଶୟନ କରିଥିବା ବେଳେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥାରେ ଅଛି ବିଷ୍ଣୁ ଓ ଶିବ ଏହି ସମୟରେ ପୃଥିବୀ ପୃଷ୍ଠରେ ପରିକ୍ରମା କରିଥାନ୍ତି। ଏହି ମାସ ଚାରି ପୁରୁଷାର୍ଥ ଧର୍ମ, ଅର୍ଥ, କାମ, ମୋହ ପାଇଁ ପାଳନ କରାଯାଏ। କାର୍ତ୍ତିକ ମାସର ମହତ୍ତ୍ୱକୁ ବିଷ୍ଣୁ ବ୍ରହ୍ମାଙ୍କୁ ବୁଝାଇଥିଲେ ଓ ବ୍ରହ୍ମା ନାରଦଙ୍କୁ ଏହି ମାସର ମହତ୍ତ୍ୱ ବୁଝାଇଥିଲେ ଏବଂ ନାରଦ ଏହାକୁ ରାଜା ପୃଥୁଙ୍କୁ ବୁଝାଇଥିଲେ। ଏହି ମାସରେ ଦୀପାବଳୀରେ ଦୀପଦାନ, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଅର୍ଥାତ ଦେବୋତ୍ଥାନ ଏକାଦଶୀ, ପ୍ରବୋଧିନୀ ଏକାଦଶୀ, ବଡ଼ ଏକାଦଶୀ ଠାରୁ ଆରମ୍ଭ କରି ପୂର୍ଣ୍ଣିମା ସମେତ ପାଞ୍ଚ ଦିନ ହେଉଛି ମହାପଞ୍ଚକ। ଏହି ପଞ୍ଚକରେ ଭୀଷ୍ମଙ୍କୁ ସ୍ମରଣ କରି ବିଷ୍ଣୁଙ୍କ ଉପାସନା କରାଯାଇଥାଏ। ଭୀଷ୍ମ ବାସୁଦେବଙ୍କ ଠାରୁ ପଞ୍ଚକ ବ୍ରତ ପ୍ରାପ୍ତ ହୋଇଥିବାରୁ ଭୀଷ୍ମପଞ୍ଚକ ନାମରେ ଜଣା। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ ବ୍ରତ କରିପାରନ୍ତି ନାହିଁ ସେମାନେ ଏହି ପଞ୍ଚକ ପାଞ୍ଚ ଦିନ ହବିଷ୍ୟ ପାଳନ କରନ୍ତି। ଏହି ପାଞ୍ଚ ଦିନ ସକାଳ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ବୃନ୍ଦାବତୀଙ୍କ ପାଖରେ ଧୂପଦୀପ ଓ ପୁଷ୍ପ ସମର୍ପଣ ବ୍ରତଧାରୀ କରିଥାନ୍ତି। କାର୍ତ୍ତିକ ମାସର ପଞ୍ଚୁକ ମଧ୍ୟରେ ପଡୁଥିବା ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନ ସିଂହାସନରେ ଅଧିଷ୍ଠିତ ଠାକୁରଙ୍କ ପଞ୍ଚକ ପାଞ୍ଚ ଦିନରେ ଯଥା ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବେଶ, ଦ୍ୱାଦଶୀରେ ବାଙ୍କଚୁଡା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶିରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। ଯେତେବେଳେ ଅକ୍ରୁର ମହାରାଜା କଂସଙ୍କ ନିର୍ଦ୍ଦେଶରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଆଣିବା ପାଇଁ ଗୋପପୁରକୁ ଯାଇଥିଲେ ଭଗବାନ କୃଷ୍ଣ ବଳରାମ ଅକ୍ରୁରକୁ ବାଙ୍କଚୁଡା ବେଶରେ ଦର୍ଶନ ଦେଇଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପୁରୀ ଶ୍ରୀମନ୍ଦିର ରେ ବହୁ ପୁରାତନ କାଳରୁ ବାଙ୍କଚୁଡା ବେଶ ପାଳିତ ହୋଇଆସୁଛି। ପୁରାଣରେ ବର୍ଣ୍ଣିତ ହୋଇଛି ତ୍ରିପୁରାସୁରକୁ ବଧ କରିବା ପାଇଁ ମହାଦେବ ଶିବଙ୍କୁ ତ୍ରିପୁରାରୀ ରୂପ ଗ୍ରହଣ କରିବାକୁ ପଡ଼ିଥିଲା। ତ୍ରିପୁରାସୁରଙ୍କ ବଧରେ ଦେବତା ମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଏହି ଦିନଟିକୁ ଦୀପାବଳି ରୂପେ ପାଳନ କରିଥିଲେ। ଶିଖ ମାନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅତ୍ୟନ୍ତ ପବିତ୍ର ଦିନ କାରଣ ତାହା ଧର୍ମଗୁରୁ ନାନକଙ୍କର ଜନ୍ମଦିନ। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚକ କୁହାଯାଏ ଓ ଶେଷ ଦିନଟି କାର୍ତ୍ତିକ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ରାଜପୁତ୍ର ମାନେ ପାଲଟଣା ବୋଇତ ମାଧ୍ୟମରେ ସ୍ୱଦେଶୀ ସାମଗ୍ରୀ ନେଇ ଜାଭା, ସୁମିତ୍ରା, ବାଲିଦୀପ, ସିଂହଳ ପରି ସ୍ଥାନକୁ ବାଣିଜ୍ୟ କରିବାକୁ ଯାତ୍ରା କରୁଥିଲେ, ବିକ୍ରି କରି ଆଷାଢ଼ ମାସରେ ଅଜସ୍ର ଧନସଂପଦ ଧରି ସ୍ୱଦେଶ ଫେରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପତ୍ୟୁଷରୁ ଡ଼ଙ୍ଗା ଭସା ପର୍ବ ଏହା ସୂଚାଇ ଦିଏ। ଏହି ଉପଲକ୍ଷେ କଟକ ମହାନଦୀରେ ବୋଇତ ବନ୍ଦାଣ ଉତ୍ସବ ସହିତ ବାଲିଯାତ୍ରା ମହୋତ୍ସବ ଦୀର୍ଘ ଦିନ ଧରି ପାଳିତ ହୋଇଆସୁଛି। ତେଣୁ କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଶ୍ରେଷ୍ଠ।

ଡ଼ଃ.ପ୍ରସନ୍ନ କୁମାର ପାଇକରାୟ
ରାଜ୍ୟ ସମ୍ପାଦକ
ଓଡ଼ିଶା ସାମ୍ବାଦିକ ୟୁନିୟନ
୭୦୦୮୯୩୬୩୭୩



# ଧନ ତ୍ରୟୋଦଶୀ ବା ଧନତେରାସ



ଜୟଶ୍ରୀ ପଟ୍ଟନାୟକ

ଅନ୍ଧାର ଉପରେ ଆଲୋକର ବିଜୟ। ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ଦୀପାବଳୀ ପାଳନ କରାଯାଏ ପାଞ୍ଚ ଦିନ। ଦୀପାବଳୀର ପ୍ରଥମ ଦିନକୁ କୁହାଯାଏ ଧନ ତ୍ରୟୋଦଶୀ ବା ଦେବ ବୈଦ୍ୟ ଧନ୍ୱନ୍ତରୀଙ୍କର ଜନ୍ମ ଦିବସ ବା ଧନ୍ୱନ୍ତରୀ ଜୟନ୍ତୀ। ଦ୍ୱିତୀୟ ଦିନ ନରକ ଚତୁର୍ଦ୍ଦଶୀ, ତୃତୀୟରେ ଦୀପାବଳୀ ଅମାବାସ୍ୟା, ଚତୁର୍ଥ ଦିନ ଗୋବର୍ଦ୍ଧନ ପୂଜା, ପଞ୍ଚମ ଦିନ ଭାଇଦୁଜ। ହିନ୍ଦୁଧର୍ମରେ ବିଷ୍ଣୁଙ୍କର ଅବତାର ରୂପେ ଦେବ ବୈଦ୍ୟ ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ଅବସରରେ ଅମୃତ କଳଶ ନେଇ ଆବିର୍ଭାବ ହୋଇଥିଲେ। ସେଥିପାଇଁ ଦୀପାବଳୀର ପୂର୍ବ ଦିନ ଧନତେରସ ବା ଧନ୍ୱନ୍ତରୀଙ୍କର ଜନ୍ମଦିବସ ରୂପେ ମନାଯାଏ। ଏହିଦିନ ସେ ଆୟୁର୍ବେଦ ଶାସ୍ତ୍ରକୁ ମଣିଷର ରୋଗ, ଶୋକ ଆୟୁ ବୃଦ୍ଧିରେ କିପରି ସହାୟକ ହେବ ସେଥି ନିମନ୍ତେ ପ୍ରଚାର ପ୍ରସାର କରିଥିଲେ। ମଣିଷର ରୋଗ ଓ ଶକ୍ତି ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଅମୃତମୟ ଔଷଧି ଓ ସ୍ୱର୍ଣ୍ଣାଦି ଧାତୁ ସେବନ ବିଧି ଦ୍ୱାରା କିପରି ଶରୀର ଆରୋଗ୍ୟ ଲାଭ କରିବ ତାହା ଦର୍ଶାଇଥିଲେ ତେଣୁ ତାଙ୍କୁ ଆରୋଗ୍ୟ ଦେବତା ରୂପେ ପୂଜା କରାଯାଏ। ସେ ଚତୁର୍ଭୁଜା ବିଷ୍ଣୁଙ୍କର ଅବତାରୀ ରୂପେ ଅମୃତକଳସ ନେଇ ଜରା, ବ୍ୟାଧି ଓ ମୃତ୍ୟୁ ନାଶ କରି ଆୟୁ ବୃଦ୍ଧି ପାଇଁ ଆବିର୍ଭାବ ହୋଇଥିଲେ। ତାଙ୍କର ଉପର ଦୁଇ ଭୁଜରେ ଶଙ୍ଖ ଓ ଚକ୍ର ଏବଂ ତଳ ଦୁଇ ହସ୍ତରେ ଔଷଧ ପୁସ୍ତକ ଓ ଅମୃତକଳସ ରହିଛି। ତାଙ୍କର ପ୍ରିୟଧାତୁ ପିତଳ। ସେ ଆୟୁର୍ବେଦ ଶାସ୍ତ୍ରର ଜନକ ଅଟନ୍ତି। ଧନତେରସ ଧନ ଓ ଆରୋଗ୍ୟର ଦିବସ ଅଟେ। ପ୍ରତିବର୍ଷ ଧନ୍ୱନ୍ତରୀଙ୍କ ଜନ୍ମଦିବସ କୁ ମନେ ରଖିବା ପାଇଁ ୨୦୧୬ ମସିହାରୁ ପାଳନ କରାଯାଏ ଜାତୀୟ ଆୟୁର୍ବେଦ ଦିବସ।। ସ୍କନ୍ଦ ପୁରାଣ ଓ ମତ୍ସ୍ୟ ପୁରାଣ ଅନୁଯାୟୀ ସେ କାଶୀ ରାଜବଂଶର ଦିବୋଦାସ ଭାବରେ ପ୍ରସିଦ୍ଧ। ଋଷି ଭରଦ୍ୱାଜଙ୍କ ଠାରୁ ଶିକ୍ଷା ପ୍ରାପ୍ତ କରିଥିଲେ। ସେ ଶଲ୍ୟ ଚିକିତ୍ସାର ଜନକ ଥିଲେ। ବିଶ୍ୱର ପ୍ରଥମ ବିଦ୍ୟାଳୟ କାଶୀରେ ପ୍ରତିଷ୍ଠା କରିଥିଲେ। ସୁଶ୍ରୁତ ଦିବୋଦାସଙ୍କ ଶିଷ୍ୟ ଥିଲେ ଋଷି ବିଶ୍ୱାମିତ୍ର ପୁତ୍ର ଏବଂ ପ୍ରଥମ ଶଲ୍ୟ ଚିକିତ୍ସକ ଥିଲେ। ସୁଶୃତ ସଂହିତା ଲେଖିଥିଲେ। ଦୀପାବଳୀ ଅବସରରେ କାର୍ତିକ କୃଷ୍ଣ ତ୍ରୟୋଦଶୀରେ ଧନନ୍ତରୀଙ୍କୁ ପୂଜା କରାଯାଏ। ପ୍ରତିବର୍ଷ ଜାତୀୟ ଆୟୁର୍ବେଦ ଦିବସ ଅକ୍ଟୋବର ମାସ କାର୍ତିକ କୃଷ୍ଣ ତ୍ରୟୋଦଶୀ ଦିବସରେ ମନାଯାଏ। ପ୍ରଭୁ ଧନ୍ୱନ୍ତରୀଙ୍କୁ ଶରୀର ଆରୋଗ୍ୟ ପାଇଁ କୃପାଭିକ୍ଷା କରାଯାଏ। ପଦ୍ମପୁରାଣ ଅନୁସାରେ ସୋମନାଥ, ବୈଦ୍ୟନାଥ, ଦେବବୈଦ୍ୟ ଧନ୍ୱନ୍ତରୀ, ଅଶ୍ୱିନୀକୁମାର ଦ୍ୱୟ ଏହି ପାଞ୍ଚ ଦେବତାଙ୍କୁ ଯିଏ ସ୍ମରଣ କରେ ତାର ରୋଗ ବ୍ୟାଧି ନାଶ ହୋଇଥାଏ। ଏହିଦିନ ସମୁଦ୍ର ମନ୍ଥନରୁ ମହାଲକ୍ଷ୍ମୀ ଓ କୁବେରଙ୍କର ବି ପୂଜା କରାଯାଏ।

ଉତରଭାରତରେ ଏହିଦିନ ଲକ୍ଷ୍ମୀ ଓ କୁବେରଙ୍କର ମଧ୍ୟ ପୂଜା କରାଯାଏ। କିମ୍ବଦନ୍ତୀ ଅନୁସାରେ ଏକଦା ବିଷ୍ଣୁ ଭଗବାନ ମର୍ତ୍ତ୍ୟଲୋକରେ ବିଚରଣ କରୁଥିବାର ଦେଖି ମହାଲକ୍ଷ୍ମୀ ତାଙ୍କ ସହିତ ଯିବାକୁ ଚାହିଁଲେ। ତାହା ଶୁଣି ବିଷ୍ଣୁ କହିଲେ ଯଦି ମୋ ସହିତ ଯିବ ତେବେ ମୁଁ ଯାହା କହିବି ତାହା ମାନି ଚାଲିବ। ତେବେ ଲକ୍ଷ୍ମୀ ସେ କଥାରେ ସମ୍ମତି ପ୍ରକାଶ କରି ମର୍ତ୍ତ୍ୟକୁ ଆସିଲେ। କିଛି ସମୟ ପରେ ଗୋଟିଏ ସ୍ଥାନରେ ପହଞ୍ଚି ବିଷ୍ଣୁ ଲକ୍ଷ୍ମୀଙ୍କୁ କହିଲେ ଯୋଉ ପର୍ଯ୍ୟନ୍ତ ମୁଁ ଏଠାକୁ ନ ଆସିଛି ତୁମେ ଏହିଠାରେ ଥିବ। ମୁଁ ଦକ୍ଷିଣ ଦିଗକୁ ଯାଉଛି ତୁମେ ଆସିବନାହିଁ। ଏହା ଶୁଣି ଲକ୍ଷ୍ମୀଙ୍କ ମନରେ ଦକ୍ଷିଣ ଦିଗରେ କଣ ଅଛି ଯୋଉଥିପାଇଁ ଲକ୍ଷ୍ମୀଙ୍କୁ ବାରଣ କରି ପ୍ରଭୁ ସ୍ୱୟଂ ଗଲେ ବୋଲି ଜାଣିବାପାଇଁ ଉତ୍କଣ୍ଠା ବଢ଼ିଲା। ଭଗବାନ ସେ ଦିଗରେ ଗଲାବେଳେ ଲକ୍ଷ୍ମୀ ଆଉ ରହିଲେନାହିଁ ସେ ମଧ୍ୟ ତାଙ୍କର ଅନୁଗାମୀ ହେଲେ। କିଛିଦୂର ଗଲାପରେ ତାଙ୍କୁ ଗୋଟିଏ ଫୁଲଭରା ସୋରିଷ କ୍ଷେତ ଦେଖାଗଲା। ସୋରିଷ କ୍ଷେତ ଦେଖି ସେ ମନ୍ତ୍ରମୁଗ୍ଧ ହୋଇ ଫୁଲ ତୋଳି ଶୃଙ୍ଗାର କରି ଆଗକୁ ଚାଲିଲେ। ଆଗକୁ ଯାଉ ଯାଉ ଗୋଟିଏ ଆଖୁ କିଆରି ଦେଖି ଆଖୁ ଆଣି ଖାଇବାରେ ଲାଗିଲେ। ସେହି ସମୟରେ ବିଷ୍ଣୁ ଏହି ସବୁ କାର୍ଯ୍ୟ ଲକ୍ଷ୍ମୀଙ୍କର ଦେଖି ଅସନ୍ତୁଷ୍ଟ ହୋଇ ତାଙ୍କୁ ଅଭିଶାପ ଦେଲେ କି ମୁଁ ତୁମକୁ ମନା କରିବା ସତ୍ତ୍ୱେ ତୁମେ ଏଠାକୁ କାହିଁକି ଆସିଲ ଏବଂ କୃଷକର ଜିନିଷ ଚୋରୀ କଲ। ଏବେ ତୁମେ ଏହି ଚୋରୀ କରିଥିବା ଅପରାଧରେ ୧୨ ବର୍ଷ କୃଷକର ସେବା କରିବ ଏହି କଥା ଶୁଣାଇ



ବିଷ୍ଣୁ କ୍ଷୀରସାଗରକୁ ଚାଲିଗଲେ। ଲକ୍ଷ୍ମୀ ସେହିଦିନ ଠାରୁ ସେହି ଗରୀବ କୃଷକ ଘରେ ରହିଲେ। ଗୋଟିଏ ଦିନ ଲକ୍ଷ୍ମୀ ସେହି ଗରୀବ କୃଷକର ପତ୍ନୀକୁ କହିଲେ ତୁମେ ସ୍ନାନ କରି ଲକ୍ଷ୍ମୀ ପ୍ରତିମାକୁ ପୂଜା କରି ତାପରେ ରୋଷେଇ କରିବା ଦ୍ୱାରା ତୁମେ ଯାହା ମାଗିବ ତାହା ପୂରଣ ହେବ। କୃଷକ ପତ୍ନୀ ତାହା ହିଁ କଲା। ପୂଜା କରିବା ପରେ ଲକ୍ଷ୍ମୀ ପ୍ରସନ୍ନ ହେଲେ ତା ଘର ଅନ୍ନ, ଧନ, ରତ୍ନ, ସ୍ୱର୍ଣ୍ଣ ଆଦିରେ ଭରିଗଲା। ତାହାର ୧୨ ବର୍ଷ ସମୟ ଆନନ୍ଦରେ କଟିଲା। ୧୨ ବର୍ଷ ପରେ ଲକ୍ଷ୍ମୀ ସେଠାରୁ ଯିବାକୁ ବାହାରିଲେ। ବିଷ୍ଣୁ ଲକ୍ଷ୍ମୀଙ୍କୁ ନେବାକୁ ଆସିଲେ ସେତେବେଳେ କୃଷକ ଲକ୍ଷ୍ମୀଙ୍କୁ ନ ଛାଡିବା ପାଇଁ ଜିଦ କରିବାରୁ ଭଗବାନ କହିଲେ ସେ ତ ଚଞ୍ଚଳା ସେ କେଉଁଠାରେ ବି ସ୍ଥିର ଭାବରେ ରହିପାରନ୍ତିନାହିଁ। ଲକ୍ଷ୍ମୀ କହିଲେ ତୁମେ ମୋତେ ରଖିବାକୁ ଚାହୁଁଛ ଯଦି ଧନତ୍ରୟୋଦଶୀ ଦିନ ଘରଦ୍ୱାର ଲିପା ପୋଛା କରି ସ୍ୱଚ୍ଛ ରଖିବ। ରାତିରେ ଘିଅ ଦୀପ ଜାଳି ରଖିବ। ସଂଧ୍ୟା ସମୟରେ ମୋର ପୂଜା କରିବ। ଗୋଟିଏ ତମ୍ବା ପାତ୍ରରେ ପଇସା ରଖିବ ମୁଁ ସେହି କଳସରେ ବାସ କରିବି କିନ୍ତୁ ପୂଜା ସମୟରେ ତୁମକୁ ଦୃଶ୍ୟ ହେବିନାହିଁ। କିନ୍ତୁ ଏହି ଗୋଟିଏ ଦିନ ବର୍ଷରେ ତୁମେ ମୋତେ ପୂଜା କଲେ ସର୍ବ ସିଦ୍ଧି ପାଇବ। ଧନଧାନ୍ୟରେ ଭରିଯିବ ତୁମ ଘର। ଏହା ଶୁଣି ସେହି କୃଷକ ଲକ୍ଷ୍ମୀଙ୍କର ପୂଜା ତ୍ରୟୋଦଶୀ ଦିନ କରିବାରୁ ମାତା ପ୍ରସନ୍ନ ହୋଇ ତା ଘରକୁ ଧନଧାନ୍ୟରେ ପୂରଣ କରିଥିବାରୁ ପ୍ରତିବର୍ଷ ଧନତ୍ରୟୋଦଶୀ ନାମରେ ସେହି ଦିନ ପ୍ରସିଦ୍ଧ ହେଲା ଏବଂ ଲକ୍ଷ୍ମୀଙ୍କର ପୂଜା କରାଗଲା। ଆଉ ଏକ କଥାନୁସାରେ ବାମନ ଅବତାରରେ ବିଷ୍ଣୁ ବଳିରାଜା ବାମନକୁ ଚାପିଦେବା ପରେ ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ପାତାଳର ଦ୍ୱାରପାଳ ହୋଇ ରହିଲେ। କାର୍ତିକ ଅମାବାସ୍ୟାରେ ବିଷ୍ଣୁ ସେଠାରୁ ନିଜ ନିବାସ ବୈକୁଣ୍ଠକୁ ଫେରି ଆସିଥିବାରୁ ଲକ୍ଷ୍ମୀଙ୍କର ମନ ପ୍ରସନ୍ନ ଥାଏ ତେଣୁ ଏହିଦିନ ପୂଜା କଲେ ସେ ପ୍ରସନ୍ନ ହୋଇ ବର ଦିଅନ୍ତି। ଏହିଦିନ ଧନର ଦେବତା କୁବେରଙ୍କୁ ମଧ୍ୟ ପୂଜା କରାଯାଏ। କୁହାଯାଏ କୁବେର ଦେବତା ମାନଙ୍କର ଧନକୁ ସୁରକ୍ଷିତ ରଖୁଥିଲେ କେବେ ବ୍ୟର୍ଥରେ ଖର୍ଚ୍ଚ ହେବାକୁ ଦେଉ ନଥିଲେ ତେଣୁ ତାଙ୍କୁ ଦେବତାଙ୍କର ଧନାଧ୍ୟକ୍ଷ ମଧ୍ୟ କୁହା ଯାଉଥିଲା। କୁହାଯାଏ ଯେ କୁବେରଙ୍କୁ ପୂଜା କରି ତାଙ୍କର ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ବ୍ୟବସାୟ ବାଣିଜ୍ୟ, ଚାକିରି, ଋଣ ଧନ ସମସ୍ୟା ଦୂର ହୁଏ। ଧନତେରସ ଦିନ କିଛି ନୂଆ ଦ୍ରବ୍ୟ କିଣି ତାଙ୍କୁ ଅର୍ପଣ କଲେ ସେ ସନ୍ତୁଷ୍ଟ ହୁଅନ୍ତି। ଧନ ଜନିତ ସମସ୍ୟା ଦୂର ହୁଏ ଦରିଦ୍ର ଦୂର ହୁଏ। ସେ ଧନର ସୁରକ୍ଷା କରନ୍ତି ତେଣୁ ଧନତେରସରେ ତାଙ୍କର ପୂଜା କରାଯାଏ। ସେ ଧନ ଓ ବୈଭବର ଠାକୁର।

ଦୀପାବଳୀ ପୂର୍ବରୁ ଘର ସଫା କରି ପୁରୁଣା ଜିନିଷକୁ ଫିଙ୍ଗି ଦିଆଯାଏ। ଦୀପାବଳୀ ଦିନ ରାତି ଉଜାଗର ରହି ଲକ୍ଷ୍ମୀଙ୍କର ପୂଜା କରାଯାଏ ସେହିଦିନ ଦୋକାନ ମାନଙ୍କରେ ନୂଆ ଖାତା ମଧ୍ୟ ଖୋଲାଯାଏ। ସେହିଦିନ କୁମାର ପୂର୍ଣ୍ଣିମା ପରି ତାସ କିମ୍ବା ପଶାଖେଳ ମଧ୍ୟ ହୁଏ। ଘର ମାନଙ୍କରେ ହଳଦୀ କୁଙ୍କୁମରେ ସ୍ୱସ୍ତିକ ଚିହ୍ନ ବା ଓଁ ଅଙ୍କାଯାଏ। ବସିଥିବା ଲକ୍ଷ୍ମୀଙ୍କ ମୂର୍ତ୍ତି ସହ ଗଣେଶଙ୍କ ମୂର୍ତ୍ତି ମଧ୍ୟ ବୁଦ୍ଧି ଓ ବିବେକ ପାଇଁ ପୂଜା କରାଯାଏ। ତେଣୁ ଧନ ତେରାସରେ କୁବେର, ଗଣେଶ, ଲକ୍ଷ୍ମୀ, ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହିଦିନ ସୁନା ରୂପା କିଣି ନ ପାରିଲେ ପିତଳ ବାସନ କିମ୍ବା ଅଷ୍ଟଧାତୁ ମୂର୍ତ୍ତି ବି କିଣି ପୂଜା କଲେ ଶୁଭଫଳ ମିଳିଥାଏ। ଧନ୍ୱନ୍ତରୀ ଅମୃତ ମହୋଷୌଧି ସହିତ ସ୍ୱର୍ଣ୍ଣାଦି ଧାତୁ ପିତଳର ସେବନ ବିଧି ଉପରେ ଗୁରୁତ୍ୱ ଦେଇଥିବାରୁ ଏହିଦିନ ସ୍ୱର୍ଣ୍ଣ, ରୌପ୍ୟ, ପିତଳ ଧାତୁ କ୍ରୟ କରିବା ଦ୍ୱାରା ଶୁଭଫଳ ମିଳିଥାଏ ତେଣୁ ଆସନ୍ତୁ ଏହି କଥାସବୁ ଧ୍ୟାନରେ ରଖି ସୁଖ ସମୃଦ୍ଧି ଧନର ସୁରକ୍ଷା ତଥା ବୁଦ୍ଧି ବିବେକର ସଦୁପଯୋଗ ପାଇଁ ନିର୍ମଳ ମନରେ ନିଷ୍ଠାର ସହ ପୂଜା କରି ଧନଧାନ୍ୟ ଓ ଶ୍ରୀ ବୃଦ୍ଧି କରିବା ଏବଂ ଶାନ୍ତିରେ ରହିବା। ନାରକ ଚତୁର୍ଦ୍ଦଶୀରେ ଭଗବାନ ଶ୍ରୀକୃଷ୍ଣ ମା କାଳୀଙ୍କର ସହାୟତାରେ ନରକାସୁରକୁ ବଧ କରିଥିଲେ। ଦୀପାବଳୀ ଆନନ୍ଦର ପର୍ବ ରୂପେ ସାରା ଭାରତରେ ପୂଜା ହୁଏ। ଏହିଦିନ ପ୍ରଭୁ ରାମଚନ୍ଦ୍ର ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ଜୀବନ କଟାଇ ରାବଣକୁ ନିହତ କରି ଅଯୋଧ୍ୟା ଫେରିଥିବାରୁ ସେହି ସ୍ମୃତିରେ ଦୀପ ଲଗାଇ ତାଙ୍କୁ ସ୍ୱାଗତ କରାଯାଏ। ପିତୃ ପୁରୁଷଙ୍କୁ ସଂଧ୍ୟାରେ ଶ୍ରାଦ୍ଧଦାନ ସହିତ କାଉଁରିଆ କାଠି ଜଳାଇ ଅନ୍ଧାରରୁ ଆସି ଆଲୋକିତ ପଥରେ ଯିବାପାଇଁ ପୂଜା କରାଯାଏ। ଗୋବର୍ଦ୍ଧନ ପୂଜାରେ କୃଷ୍ଣଙ୍କ ଦ୍ୱାରାଇନ୍ଦ୍ର ପରାସ୍ତ ହୋଇ ଅହଂକାର ଶୂନ୍ୟ ହୋଇଥିବାରୁ ଏବଂ ଗୋଧନ ଓ ପର୍ଯ୍ୟାବରଣର ସୁରକ୍ଷା କରାଯାଏ। ଶେଷ ଦିନ ଭାଇ ଦୁଜ ଭାଇ ଭଉଣୀର ପବିତ୍ର ସମ୍ପର୍କକୁ ରକ୍ଷା କରିବାପାଇଁ ରାକ୍ଷୀ ପୂର୍ଣ୍ଣିମା ପରି ମନାଯାଏ। ଭାଇର ଦୀର୍ଘାୟୁ କାମନା କରାଯାଏ। ଏହିପରି ପ୍ରତିବର୍ଷ ଦୀପାବଳୀର ପାଞ୍ଚଦିନ ଖୁବ ଆନନ୍ଦର ସହିତ ମନାଯାଏ ଆମ ସଂସ୍କୃତି ଓ ପରମ୍ପରାକୁ ମାନ୍ୟତା ଦିଆଯାଏ।

ଭୁବନେଶ୍ୱର, ମୋବାଇଲ୍: ୭୯୭୮୧୧୦୪୭୪

# ଆତ୍ମହତ୍ୟା ପ୍ରବଣତାର ପ୍ରତିକାର ଜରୁରୀ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ମଣିଷ ଯେତେବେଳେ ନିଜ ଉପରୁ ଆସ୍ଥା ହରାଇବା ସହ ଅସହାୟ ହୋଇପଡ଼ିଥାଏ, ସେତେବେଳେ ଜୀବନର ସମସ୍ତ ମୋହ, ମାୟାକୁ ଏଡାଇ ଚରମ ନିଷ୍ପତି ସ୍ୱରୁପ ଆତ୍ମହତ୍ୟା କରିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ନିକଟରେ ମଧ୍ୟପ୍ରଦେଶର ଜଣେ ଛାତ୍ର ମର୍ଯ୍ୟାଦାଜନକ 'ନିଟ୍' ପରୀକ୍ଷାରେ ସର୍ବୋଚ୍ଚ ୯୯.୩୯ ପ୍ରତିଶତ ମାର୍କ ରଖି ଡାକ୍ତରୀ ଶିକ୍ଷା ପାଇଁ ମନୋନୀତ ହୋଇଥିବା ସତ୍ତ୍ୱେ ଡାକ୍ତରୀ ନପଢ଼ିବା ପାଇଁ ଶେଷରେ ଜୀବନ ହାରିବା ନିଜ ଅସହାୟତାର ସୂଚନା ଦିଏ। ସେହିପରି ଆମ ଦେଶରେ ଛାତ୍ର ଆତ୍ମହତ୍ୟା ଘଟଣା ମଧ୍ୟ କିଛି କମ୍ ନୁହେଁ। ବିଦ୍ୟାନଗରୀ କୋର୍ଟାରେ ଉଚ୍ଚଶିକ୍ଷା ପାଇଁ କୋଚିଂ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ଏବେ ଚିନ୍ତାଜନକ ସ୍ଥିତିରେ ପହଁଚିଥିବାବେଳେ ଦେଶରେ ମର୍ଯ୍ୟଦା ସମ୍ପନ୍ନ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ଆଇଆଇଟି, ଆଇଆଇଏମ, ଡାକ୍ତରୀ ଆଦିରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା କେବଳ ଅଭିଭାବକ ନୁହେଁ, ସମାଜକୁ ଆନ୍ଦୋଳିତ କରୁଛି। କୋର୍ଟାରେ ଗତ ୧୦ମାସ ମଧ୍ୟରେ ୧୮ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ରିପୋର୍ଟ ପ୍ରକାଶ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ମଧ୍ୟ ଆତ୍ମହତ୍ୟା ହାର କିଛି କମ ନୁହେଁ। ସେହିପରି ପାରିବାରିକ ସମସ୍ୟା, ସ୍ୱାସ୍ଥ୍ୟଗତ ଅସୁସ୍ଥତା ଏବଂ ଋଣ ଭାର ଆଦି ଭାରତରେ ଆତ୍ମହତ୍ୟା ବୃଦ୍ଧି ପଛରେ ତିନୋଟି ପ୍ରମୁଖ କାରଣ ଭାବେ ଉଭା ହୋଇଛି। ତେବେ ଦେଶରେ ଆତ୍ମହତ୍ୟା ହାର ବୃଦ୍ଧି ନେଇ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି) ପକ୍ଷରୁ ପ୍ରକାଶିତ ୨୦୨୩ରେ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ରେ ଦେଶରେ ପ୍ରତି ୧, ୦୦, ୦୦୦ରେ ଆତ୍ମହତ୍ୟା ହାର ୧୨.୧୩ ପ୍ରତିଶତ ଥିଲା। ଯାହାକି ୧୯୬୬ ପରଠାରୁ ଦ୍ୱିତୀୟ ସର୍ବାଧିକ। କହିବା ବାହୁଲ୍ୟ ଯେ, ୨୦୨୨ରେ ଦେଶରେ ଆତ୍ମହତ୍ୟା ହାର ସର୍ବୋଚ୍ଚ ୧୨.୪ ପ୍ରତିଶତ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନା ପରବର୍ତ୍ତୀ ସମୟରେ ଦେଶରେ ବୃଦ୍ଧି ପାଇଥିବା ଆତ୍ମହତ୍ୟା ପ୍ରବଣତା ୨୦୨୩ରେ କମି ନଥିଲା। ବିଶେଷ କରି



ମାନସିକ ଯନ୍ତ୍ରଣା ସହ ଅନ୍ୟାନ୍ୟ ଯନ୍ତ୍ରଣା ଆତ୍ମହତ୍ୟା ପ୍ରବଣତା ବୃଦ୍ଧି କରିଥିବା କୁହାଯାଏ। ରିପୋର୍ଟରେ କୁହାଯାଇଛି ଯେ, ଋଣବୋଝ ତୁଳନାରେ ଦେଶରେ ଶାରୀରିକ ଅସୁସ୍ଥତା, . ମାନସିକ ଯନ୍ତ୍ରଣାଜନିତ ଆତ୍ମହତ୍ୟା ହାର ଅଧିକ। ସେହିପରି ଏହା ତୁଳନାରେ ପାରିବାରିକ ସମସ୍ୟାଜନିତ ଆତ୍ମହତ୍ୟା ପ୍ରବଣ ହାର ମଧ୍ୟ କମ୍। ସେହିପରି ଦିନ ମଜୁରିଆ ଏବଂ ଗୃହିଣୀ ଏହି ଦୁଇ ପେଷାଦାର ଗୋଷ୍ଠୀର ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ ରହିଛି। ଏପରିକି ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଦୁଇତୃତୀୟାଂଶରୁ ଅଧିକ ଅଛନ୍ତି, ଯେଉଁମାନେ କି କଲେଜ ଯାଇନାହାଁନ୍ତି। ଏହା ନିସନ୍ଦେହ ଯେ, ଭାରତ ପରି ଏକ ସ୍ୱଳ୍ପ ଆୟକାରୀ ରାଷ୍ଟ୍ରରେ କିଶୋର କିଶୋରୀଙ୍କ ଠାରୁ ଆରମ୍ଭ କରି ଯୁବକ, ବରିଷ୍ଠଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଗତ କିଛି ବର୍ଷ ହେଲା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ଜଳବାୟୁ ପରିବର୍ତ୍ତନ ମଧ୍ୟ କୃଷକଙ୍କ ମଧ୍ୟରେ ଆତ୍ମହତ୍ୟା ମାନସିକତା ବୃଦ୍ଧିର କାରଣ ହୋଇଛି। ବିଶେଷ ଅନିୟମିତ ମୌସୁମୀ ବର୍ଷା (ଅତିବୃଷ୍ଟି ଓ ଅନାବୃଷ୍ଟି) ଯୋଗୁଁ ବ୍ୟାପକ ଫସଲହାନୀ ଓ ଋଣ ପରିଶୋଧ କରିବାର ଅସାମର୍ଥ୍ୟତତା କୃଷକଙ୍କ ଆତ୍ମହତ୍ୟାର କାରଣ ହୋଇଛି। ଏବେ କିଛି ବର୍ଷ ହେଲା ଆତ୍ମହତ୍ୟା ହ୍ରାସ ପାଇଥିବାବେଳ ଗତ ଏକ ଦଶନ୍ଧି ପୂର୍ବେ ଦେଶରେ ଅତି ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଥିଲା। ଏଥିରେ ଦ୍ୱିମତ ନାହିଁ ଯେ, ଭାରତ ପରି ଏକ ବିକାଶମୁଖୀ ରାଷ୍ଟ୍ରରେ ଆତ୍ମହତ୍ୟା ପ୍ରବଣତାକୁ ନିୟନ୍ତ୍ରଣ କରିବା ପାଇଁ ରାଷ୍ଟ୍ରକୁ ଚିନ୍ତା କରିବାକୁ ହେବ। ଏଥିପାଇଁ ବ୍ୟାପକ କାଉନସିଲିଂର ଆବଶ୍ୟକତା ରହିଛି। ଦେଶରେ ପ୍ରତି ୧, ୦୦, ୦୦୦ରେ ଏବେ ଜଣେ ମାନସିକ ବ୍ୟାଧି ଚିକିତ୍ସକ ସୁପାରିଶ କରିଛି। ଆହୁରି ମଧ୍ୟ ଲୋକଙ୍କ ଆର୍ଥୀକ ଦୁରାବସ୍ଥାର ନିରାକରଣ ପାଇଁ ନୀତି ପ୍ରଣୟନକାରୀ ଅଗ୍ରାଧିକାର ଦେବା ସହ ଏକ ସୁରକ୍ଷିତ ସମାଜ ଗଠନ ସରକାରଙ୍କ ଧ୍ୟେୟ ହେଉ। ଏହା ହିଁ ଆଶା କରିବା।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩




# ଗୁଜରାଟରେ ପୂରା କ୍ୟାବିନେଟ୍‌ର ଇସ୍ତଫା

## ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୧୬।୧୦:** ଗୁଜରାଟ ସରକାର କ୍ୟାବିନେଟ୍ ବିସ୍ତାର କରିବା ଯୋଜନାରେ ଥିବାରୁ ଆଜି ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଛାଡ଼ି ରାଜ୍ୟର ବିଜେପି ନେତୃତ୍ୱାଧୀନ ସରକାରର ସମସ୍ତ ୧୬ଜଣଯାକ ମନ୍ତ୍ରୀ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନୂତନ କ୍ୟାବିନେଟ୍ ପାଇଁ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ମଧାହ୍ନ ୧୨ ଟା ୩୯ ମିନିଟ୍‌ରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଇସ୍ତଫା ପୂର୍ବରୁ ସମସ୍ତ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ। ଏହି ବୈଠକରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ମନ୍ତ୍ରୀଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇଥିଲା। ଗୁଜରାଟ ମନ୍ତ୍ରୀମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଇସ୍ତଫାପତ୍ର ରାଜ୍ୟପାଳଙ୍କ ନିକଟରେ ଦାଖଲ କରାଯିବ। ସେମାନଙ୍କର ସମସ୍ତ ଇସ୍ତଫାପତ୍ର ପ୍ରସ୍ତୁତ ଥିଲା। ମନ୍ତ୍ରୀମାନେ ସେମାନଙ୍କର ଇସ୍ତଫାପତ୍ରରେ ସ୍ୱାକ୍ଷର କରିଥିଲେ।

ଗୁଜରାଟରେ ଏବେ ମନ୍ତ୍ରୀ ପରିଷଦରେ ମୁଖ୍ୟମନ୍ତ୍ରୀ ପଟେଲଙ୍କ ସମେତ ୧୭ ମନ୍ତ୍ରୀ ଅଛନ୍ତି। ଏଥିରେ ୮ କ୍ୟାବିନେଟ ସ୍ତରୀୟ ମନ୍ତ୍ରୀ ଏବଂ ସମାନ ସଂଖ୍ୟାରେ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ୧୮୨ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୨୭ ଜଣ ମନ୍ତ୍ରୀ ରହିପାରିବେ, ଯାହା ଗୃହର ମୋଟ କ୍ଷମତାର ୧୫ ପ୍ରତିଶତ। ଚଳିତ ମାସର ଆରମ୍ଭରେ, ଗୁଜରାଟ ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ଜଗଦୀଶ ବିଶ୍ୱକର୍ମା, କେନ୍ଦ୍ରମନ୍ତ୍ରୀ ସି.ଆର. ପଟେଲଙ୍କ ସ୍ଥାନରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ୟୁନିଟର ନୂତନ ସଭାପତି ହୋଇଥିଲେ। ଭୂପେନ୍ଦ୍ର ପଟେଲ ଗତ ୨୦୨୨ ଡିସେମ୍ବର ୧୨ରେ ଦ୍ୱିତୀୟ ଥର ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

# ବିଜେପିର ଷ୍ଟାର ପ୍ରଚାରକ ତାଲିକାରେ ମୋଦି ଓ ଧର୍ମେନ୍ଦ୍ର




## ୧୦ କେନ୍ଦ୍ର ମନ୍ତ୍ରୀ ଓ ୫ ମୁଖ୍ୟମନ୍ତ୍ରୀ ବି ସାମିଲ୍



ପାଟନା,୧୬।୧୦: ଆସନ୍ତା ୬ ତାରିଖରୁ ଦୁଇଟି ପର୍ଯ୍ୟାୟରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ରାଜନୈତିକ ଦଳମାନେ ସେମାନଙ୍କ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରାଇବା ସକାଶେ ଏନ୍‌ଡିଏ ଆଜି ତା'ର ଏକ ତାରକା ପ୍ରଚାରକଙ୍କ ତାଲିକା ଘୋଷଣା କରିଛନ୍ତି। ଏହି ତାଲିକାରେ ମୋଟ ୪୦ ଜଣ ସ୍ଥାନ ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ଶୀର୍ଷରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ପାଇଁ ନିଯୁକ୍ତ ହୋଇଥିବା ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ତାଲିକାରେ ୧୦ ଜଣ କେନ୍ଦ୍ର ମନ୍ତ୍ରୀ ଓ ୫ ଜଣ ମୁଖ୍ୟମନ୍ତ୍ରୀଙ୍କୁ ବି ସ୍ଥାନ ଦିଆଯାଇଛି। ଏମାନେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ୍ ଗଡ଼କରୀଙ୍କ ସମେତ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ, ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଲିକାରେ ସାମିଲ ହୋଇଛନ୍ତି। ସେହିପରି ବେଶ୍ କିଛିଦିନ ହେଲା ଜନସାଧାରଣଙ୍କଠାରୁ ଦୂରେଇ ଯାଇଥିବା ଟିଭି ଅଭିନେତ୍ରୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ତାରକା ପ୍ରଚାରକଙ୍କ ମଧ୍ୟରେ ଅଛନ୍ତି। ଆହୁରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ, ରାଧା ମୋହନ ସିଂହ, ସାଧ୍ୱୀ ନିରଞ୍ଜନା ଜ୍ୟୋତି, ଅଶ୍ୱିନୀ କୁମାର ଚୌବେ ଏବଂ ବିହାର ବିଧାନସଭା ବାଚସ୍ପତି ନନ୍ଦ କିଶୋର ଯାଦବଙ୍କୁ ତାରକା ପ୍ରଚାରକ ତାଲିକାରେ ସ୍ଥାନ ମିଳିଛି। ଏହାଛଡ଼ା ତାଲିକାରେ ଏକାଧିକ କେନ୍ଦ୍ର ମନ୍ତ୍ରୀ ଓ ଭୋଜପୁରୀ ଅଭିନେତା ମନୋଜ ତିୱାରୀ, ରବି କିଶନ୍, ପୱନ୍ ସିଂହ, ନିରହୁଆ ମଧ୍ୟ ଷ୍ଟାର ପ୍ରଚାରକ ବି ଅଛନ୍ତି। ଅଧିକାଂଶ ପ୍ରଚାରକ ଉତ୍ତର ଭାରତ ଓ ହିନ୍ଦୀ ଭାଷାଭାଷୀ ରାଜ୍ୟର ପ୍ରମୁଖ ନେତା ରହିଛନ୍ତି।

## ଟିକେଟ ମିଳିଲାନି, କାନ୍ଦିଲେ ନେତା



ବିହାର ବିଧାନସଭା ନିର୍ବାଚନ ପାଇଁ ନିକଟରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ପ୍ରକାଶ ପାଇବା ପରେ କେତେକ ଖୁସି ପ୍ରକଟ କରିଥିବା ବେଳେ ଆଉ କେତେକ

### ଦ୍ରୁତ ଗତିରେ ଭିଡିଓ ଭାଇରାଲ୍

ମନଦୁଃଖ କରି ପରବର୍ତ୍ତୀ ସୁଯୋଗକୁ ଅପେକ୍ଷା କରିଛନ୍ତି। ଏହା ବେଶ୍ ସ୍ୱାଭାବିକ ମଧ୍ୟ। କିନ୍ତୁ ଟିକେଟ୍ ନ ପାଇ ଭୋ ଭୋ ହୋଇ କାନ୍ଦିବା ଭଳି ନେତା ବୋଧହୁଏ ଦେଖାଯିବା ଆଦୌ ସ୍ୱାଭାବିକ ଘଟଣା ନୁହେଁ। ଏଲଜେପି ରାମବିଳାସ ପାର୍ଟି ନେତା ଅଭୟ ସିଂହ ଟିକେଟ ପାଇନଥିବାରୁ ଏତେ ମାତ୍ରାରେ ବିଚଳିତ ହୋଇପଡ଼ିଥିଲେ ଯେ ସେ କ୍ୟାମେରା ସାମ୍ନାରେ ନିଜର କୋହ ସମ୍ଭାଳିନପାରି କାନ୍ଦି ପକାଇଛନ୍ତି। ସମସ୍ତିପୁର ଜିଲାର ମୋରୱା ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଘଟଣା ଘଟିଛି। ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ନେତା ଅଭୟ କୁମାର ସିଂହ ଟିକେଟ ନ ପାଇବା ପରେ ପ୍ରବଳ କାନ୍ଦୁଥିବା ଦେଖାଯାଇଛି। ତାଙ୍କର ଏହସମୟର ଭିଡିଓଟି ମଧ୍ୟ ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି, ଯେଉଁଥିରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଟିକେଟ ବଣ୍ଟନ ନେଇ ସଙ୍ଗିନ ଅଭିଯୋଗ ଆଣିଛନ୍ତି।

ଭାଇରାଲ ଭିଡିଓରେ, ଅଭୟ ସିଂହ ସିଧାସଳଖ ଟିକେଟ ବଣ୍ଟନରେ ଟଙ୍କା କାରବାର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ କେହି ଆମଠାରୁ ଅଧିକ ଦେୟ ଦେଇ ଟିକେଟ ପାଇଛନ୍ତି। ଟିକେଟ୍ ପାଇନଥିବାରୁ ଏବେ ରାଜନୀତିରୁ ସନ୍ନ୍ୟାସ ନେବାକୁ ମଧ୍ୟ ସେ ଘୋଷଣା କରିଛନ୍ତି। ତେବେ ଏହା କହିବା ଭିତରେ ସେ ଜଣେ ଛୋଟ ପିଲା ପରି ଭୋ ଭୋ ହୋଇ କାନ୍ଦିପକାଇଥିଲେ। ତାଙ୍କ ରାଜନୈତିକ କ୍ୟାରିୟର ପ୍ରତି ଏହି ଅନ୍ୟାୟ ବୋଲି ସେ କହିବା ସହ ଏଥିନେଇ କ୍ରୋଧ ପ୍ରକାଶ କରୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଫେସବୁକ ଲାଇଭ ମାଧ୍ୟମରେ ତାଙ୍କ ସମର୍ଥକଙ୍କ ସହ କଥା ହୋଇ ସେ କହିଛନ୍ତି ଯେ ସେ ନଷ୍ଟ ହୋଇଯାଇଛନ୍ତି ଓ ଆଉ ରାଜନୀତିରେ ରହିବାକୁ ତାଙ୍କର ମନ ନାହିଁ।

# ହତ୍ୟାକାରୀ ଡାକ୍ତର ସ୍ୱାମୀ ଗିରଫ

## ସ୍ତ୍ରୀକୁ ଇଞ୍ଜେକସନ ଦେଇ ମାରିଦେଇଥିଲେ

## ପରକୀୟା ପ୍ରୀତିରେ ଜଡ଼ିତ ଥିଲେ



ବେଙ୍ଗାଲୁରୁ,୧୬।୧୦: ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ଡାକ୍ତର ସ୍ୱାମୀକୁ ଗିରଫ କରିଛି ବେଙ୍ଗାଲୁରୁ ପୁଲିସ। ବେଙ୍ଗାଲୁରୁରେ ଜଣେ ଡାକ୍ତର ନିଜ ସ୍ତ୍ରୀଙ୍କୁ ଏଭଳି ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି, ଯାହାକୁ ଶୁଣି ଆପଣ ଆଶ୍ଚର୍ଯ୍ୟ ହେବେ। ପ୍ରଥମେ ସମସ୍ତଙ୍କ ଧାରଣା ଥିଲା ଯେ, ଡାକ୍ତରବାବୁଙ୍କ ସ୍ତ୍ରୀଙ୍କ ମୃତ୍ୟୁ ସାଧାରଣ ଥିଲା। କିନ୍ତୁ, ଏବେ ଏହି ମୃତ୍ୟୁର ରହସ୍ୟ ଉପରୁ ପରଦା ହଟିଛି। ସ୍ୱାମୀ-ସ୍ତ୍ରୀ ଉଭୟେ ଡାକ୍ତର ଥିଲେ। ମହେନ୍ଦ୍ର ରେଡ୍ଡୀ ଏକ ନାମୀଦାମୀ ଡାକ୍ତରଖାନାରେ ଜେନେରାଲ ସର୍ଜନ ଭାବେ କାର୍ଯ୍ୟ କରୁଥିବା ବେଳେ କ୍ରିତିକା ମଧ ଜଣେ ଡର୍ମାଟୋଲୋଜିଷ୍ଟ ଅର୍ଥାତ୍ ଚର୍ମ ବିଶେଷଜ୍ଞ ଥିଲେ। ଗତ ବର୍ଷ ମେ' ୨୬ ତାରିଖରେ ଉଭୟଙ୍କର ବେଶ୍ ଧୂମଧାମରେ ବିବାହ ହୋଇଥିଲା। କିନ୍ତୁ ବିବାହର ବର୍ଷେ ଭିତରେ ଅର୍ଥାତ୍ ଗତ ଏପ୍ରିଲ୍ ୨୩ ତାରିଖରେ କ୍ରିତିକାଙ୍କର ରହସ୍ୟମୟ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା। କ୍ରିତିକାଙ୍କ ମୃତ୍ୟୁ ବେଳେ ତାଙ୍କ ଶରୀର ଅସୁସ୍ଥ ଥିଲା ଓ ସେ ତାଙ୍କ ବାପ ଘରେ ରହୁଥିଲେ।

ଘଟଣା ବାବଦରେ ପୁଲିସ ଯାଞ୍ଚ ପରେ ସାମନାକୁ ଆସିଥିଲା ଏକ ଚାଞ୍ଚଲ୍ୟକର ତଥ୍ୟ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ମହେନ୍ଦ୍ର ୨ ଦିନ ଧରି କ୍ରିତିକାଙ୍କୁ ଭେଟିବାକୁ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ ଏବଂ ସେ ଏକାଧିକ ଥର ଏଣ୍ଟ୍ରାଭେନସ୍ ଅର୍ଥାତ୍ ଆନାସ୍ଥେସିଆ ଇଞ୍ଜେକସନ ଦେଇଥିଲେ। ଯାହାର କିଛି ଘଣ୍ଟା ପରେ କ୍ରିତିକାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁର ପାଖାପାଖି ୬ ମାସ ପରେ ଫରେନସିକ୍ ସାଇନ୍ସ ଲାବୋରେଟାରୀ ରିପୋର୍ଟରେ କ୍ରିତିକାଙ୍କର ଶରୀରର କିଛି ଅଙ୍ଗରେ ପ୍ରୋପୋଫୋଲ ଥିବା ଜଣାପଡ଼ିଥିଲା। ଯେଉଁଥିରୁ ସ୍ପଷ୍ଟ ହୋଇଥିଲା ଯେ ତାଙ୍କ ମୃତ୍ୟୁ ଆସଥେଟିକ୍ ଔଷଧ କାରଣରୁ ହୋଇଥିଲା, ଯେଉଁ ଇଞ୍ଜେକସନ ମହେନ୍ଦ୍ର ତାଙ୍କୁ ଦେଉଥିଲେ। ପ୍ରଥବେ ପୁଲିସ ଏହାକୁ ସାଧାରଣ ମୃତ୍ୟୁ ଭାବେ ବିବେଚନା କରୁଥିଲା। କିନ୍ତୁ ପରେ କ୍ରିତିକାଙ୍କ ଭଉଣୀ ଯାଞ୍ଚ ପାଇଁ ଦାବି କରିବାରୁ ହତ୍ୟାକାଣ୍ଡରେ ମହେନ୍ଦ୍ର ରଚିଥିବା ଏଭଳି ଯୋଜନାର ପର୍ଦ୍ଦାଫାସ ହୋଇଥିଲା। ପୁଲିସର କହିବାନୁସାରେ, ମହେନ୍ଦ୍ରଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ମଧ ସମ୍ପର୍କ ଥିଲା। ଏପରିକି ବିବାହ ପରଠୁ ମହେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ଅଣଦେଖା କରିଆସୁଥିଲେ ବୋଲି ଅଭିଯୋଗ ରହିଛି। ମହେନ୍ଦ୍ର ଏକ ଡାକ୍ତରଖାନା ନିର୍ମାଣ କରିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ଶ୍ୱଶୁର ଘର ଲୋକଙ୍କୁ ଟଙ୍କା ଦେବା ଲାଗି ଚାପ ପକାଉଥିଲେ। କିନ୍ତୁ ଶ୍ୱଶୁର ଘର ଲୋକେ ଏଥିରେ ବିଶେଷ ସହଯୋଗ ନ କରିବାରୁ ଏହାକୁ ନେଇ ମହେନ୍ଦ୍ର କ୍ରିତିକାଙ୍କ ଉପରେ ରାଗ ରଖି ବାହାରେ ସମ୍ପର୍କ ସ୍ଥାପନ କରିବା ସହ ଶେଷରେ ତାଙ୍କୁ ରାସ୍ତାରୁ ହଟାଇଦେଇଥିବା ପୁଲିସ୍ ଅନୁମାନ କରୁଛି।

### ରୁଷିଆଠାରୁ ତେଲ କିଣିବା ପ୍ରସଙ୍ଗ

## ଟ୍ରମ୍ପଙ୍କ ଦାବିକୁ ଭାରତର ଖଣ୍ଡନ

- ମୋଦି-ଟ୍ରମ୍ପଙ୍କ ମଧ୍ୟରେ ହୋଇନି ଫୋନ୍ କଲ୍

**ନୂଆଦିଲ୍ଲୀ,୧୬।୧୦:** ଭାରତ ଉପରେ ଚାପ ପକାଇବାକୁ ଯାଇ ବିଭିନ୍ନ ବିଷୟରେ ମିଛ ଦାବି କରିବା ସହିତ ନାନା ମିଛ କଥା କହୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବୁଧବାର ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଫୋନ୍ କରି ଋଷରୁ ତେଲ କିଣିବେ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ହେଲେ ଭାରତ ତାଙ୍କର ଏହି ଦାବିକୁ ଖଣ୍ଡନ କରିଛି। ଦୁଇ ନେତାଙ୍କ ମଧ୍ୟରେ ଗତକାଲି ଏଭଳି କୌଣସି ଫୋନ କଲ୍ ଆଲୋଚନା ହୋଇ ନାହିଁ ବୋଲି ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଟ୍ରମ୍ପଙ୍କ ଦାବିର ଜବାବରେ ପୂର୍ବରୁ ଏକ ବିବୃତ୍ତି ଜାରି କରାଯାଇ ସାରିଛି। ତେବେ ଫୋନ୍ କଲ କଥା କହିଲେ ଗତକାଲି ଦୁଇ ନେତାଙ୍କ ମଧ୍ୟରେ ଗତକାଲି କୌଣସି ଫୋନ୍ କଲ୍ ହୋଇନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ବୁଧବାର ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଟେଲିଫୋନ୍ ଆଲୋଚନାରେ ରୁଷିଆଠାରୁ ଆଉ ତେଲ କିଣିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନ ଯୁଦ୍ଧରୁ ମସ୍କୋକୁ ଦୂରେଇ ରଖିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ବୋଲି ଟ୍ରମ୍ପ କହିଥିଲେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୪ ସାଙ୍ଗ ମୃତ



**ଜୟପୁର,୧୫।୧୦:** ରାଜସ୍ଥାନର ବାଲୋତ୍ରାର ସିନ୍ଧାରି ଥାନା ସୀମା ଅନ୍ତର୍ଗତ ସଦା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିବା ଫଳରେ ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ ୪ ଜଣ ସାଙ୍ଗ ଏକ ସ୍କର୍ପିଓରେ ଯାଉଥିବା ସମୟରେ ଏହା ଅନ୍ୟ ଏକ ଗାଡ଼ି ସହ ଧକ୍କା ହେବା ଫଳରେ ଏଥିରେ ନିଆଁ ଲାଗିଯାଇଥିଲା। ଫଳରେ ୪ ଜଣଯାକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବୁଧବାର ମଧରାତ୍ରିରେ ମେଗା ହାଇୱେରେ ଏହି ଅଘଟଣ ଘଟିଛି। ପୁଲିସ ଦେଇଥିବା ସୂଚନାନୁଯାୟୀ, ଗୁଡାମାଲାନିର ଦାବାଦ ଗାଁର ୫ ଜଣ ଯୁବକ କାମ ସାରି ସିନ୍ଧାରିରୁ ଘରକୁ ଫେରୁଥିବା ସମୟରେ ସେମାନଙ୍କ ସ୍କର୍ପିଓ ଗାଁ ପୂର୍ବରୁ ପ୍ରାୟ ୩୦ କିମି ଦୂରରୁ ଆସୁଥିବା ଏକ ଟ୍ରେଲରକୁ ଧକ୍କା ଦେଇଥିଲା। ଧକ୍କା ହେବାର କେଇ ସେକେଣ୍ଡ୍ ଭିତରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ମୃତ ଯୁବକମାନଙ୍କ ବୟସ ୨୦ରୁ ୩୫ ବର୍ଷ ମଧରେ ହେବ। ସୂଚନାଯୋଗ୍ୟ ଯେ ଗତ ସୋମବାର ଜୈସଲମେରରେ ୫୭ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଏସି ସ୍ଲିପର ବସରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ୨୦ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ।

## ପ୍ରାର୍ଥନା କରୁଥିଲେ, ହଠାତ୍ ଆସିଲା ହାର୍ଟ ଆଟାକ୍

**ମଥୁରା,୧୫।୧୦:** ବୃନ୍ଦାବନର ବିଶ୍ୱପ୍ରସିଦ୍ଧ ଶ୍ରୀ ବାଙ୍କେ ବିହାରୀ ମନ୍ଦିରରେ ପ୍ରାର୍ଥନା କରୁଥିବା ସମୟରେ ଜଣେ ଭକ୍ତଙ୍କର ହୃଦଘାତରେ ମୃତ୍ୟୁ ଘଟିଛି। ମନ୍ଦିର ପ୍ରଶାସନ, ପୁଲିସ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ତୁରନ୍ତ ଘଟଣା ବିଷୟରେ ସୂଚନା ସଂଗ୍ରହ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୃତକ ଜଣଙ୍କ ଉତ୍ତର ପ୍ରଦେଶର ମିରଟର ବାସିନ୍ଦା ବୋଲି ଜଣାପଡିଛି। ସୂଚନାନୁଯାୟୀ, ବ୍ୟକ୍ତି ଜଣଙ୍କ ତାଙ୍କ ପରିବାର ସହ ବାଙ୍କେ ବିହାରୀ ମନ୍ଦିର ଦର୍ଶନ କରିବାକୁ ଆସିଥିଲେ। ଦର୍ଶନ ପରେ ସେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମନ୍ଦିର ପରିସରର ଗେଟ୍ ନମ୍ବର ୪ରୁ ବାହାରକୁ ବାହାରିବା ସମୟରେ ତାଙ୍କ ଭଣଜା କାନ୍ଧରେ ବସିଥିଲେ। କିନ୍ତୁ ହଠାତ୍ ତାଙ୍କର ମୁଣ୍ଡ ବୁଲାଇଥିଲା ଓ ସେ ତଳେ ପଡ଼ିଯାଇ ଆହତ ହୋଇଥିଲେ। ସେଠାରେ କର୍ତ୍ତବ୍ୟରତ ସୁରକ୍ଷା କର୍ମୀମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃପାଳ ସିଂହ ପ୍ରାୟ ୫୦ ଜଣ ସମ୍ପର୍କୀୟ ଏବଂ ବନ୍ଧୁଙ୍କ ସହ ବାଙ୍କେ ବିହାରୀଙ୍କୁ ଦର୍ଶନ କରିବା ପାଇଁ ବସ୍ ଯୋଗେ ଯାତ୍ରା କରିଥିଲେ। ମନ୍ଦିର ପ୍ରଶାସନ ମୃତ ଭକ୍ତଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଭଳି ଏକ ଦୁଃଖଦ ସମୟରେ ସେମାନଙ୍କୁ ଧୈର୍ଯ୍ୟ ଓ ସହନ ଶକ୍ତି ପ୍ରଦାନ କରିବାକୁ କର୍ତ୍ତୃପକ୍ଷ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ୨୪ କିନ୍ନରଙ୍କ ଆତ୍ମହତ୍ୟା ଉଦ୍ୟମ



**ଇନ୍ଦୋର,୧୬।୧୦:** ସ୍ଥାନୀୟ ନନ୍ଦଲାଲପୁରାରେ ଜଣେ କିନ୍ନର ଦୁଇ ଜଣ ଗଣମାଧ୍ୟମ କର୍ମଚାରୀଙ୍କ ବିରୋଧରେ ଦୁଷ୍କର୍ମ, ଆକ୍ରମଣ ଓ ହତ୍ୟା ଧମକ ପରି ଅଭିଯୋଗ ଆଣିଥିଲେ। ଏହି ବିବାଦର କିଛି ଘଣ୍ଟା ମଧ୍ୟରେ ୨୪ ଜଣ କିନ୍ନର ଏକାଠି ବିଷ ପିଇଥିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ଘଟଣାରେ ଅନେକ କିନ୍ନରଙ୍କ ଅବସ୍ଥା ଗୁରୁତର ରହିଛି। ଏନେଇ ଖବର ପାଇବା ପରେ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଷ ପିଇଥିବା କିନ୍ନରମାନଙ୍କୁ ଆମ୍ବୁଲାନ୍ସ ସମେତ ପୁଲିସ ଗାଡ଼ିରେ ତୁରନ୍ତ ଏମୱାଇ ହସ୍ପିଟାଲକୁ ନେଇଥିଲେ। ଅତିରିକ୍ତ ଡିସିପି ସୂଚନା ଦେଇଛନ୍ତି ଯେ ପ୍ରାଥମିକ ତଦନ୍ତ ଅନୁସାରେ କିନ୍ନର ଗୋଷ୍ଠୀର ୨୪ ଜଣ ଫିନାଇଲ୍ ପିଇଦେଇଛନ୍ତି। ସମସ୍ତ ପ୍ରଭାବିତ କିନ୍ନରଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚିକିତ୍ସା ପରେ ଅସୁସ୍ଥ କିନ୍ନରଙ୍କ ଅବସ୍ଥା ସ୍ଥିର ରହିଛି। ପୁଲିସ ପ୍ରଶାସନର ତତ୍ତ୍ୱାବଧାନରେ ସେମାନଙ୍କ ଚିକିତ୍ସା ଚାଲିଛି। ତେବେ ବିଷକ୍ରିୟାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ ପାୟଲ ଓ ସୀମା ଗୁରୁଙ୍କ ଗୋଷ୍ଠୀ ମଧ୍ୟରେ ଗୁରୁଙ୍କ ଆସନ ଓ ଅଞ୍ଚଳର ପ୍ରାଧାନ୍ୟକୁ ନେଇ ଦୀର୍ଘ ଦିନରୁ ବିବାଦ ଚାଲିଆସିଛି। ଏହି ବିବାଦ ନେଇ ପୁଲିସର ସ୍ୱତନ୍ତ୍ର ଟିମ ତଦନ୍ତ ଚଳାଇଛି।

## କପିଲଙ୍କ କାଫେ ଉପରେ ଆକ୍ରମଣ

### ୪ ମାସ ଭିତରେ ତୃତୀୟ ଘଟଣା




**ଟରଣ୍ଟୋ,୧୬।୧୦:** ଜଣାଶୁଣା ହାସ୍ୟ କଳାକାର କପିଲ ଶର୍ମାଙ୍କ କାନାଡ଼ାର ସର୍‌ରେସ୍ଥିତ କାଫେ ଉପରେ ଏବେ ପୁଣିଥରେ ଆକ୍ରମଣ ହୋଇଛି। ଗୁରୁବାର ଜଣେ ବନ୍ଧୁକଧାରୀ ଅଚାନକ କାଫେ ଉପରକୁ ଗୁଳି ଚଳାଇବାର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିସହ ଗତ ୪ ମାସ ମଧ୍ୟରେ କପିଲଙ୍କ କାଫେ ଉପରେ ଏହା ତୃତୀୟ ଆକ୍ରମଣ ଘଟଣା। ତେବେ ଏହି ଆକ୍ରମଣ ପାଇଁ କୁଖ୍ୟାତ ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇ ଗୋଷ୍ଠୀର କୁଲବୀର ସିଦ୍ଧୁ ଓ ଗୋଲ୍‌ଡି ଧିଲୋଁ ଏକ ସୋସିଆଲ୍ ପୋଷ୍ଟ୍ ମାଧ୍ୟମରେ ନିଜକୁ ଦାୟୀ କରିଛନ୍ତି। ଆକ୍ରମଣ ସମୟର ଭିଡିଓରେ କାଫ ଉପରେ ଏକାଧିକ ବାର ଗୁଳି ଚାଳନା କରାଯାଇଛି। ଏହି କାଫେଟି କିଛି ମାସ ତଳେ ଆକ୍ରମଣର ଶିକାର ହୋଇ ନଷ୍ଟବିନଷ୍ଟ ହୋଇଯାଇଥିବା ବେଳେ ନିକଟରେ ପୁନରୁଦ୍ଧାର ପରେ ଖୋଲିଥିଲା। କିନ୍ତୁ ଏବେ ପୁଣିଥରେ ଏହା ଉପରେ ଆକ୍ରମଣ ହୋଇଥିବାରୁ ଏହି କାଫେର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀମାନେ ସୋସିଆଲ୍ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଆମର ସାଧାରଣ ଲୋକଙ୍କ ଉପରେ କୌଣସି ରାଗ ନାହିଁ। କିନ୍ତୁ ଯିଏ ଆମ ବିରୋଧରେ କହିବ ଓ ଆମକୁ ଧୋକ୍କା ଦେବ, ଆମେ ତାକୁ କଦାପି ଛାଡ଼ିବୁ ନାହିଁ। ବଲିଉଡ୍‌ର ଯେଉଁ ବ୍ୟକ୍ତିବିଶେଷ ଆମ ଧର୍ମ ବିରୋଧରେ କହିବେ, ସେମାନେ ଗୁଳି ଖାଇବାକୁ ପ୍ରସ୍ତୁତ ହୋଇଯିବା ଉଚିତ। କାରଣ ସେମାନଙ୍କ ଏପରି କାର୍ଯ୍ୟକଳାପ ପାଇଁ କୌଣସି କୋଣରୁ ବି ଗୁଳି ଆସିପାରେ ବୋଲି ଆକ୍ରମଣକାରୀମାନେ ଚେତାଇ ଦେଇଛନ୍ତି। ଏହା ପୂର୍ବରୁ କପିଲଙ୍କ ଉକ୍ତ କାଫେ ଉପରେ ଗତ ଜୁଲାଇ ୧୦ ଓ ଅଗଷ୍ଟ ୭ ତାରିଖରେ ଆକ୍ରମଣ ହୋଇଥିଲା।

### ବେଲୁଚିସ୍ତାନରେ ବଢ଼ିଲା ଉତ୍ତେଜନା

## ଗ୍ୟାସ୍ ପାଇପଲାଇନ୍ ଉଡାଇଲେ ବିଦ୍ରୋହୀ



ନୂଆଦିଲ୍ଲୀ,୧୬।୧୦: ପାକିସ୍ତାନ ଓ ଆଫଗାନିସ୍ତାନ ଭିତରେ ୪୮ ଘଣ୍ଟାର ଅସ୍ତ୍ରବିରତି ଲାଗୁ କରାଯାଇଛି। ଅନ୍ୟପକ୍ଷେ ବେଲୁଚିସ୍ତାନରେ ଅଶାନ୍ତି ଥମିବାର ନାଁ ଧରୁନି। ବେଲୁଚ ଲିବରେସନ୍ ଫ୍ରଣ୍ଟ (ବିଏଲଏଫ୍) ଧାଦର ଅଞ୍ଚଳରେ ଏକ ପୁଲିସ ଟିମ୍‌କୁ ବନ୍ଧକ ରଖିଥିବା କଥାକୁ ସ୍ୱୀକାର କରିଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବଢ଼ିବାର ସଙ୍କେତ ମିଳିଛି। ବିଏଲଏଫ୍ ଦାବି କରିଛି ତା'ର କମାଣ୍ଡର ଧାଦରରେ ପୁଲିସ ଅଧିକାରୀଙ୍କୁ ବନ୍ଧକ କରିଛି। ସେଭଳି ବଲୁଚ ରିପବ୍ଲିକାନ୍ ଗାର୍ଡସ (ବିଆରଜି) ଏକ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। ଯେଉଁଥିରେ ସୁଇ ଓ କାଶମୋର ଭିତରେ ଥିବା ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ପାଇପଲାଇନ୍‌ର ପ୍ରବଳ କ୍ଷତି ହୋଇଛି।

'ଦ ବେଲୁଚିସ୍ତାନ ପୋଷ୍ଟ' (ଟିବିପି) ଅନୁସାରେ, ବିଏଲ୍‌ଏର ମୁଖପାତ୍ର ମେଜର ଗ୍ୱାରମ୍ ବଲୁଚଙ୍କ କଥାରୁ ଜଣାପଡୁଛି କମାଣ୍ଡରମାନେ ପ୍ରାୟ ୫ଟା ବେଳେ ଧାଦରର ଆଲ୍ଲାହ ୟାର ଅଞ୍ଚଳରେ ପୁଲିସର ଗସ୍ତକାରୀ ଟିମ୍‌ର ସାମନା କରିଥିଲେ। ବୟାନରେ କୁହାଯାଇଛି ଯେ ଟିମ୍‌କୁ ଘେରି ନିଆଯାଇଥିଲା, ଅଧିକାରୀଙ୍କୁ ଗିରଫ କରାଯାଇଛି, ଯାହାଙ୍କ ହାତରୁ ହତିଆର ଛଡାଇ ନିଆଯାଇଛି ଏବଂ କଥିତ ଭାବରେ ବ୍ୟବହାର କରାଯାଇଥିବା ବାହନରେ ନିଆଁ ଲଗାଇ ଦିଆଯାଇଛି।

ବିଏଲ୍‌ଏ ମୁଖପାତ୍ର କହିଛନ୍ତି, ପ୍ରାରମ୍ଭିକ ପଚରାଉଚରାରୁ ଜଣାପଡିଛି ଯେ ବନ୍ଧକ ଅଧିକାରୀ ବଲୁଚ ସମୁଦାୟ କିମ୍ବା ରାଷ୍ଟ୍ରୀୟ ଆନ୍ଦୋଳନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନରେ ସାମିଲ ନଥିଲେ। ଏଥିପାଇଁ ତାଙ୍କୁ ବିନା କୌଣସି ସମସ୍ୟାରେ ମୁକ୍ତ କରି ଦିଆଯାଇଛି। ଟିବିପିର ରିପୋର୍ଟ ଅନୁସାରେ, ବିଏଲ୍‌ଏଫ୍ ଏହି ଅପରେସନ୍ ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛି। ସେଭଳି ବିଆରଜି ମୁଖପାତ୍ର ଦୋସ୍ତେନ ବଲୁଚ କହିଛନ୍ତି ଯେ ସଂଗଠନ ଡେରା ବୁଗାଟିଙ୍କୁ ସୁଇ ଅଞ୍ଚଳରୁ କରାଚୀ ପର୍ଯ୍ୟନ୍ତ ନେଇ ଯାଉଥିବା ୩୬ ଇଞ୍ଚ ବ୍ୟାସର ଗ୍ୟାସ୍ ପାଇପଲାଇନ୍‌ରେ ସୁଇ ଓ କାଶମୋର ଭିତରେ ରାତିସାରା ବିସ୍ଫୋରଣ ହୋଇଥିଲା। ଯାହା ଫଳରେ ପ୍ରବଳ ମାତ୍ରାରେ ଧ୍ୱଂସ ହୋଇଥିଲା। ବିଆରଜିର ବୟାନରୁ ସ୍ପଷ୍ଟ ହୋଇଛି ଯେ ଏହି ଆକ୍ରମଣ ସ୍ୱତନ୍ତ୍ର ଅଭିଯାନର ଅଂଶ ରହିଛି, ଯାହାକି ସେ ପର୍ଯ୍ୟନ୍ତ ଚାଲିବ ଯେଉଁ ପର୍ଯ୍ୟନ୍ତ ରାଜନୈତିକ ଦାବି ପୂରଣ ନ ହୋଇଛି।

# ଡିଆଇଜିଙ୍କ ଲାଞ୍ଚ ଲୋଭ: ଗିରଫ କଲା ସିବିଆଇ

- ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ନେଉଥିଲେ ୫ ଲକ୍ଷ
- କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ାଉ ଜାରି



**ନୂଆଦିଲ୍ଲୀ,୧୬।୧୦:** ପଞ୍ଜାବର ରୋପାର ରେଞ୍ଜର ଡିଆଇଜି ହରଚରଣ ସିଂହ ଭୁଲ୍ଲରଙ୍କୁ ଆଜି ସିବିଆଇ ଗିରଫ କରିଛି। ଆଜି ଅପରାହ୍ନରେ ଏହି ଗିରଫଦାରୀ ହୋଇଥିବା ବେଳେ ଏହା ଏକ ହାଇ-ପ୍ରୋଫାଇଲ୍ ଲାଞ୍ଚ ମାମଲା ସହ ଜଡ଼ିତ ବୋଲି ଜଣାପଡିଛି। ତେବେ ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ଟଙ୍କାର ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଏନେଇ ସିବିଆଇ ପକ୍ଷରୁ କୁହାଯାଇଛି ଯେ ଲାଞ୍ଚ ଗ୍ରହଣ କରିବା ସମୟରେ ଡିଆଇଜିଙ୍କୁ ଗିରଫ କରାଯାଇଛି। ଫତେଗଡ଼ ସାହିବର ବାସିନ୍ଦା ଅଭିଯୋଗକାରୀ ଅଭିଯୋଗ କରିଥିଲେ ଯେ ଡିଆଇଜି ଭୁଲ୍ଲର ଏକ ମାମଲା ସମାଧାନ କରିବା ପାଇଁ ବିପୁଳ ପରିମାଣର ଟଙ୍କା ଦାବି କରିଥିଲେ ଏବଂ ପ୍ରଥମ କିସ୍ତି ଦେବା ପାଇଁ ତାଙ୍କୁ ତାଙ୍କ ମୋହାଲି କାର୍ଯ୍ୟାଳୟକୁ ଡାକିଥିଲେ। ଏହି ସୂଚନା ଆଧାରରେ ସିବିଆଇ ଟିମ୍ ଚଢାଉ କରି ଘଟଣାସ୍ଥଳରୁ ଡିଆଇଜିଙ୍କୁ ଗିରଫ କରିଛି।

ସିବିଆଇ ଦୀର୍ଘ ଦିନ ଧରି ଏହି ବରିଷ୍ଠ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ପାଇଆସୁଥିଲା। ଅଭିଯୋଗ ଅନୁସାରେ ସେ ମାମଲାରେ ଆଶ୍ୱସ୍ତି ପାଇଁ ଟଙ୍କା ଦାବି କରିଥିଲେ। ଏହି ସୂଚନା ଆଧାରରେ, ସଂସ୍ଥା ଜାଲ ବିଛାଇ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅଧିକାରୀ ଜଣଙ୍କ ୫ ଲକ୍ଷ ଲାଞ୍ଚ ଗ୍ରହଣ କରିବା ମାତ୍ରେ ସେଠାରେ ପୂର୍ବରୁ ମହଜୁଦ ଥିବା ସିବିଆଇ ଟିମ୍ ତାଙ୍କୁ ଗିରଫ କରିଛି। ତଲାସୀ ସମୟରେ ଉକ୍ତ ଟଙ୍କା ମଧ୍ୟ ଜବତ କରାଯାଇଛି। ଭୁଲ୍ଲରଙ୍କୁ ଗିରଫ କରିବା ପରେ ସିବିଆଇ ଟିମ୍ ତାଙ୍କ କାର୍ଯ୍ୟାଳୟ ଓ ବାସଭବନରେ ମଧ୍ୟ ଚଢାଉ କରିଛି। ଏ ସଂକ୍ରାନ୍ତରେ ସିବିଆଇର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ତାଙ୍କୁ ପଚରାଉଚରା ଚାଲିଛି। ତେବେ ଡିଆଇଜି ସ୍ତରୀୟ ବରିଷ୍ଠ ପୁଲିସ୍ ପଦାଧିକାରୀ ଏପରି ଲାଞ୍ଚ ଦାବି କରିବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨ ଗିରଫ

**ଭଦ୍ରକ,୧୬।୧୦(ସଂଚାର ବ୍ୟୁରୋ):** ଜିଲ୍ଲାର ଧାମନଗର ଥାନା ମୁସ୍ତାଫାପୁର ଗ୍ରାମ ରେ ଜଣେ ୧୫ ବର୍ଷ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଦୁଇ ଯୁବକ ଗିରଫ ହୋଇଛନ୍ତି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ମୁସ୍ତାଫାପୁର ଗ୍ରାମର ଉମର ଅଲ୍ଲୀଙ୍କ ପୁଅ ସେକ ଜାବିର ଓ ସେକ ଲତିଫ ଙ୍କ ପୁଅ ସେକ ଟାଇଗର। ସୂଚନା ଥାଉକି ନାବାଳିକା ର ପରିବାର ଅଭିଯୋଗ ଅନୁସାରେ ଗତ ସେପ୍ଟେମ୍ବର ୨୯ ତାରିଖରେ ତାଙ୍କ ନାବାଳିକା କନ୍ୟାକୁ ଦୋବଲ ଅଞ୍ଚଳରୁ ନେଇ ଭୁବନେଶ୍ୱର, ଗୁଜୁରାଟ ଓ ଆଜମେରରେ ରଖି ଦୁଷ୍କର୍ମ କରାଯାଇଥିଲା। ପରେ ଅଭିଯୁକ୍ତମାନେ ଗତ ୬ ତାରିଖରେ ତାକୁ ଭଦ୍ରକ ଚରମ୍ପା ଷ୍ଟେସନରେ ଛାଡି ପଳାଇ ଯାଇଥିଲେ। ୧୩ ତାରିଖ ଧାମନଗର ଥାନାରେ ଅଭିଯୋଗ ମିଳିବା ପରେ କେଶ ନମ୍ବର ୩୮୭/୨୫ ରେ ମାମଲା ରୁଜୁ କରାଯାଇଥିଲା। ଥାନାଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ଗୁଜୁରାଟରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣି ଆଜି ଉଭୟଙ୍କୁ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ଧାମନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ନାବାଳିକାକୁ ଭଦ୍ରକ ସ୍ଥିତ ଆସିୟାନାରେ ଛଡାଯାଇଛି।

# ପୁତୁରାର କାଠଫାଳିଆ ମାଡ଼ରେ ବଡବୋଉର ମୃତ୍ୟୁ

**ଖୋର୍ଦ୍ଧା,୧୬।୧୦(ସଂଚାର ବ୍ୟୁରୋ):** ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ପୁତୁରାର କାଠ ଫାଳିଆ ମାଡରେ ବଡ ବୋଉର ମୃତ୍ୟୁ ଘଟିଛି। ଏପରିକି ଜଣେ ପଡୋଶୀ ମହିଳା ମଧ୍ୟ ଗୁରୁତର ହୋଇଛନ୍ତି। ମୃତ ବୃଦ୍ଧା ଜଣକ ହେଲେ ହେମଲତା ସ୍ୱାଇଁ (୬୨)। ସୁଚନା ମୁତାବକ ବୃନ୍ଦାବନପୁର ଗ୍ରାମର ଜଗବନ୍ଧୁ ସ୍ୱାଇଁଙ୍କ ସହିତ ପଡୋଶୀ ଲିଙ୍ଗରାଜଙ୍କ ସ୍ୱାଇଁ ପରିବାର ମଧ୍ୟରେ ପୂର୍ବ ଶତ୍ରୁତା ଲଗିରହିଥିଲା। ଗତ ଶନିବାର ଜଗବନ୍ଧୁ ସ୍ୱାଇଁଙ୍କ ଘର ନିକଟରେ ତାଙ୍କ ପୁତୁରା ଲିଙ୍ଗରାଜ ସ୍ୱାଇଁ ଓ ତାଙ୍କ ପରିବାର ଲୋକେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଜଗବନ୍ଧୁଙ୍କ ପତ୍ନୀ ହେମଲତା ସ୍ୱାଇଁ (୬୨) ଗାଳିଗୁଲଜ ନ କରିବାକୁ ବାରଣ କରିବାରୁ ଉତ୍କ୍ଷିପ୍ତ ହୋଇ ଲିଙ୍ଗରାଜ ପୁନର୍ବାର ଗାଳିଗୁଲଜ କରିବା ସହିତ ଏକ କାଠଫାଳିଆରେ ହେମଲତାଙ୍କୁ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧା ଜଣକ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ବେଳେ ହେମଲତାଙ୍କ ଦୁଇ ବୋହୂ ଓ ପଡୋଶୀ ମହିଳା ସୁଜାତା ସ୍ୱାଇଁ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସୁଜାତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା।ସୁଜାତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା।ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତର ହେମଲତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ।ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ଖବର ପାଇ ଚାନ୍ଦପୁର ପୁଲିସ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରଣପୁର ମେଡିକାଲକୁ ପଠାଇ ଥିଲେ। ଏନେଇ ମୃତକର ପରିବାର ଲୋକେ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ନୂଆପଡ଼ା ଉପନିର୍ବାଚନ ପାଇଁ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କଲା ବିଜେଡି

**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ) :** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ଜାରି କଲା ୫୨ଜଣିଆ ପ୍ରଚାରକ ତାଲିକା । ନୂଆପଡ଼ା ବ୍ଲକ ପାଇଁ ୧୮ଜଣଙ୍କୁ ଦାୟିତ୍ୱ ମିଳିଥିବାବେଳେ ନୂଆପଡ଼ା ଏନଏସି ପାଇଁ ୮ଜଣଙ୍କୁ ମିଳିଛି । କୋମନା ବ୍ଲକ ପାଇଁ ୧୮ଜଣଙ୍କୁ ଦାୟିତ୍ୱ ମିଳିଥିବାବେଳେ ଖରିଆର ରୋଡ଼ ଏନଏସି ପାଇଁ ୮ଜଣଙ୍କୁ ଦିଆଯାଇଛି । ଏହିଭଳି ଭାବେ ମୋଟ୍ ୫୨ଜଣିଆ ପ୍ରଚାରକ ତାଲିକା ।




ଘୋଷଣା କରିଛି ବିଜେଡି । ଏହି ତାଲିକାରେ ନୂଆପଡ଼ା ବ୍ଲକ୍ ଦାୟିତ୍ୱରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାଶ ବର୍ମା, ଅରୁଣ ସାହୁ, ପ୍ରତାପ ଜେନା, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପ୍ରିତିରଞ୍ଜନ ଘଡ଼େଇ, ଧ୍ରୁବ ସାହୁ ପ୍ରମୁଖ ଥିବାବେଳେ ନୂଆପଡ଼ା ଏନଏସି ଦାୟିତ୍ୱରେ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଲୀ ଦାସ, ଆୟୁବ ଖାନ ପ୍ରମୁଖ ଅଛନ୍ତି ।

# ଲିଭର୍ କେୟାର ଫାଉଣ୍ଡେସନ୍ ସହ ଅଗ୍ନିଶମ ବିଭାଗର ବୁଝାମଣା

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନେଇ ଏକ ନୂତନ ପଦକ୍ଷେପ 'କୃତଜ୍ଞତା' ଅଧୀନରେ ଆଜି ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଓଡ଼ିଶା ଲିଭର୍ କେୟାର ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ସ୍ଥାନୀୟ ଅଗ୍ନିଶମ ତାଲିମ କେନ୍ଦ୍ରରେ ଡିଜିପି ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ଆଇପିଏସ୍, ଡିଆଇଜି ଡକ୍ଟର ଉମା ଶଙ୍କର ଦାଶ, ଆଇପିଏସ୍ ଏବଂ ଉଭୟ ସଂଗଠନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ନାଗପୁରର ଜାତୀୟ ଅଗ୍ନିଶମ ସେବା ମହାବିଦ୍ୟାଳୟ ପକ୍ଷରୁ ପ୍ରାୟୋଜିତ ମୋଟ ୪୩ ଜଣ ସବ୍-ଅଫିସର ପ୍ରଶିକ୍ଷାର୍ଥୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିସହ ନାଗାଲାଣ୍ଡ ଅଗ୍ନିଶମ ସେବାର ୨୯ ଜଣ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ମଧ୍ୟରେ ନିରାକରଣ ସ୍ୱାସ୍ଥ୍ୟସେବା, ଯକୃତ ସଚେତନତା




ଏବଂ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏହି ସହଭାଗିତାର ମୂଳ ଲକ୍ଷ୍ୟ। ଏହି ପଦକ୍ଷେପ ମାଧ୍ୟମରେ, ଜୀବନକୁ ବିପଦରେ ପକାଉଥିବା କର୍ମଚାରୀମାନେ କିପରି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଯକୃତ କାର୍ଯ୍ୟକ୍ଷମତା ସ୍କ୍ରିନିଂ ଓ ସଚେତନତା କର୍ମଶାଳା ମାଧ୍ୟମରେ ସୁସ୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଭଲ ଭାବରେ ଅବଗତ ହୋଇପାରିବେ, ତାହା ସୁନିଶ୍ଚିତ କରାଯିବ। ଏହି କାର୍ଯ୍ୟକ୍ରମ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସୁସ୍ଥ ଜୀବନଶୈଳୀ, ଖାଦ୍ୟପେୟ ଅଭ୍ୟାସ ଏବଂ ପ୍ରତିଷେଧକ ଯତ୍ନ ବିଷୟରେ ଶିକ୍ଷା ଦେବ, ସଚେତନତା ସୃଷ୍ଟି କରିବା ସହ କର୍ମଚାରୀଙ୍କ ପାଇଁ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବିପଦକୁ ହ୍ରାସ କରିବ। 'କୃତଜ୍ଞତା' ମାଧ୍ୟମରେ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା କର୍ମଚାରୀ କଲ୍ୟାଣ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି।

# ବିପୁଳ ପରିମାଣର ବିସ୍ଫୋରକ ଜବତ, ଘର ମାଲିକ ଅଟକ



**ମୟୂରଭଞ୍ଜ, ୧୬।୧୦ (ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ। ପଦ୍ମନାଭପୁର ଗାଁର ଏକ ପରିତ୍ୟକ୍ତ ଘରୁ ୧୦୭ ବସ୍ତା ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏହାସହ ୩ ଡ୍ରମ୍ ମେଟାଲ ପାଉଡର ଓ ବାରୁଦକୁ ଜବତ କରିଛି ପୋଲିସ । ଗାଁରେ ବାଣ ତିଆରି ହେଉଥିବା ଖବର ପାଇ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଜବତ ସାମଗ୍ରୀକୁ ୩ଟି ପିକଅପ୍ ଭ୍ୟାନରେ ଥାନାକୁ ଅଣାଯାଇଛି। ଜନବସତିପୂର୍ଣ୍ଣ ଗାଁରେ ଏତେ ପରିମାଣରରେ ବିସ୍ଫୋରକ ଗଚ୍ଛିତ ଥିବା ଜାଣି ଭୟଭୀତ ହୋଇପଡିଛନ୍ତି ଗ୍ରାମବାସୀ। ବାଣ ତିଆରି ହେଉଥିବା ପରିତ୍ୟକ୍ତ ଘରକୁ ମାଲିକ ୩ବର୍ଷ ହେଲା ଭଡାରେ ଦେଇଥିଲେ। ତେଣୁ ଘର ଭଡାରେ ନେଇଥିବା ପ୍ରଶାନ୍ତ ସାହୁକୁ ଖୋଜୁଛି ପୋଲିସ। ଏହାସହ ଘର ମାଲିକକୁ ଅଟକ ରଖି ପଚରାଉଚରା କରାଯାଉଛି।

● ଦଶରଥପୁରରେ ଯୁବ କଂଗ୍ରେସର ଦସ୍ତଖତ ଅଭିଯାନ

# ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଯାଜପୁର,୧୬।୧୦ (ସଂଚାର ବ୍ୟୁରୋ):** ନୂତନ ଭାବେ ନିଯୁକ୍ତ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଜେନାଙ୍କୁ ଆଜି ଦଶରଥପୁର ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସଂସଦର ବିରୋଧୀ ଦଳନେତା ରାହୁଲ ଗାନ୍ଧିଙ୍କ ଆହ୍ୱାନକୁ ସମର୍ଥନ କରି 'ଭୋଟ ଚୋର ଗଦି ଛାଡ଼' ଅଭିଯାନର ଅଂଶ ଭାବେ ଏକ ଦସ୍ତଖତ ଅଭିଯାନ ଓ ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରାଟି ମଙ୍ଗଳପୁର ବଜାର ପେଟ୍ରୋଲ ପମ୍ପଠାରୁ ଆରମ୍ଭ ହୋଇ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଯୁବନେତା ଭରତ ଚନ୍ଦ୍ର ପରିଡା ଓ ଚନ୍ଦ୍ରଶେଖର ସାହୁ ନେତୃତ୍ୱ ଦେଇଥିଲେ। ଏହି ପଦଯାତ୍ରାରେ ଜିଲ୍ଲା ସଭାପତି ମାଗୁଣି ବଟକୃଷ୍ଣ ଜେନା, ପିସିସି ମୁଖ୍ୟ ପରାମର୍ଶଦାତା ସୁଧାଂଶୁ ଶେଖର ଦେଓ, ପର୍ଯ୍ୟବେକ୍ଷକ ହିମାଂଶୁ ଲେଙ୍କା, ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର ପ୍ରମୁଖ ଯୋଗଦେଇଥିଲେ। ସରକାର ବିରୋଧୀ ନାରା ମଧ୍ୟରେ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ କଂଗ୍ରେସ ଲୋକମାନଙ୍କ ମଧ୍ୟରେ ସଚେତନତା ଓ ସଂଗଠନ ଶକ୍ତିକରଣ ଉପରେ ଜୋର ଦେଇଥିଲେ। ଏହି ଅବସରରେ ସରପଞ୍ଚ ଲିପିକା ମଲିକ, ଶେଖ୍ ଆଦିଲ୍ ହୋସେନ୍, ଅନନ୍ତ କୁମାର, ଉମେଶ ଜେନା, ସାଗର ରଞ୍ଜନ ପରିଡ଼ା, ରାଜୀବ ମଲିକ, ବୃନ୍ଦାବନ ଜେନା, ଶେଖର ସମ୍ବିତ ଧଳ, ଯୁବରାଜ ମଲିକ, ସତ୍ୟଜିତ ବାରିକ ସହ ଶତାଧିକ ଯୁବ ଓ ଛାତ୍ର କର୍ମୀ ଉପସ୍ଥିତ ଥିଲେ।

# ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଖୋଲିଲା ଶିଶୁ ପାଠାଗାର

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ଚିକିତ୍ସାରତ ଶିଶୁ ରୋଗୀଙ୍କ ପାଇଁ କଟକର ଆଚାର୍ଯ୍ୟ ହରିହର ସ୍ନାତକୋତର କର୍କଟ ରୋଗ ଅନୁଷ୍ଠାନର ପୁରୁଣା କୋଠାରେ ପ୍ରଥମ ମହଲାରେ ଏକ ଶିଶୁ ପାଠାଗାର ପ୍ରତିଷ୍ଠିତ କରାଯାଇଛି। ଶିଶୁ ମାନଙ୍କୁ ଚିକିତ୍ସା ମଧ୍ୟରେ ଶିଖିବା ପାଇଁ ଏହି ଶିଶୁ ପାଠାଗାରର ପରିକଳ୍ପନା କରାଯାଇଥିଲା ଯାହା ଏବେ ସଫଳ ରୂପ ଧାରଣ କରିଛି। ଏହି ପାଠାଗାରରେ ଶିଶୁଙ୍କ କାହାଣୀ ପୁସ୍ତକ, ଚିତ୍ର ପୁସ୍ତକ, କମିକ୍ସ, ରଙ୍ଗ ସାମଗ୍ରୀ, ଖେଳ ସାମଗ୍ରୀ ଏବଂ ଡିଜିଟାଲ୍ ଶିକ୍ଷଣ ଉପକରଣ ଶିଶୁମାନଙ୍କ ପାଇଁ ହସ୍ପିଟାଲ ପରିସରରେ ଏକ ଶିକ୍ଷଣୀୟ ପରିବେଶ ସୃଷ୍ଟି କରୁଛି।

ଏହି ପଦକ୍ଷେପ ଦ୍ୱାରା ଶିଶୁ ରୋଗୀଙ୍କ ଚିକିତ୍ସା ଆବଶ୍ୟକତା ସହ ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ସୁସ୍ଥତା ଉପରେ ମଧ୍ୟ ଧ୍ୟାନ ଦିଆ ଯାଉଛି। ସୃଜନଶୀଳତା ଏବଂ ଶିକ୍ଷାକୁ ଉତ୍ସାହିତ କରି ଶିଶୁ ରୋଗୀଙ୍କ ମଧ୍ୟରେ ସକାରାତ୍ମକତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ହସ୍ପିଟାଲ ପାଠାଗାର ରେ ତାଲିମପ୍ରାପ୍ତ କାଉନସିଲର ଏବଂ କର୍ମଚାରୀମାନେ ପିଲାମାନଙ୍କୁ ପଠନ, କାହାଣୀ କହିବା ଏବଂ ଇଂଟରାକ୍ଟିଭ୍ ଅଧିବେଶନରେ ମନୋନିବେଶ କରିବାରେ ସହାୟତା କରୁଛନ୍ତି।

# ବିଜେଡିକୁ ଫେରିଲେ ନୂଆପଡ଼ାର ଆଦିବାସୀ ନେତା




**ଭୁବନେଶ୍ୱର, ୧୬।୧୦(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳର ଉପସଭାପତି ପ୍ରତାପ ଜେନା, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡା ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂହ ମାଝୀଙ୍କ ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଂଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଉଲ୍ଲେଖ୍ୟଯୋଗ୍ୟ, ନୂଆପଡା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁ ପ୍ରତାପ ସିଂହ ମାଝୀ । ଶ୍ରୀ ମାଝୀ ତିନି ତିନି ଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ, ବିଜୁ ଜନତା ଦଳର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ମୋର ନିଜ ଘରୁ ଫେରି ଆନନ୍ଦିତ। ବର୍ତ୍ତମାନ ନୂଆପଡା ଉପନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡା ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବା ସହ ଆଦିବାସୀ ମାନଙ୍କର ବିକାଶ ପାଇଁ ବହୁ ଉନ୍ନୟନମୂଳକ ପଦକ୍ଷେପ ନିଆଯାଇଛି। ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ବିଜୁ ଜନତା ଦଳର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ମାଝୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ।

# ନାବାଳିକାକୁ ଅପହରଣ ମାମଲାରେ ବାପା ପୁଅ ଗିରଫ

**ଜୟପୁର,୧୬।୧୦(ସଂଚାର ବ୍ୟୁରୋ):** ଜଣେ ନାବାଳିକାକୁ ଅପହରଣ କରିଥିବା ମାମଲାରେ ଆଜି ଜୟପୁର ସଦର ପୁଲିସ ବାପା ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଟିଗୁଡା ଗ୍ରାମର ଅଭିଯୁକ୍ତ ବାପା ତ୍ରିଲୋଚନ ହରିଜନ (୫୦) ଓ ପୁଅ ସମୀର ହରିଜନ(୨୨)। ଗତ ଅକ୍ଟୋବର ୪ ତାରିଖରେ ଜୟପୁର ସଦରଥାନା ଅନ୍ତର୍ଗତ କୁମୁଲିପୁଟ ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିଥିବା ନେଇ କୁମୁଲିପୁଟ ଅଞ୍ଚଳର ନବାଳିକାର ବାପା ଲେଖି ଜଣାଇଥିଲେ କି ତାଙ୍କର ନା ବାଳିକା ଝିଅ ଘରେ ଥିବା ସମୟରେ ଡୁଟିଗୁଡା ଗ୍ରାମର ସମୀର ହରିଜନ ଆସି ନାବାଳିକା ଝିଅକୁ ଅପହରଣ କରି ନେଇଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ସମୀରଙ୍କ ବାପା ତ୍ରିଲୋଚନ ହରିଜନ ଓ ଭଉଣୀ ଜୁଲି ହରିଜନ ସମ୍ପୃକ୍ତ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଆଜି ସଦରପୁଲିସ ବାପା ତ୍ରିଲୋଚନ ଓ ପୁଅ ସମୀରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତ୍ମସମର୍ପଣ...

ହେବ। ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ବନ୍ଧୁକ ନେଇ ଏମାନେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବାକୁ ଇନ୍ଦ୍ରାବତୀ ନଦୀ ତଟରେ ଏକତ୍ରୀତ ହେଉଛନ୍ତି। ତେବେ ସମସ୍ତ ନକ୍ସଲଙ୍କୁ ବସ ଯୋଗେ ଜଗଦଲପୁର ନିଆଯିବ ବୋଲି ଜଣାପଡ଼ିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିବେ ବୋଲି ଜଣାପଡ଼ିଛି। ଭୈରମଗଡ଼ ଠାରୁ ଇନ୍ଦ୍ରାବତୀ ନଦୀତଟ ପର୍ଯ୍ୟନ୍ତ କଡା ସୁରକ୍ଷା ବ୍ୟବସ୍ଥା କରାଯାଉଛି। କୌଣସି ଲୋକଙ୍କୁ ଏହି ରାସ୍ତାରେ ଛଡାଯାଉନଥିବା ଦେଖିବାକୁ ମିଳିଛି। ଏଥିସହ କାଂକେର ଜିଲ୍ଲାରେ ମଧ୍ୟ ବହୁ ନକ୍ସଲ ଆତ୍ମସମର୍ପଣ ପାଇଁ ପହଞ୍ଚିଥିବା ସୂଚନା ମିଳିଛି। ସେମାନଙ୍କୁ ମଧ୍ୟ ଜଗଦଲପୁର ନିଆଯିବ। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆତ୍ମସମର୍ପଣ କରିବେ ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ପୁଲିସ ତରଫରୁ କେତେ ଜଣ ଆତ୍ମସମର୍ପଣ କରୁଛନ୍ତି ତାହାର ସଠିକ ସୂଚନା ମିଳିନଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଏହା ୧୭୦ରେ ପହଞ୍ଚିବ।

## ନୂଆପଡ଼ା...

ବିଜପେିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୂତ କରିଛି। ଆପଣମାନଙ୍କ ପରିଶ୍ରମ ଓ ତ୍ୟାଗ କେବଳ ବିଜେପି ନୁହେଁ, ବରଂ ରାଷ୍ଟ୍ର ଗଠନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ୍ୱ କି ସନ୍ଦେହ ରହିବା କଥା ନୁହେଁ ବୋଲି ଶ୍ରୀ ମାଝୀ କହିଛନ୍ତି।

ନୂଆପଡ଼ାର ବିକାଶର ଦାୟିତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟିତ୍ୱ ମୁଁ ନେଇଛି। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡିକର ଶିଳାନ୍ୟାସ ହୋଇଛି। ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା। ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତରଦାୟିତ୍ୱ ବୋଲି ଶ୍ରୀ ମାଝୀ କହିଛନ୍ତି।

ଅତୀତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାଲେଶ୍ୱର, ଧାମନଗର, ପଦ୍ମପୁର, ବିଜେପୁର ଆଦି ଉପନିର୍ବାଚନରେ ବିକାଶର ଦାୟିତ୍ୱ ମୋର ବୋଲି ଘୋଷା ପାଠ କରିଥାନ୍ତି ଏବଂ ପରବର୍ତୀ ସମୟରେ ଉପନିର୍ବାଚନ ପରେ ସବୁ କଥା ଭୁଲିଯାଇ ଦାୟିତ୍ୱ ବି ସାରିଦେବାର କଥାକୁ ସମସ୍ତେ ମନେ ରଖିଛନ୍ତି। କିନ୍ତୁ ଆମ ସରକାରର ମନ୍ତ୍ର ହେଉଛି କଥା ଦେବୁ, କଥା ରଖିବୁ। କଥା ଦେଇ କଥା କେମିତି ରଖାଯାଏ, ତାହା ଗତ ପନ୍ଦର ମାସ ହେବ ଆମ ସରକାର ରାଜ୍ୟରେ କରୁଛନ୍ତି ଏବଂ ଗତ ୧୧ ବର୍ଷ ଧରି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଆସୁଛନ୍ତି। ଆଜି ଯେତେବେଳେ ସମଗ୍ର ବିଶ୍ୱ ଏକ ଆର୍ଥିକ ସଂକଟ ଦେଇ ଗତି କରୁଛି, ଭାରତର ଅର୍ଥନୀତି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧାନ କୁଣ୍ଟାଲ ପିଛା ୮୦୦ ଟଙ୍କା ପ୍ରଦାନ ଏବଂ ସୁଭଦ୍ରା ଯୋଜନା ପାଇଁ ପାଞ୍ଚ ବର୍ଷକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇ ଏହାର ସୁଫଳ ୨୦ ଲକ୍ଷ ଅନ୍ନଦାତା ଏବଂ ଏକ କୋଟିରୁ ଊର୍ଦ୍ଧ୍ୱ ସୁଭଦ୍ରା ବି ପାଇଥିଲେ। ନୂଆପଡ଼ା ଜିଲ୍ଲାରୁ ୧ ଲକ୍ଷ ୫୫ ହଜାର ମା' ସୁଭଦ୍ରା ଯୋଜନାରୁ ଉପକୃତ ହୋଇଛନ୍ତି। ନିକଟ ଅତୀତରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯେଉଁଥିରେ ନୂଆପଡ଼ା ଜିଲ୍ଲାକୁ ଗୁରୁତ୍ୱ ମିଳିଛି। ବରଗଡ଼ ରୋଡ - ନୂଆପଡ଼ା ରେଳ ଲାଇନ, ନୂଆପଡ଼ା- ଗୁଣପୁର-ଥେରୁବାଲି ରେଳ ଲାଇନ ପ୍ରକଳ୍ପ ସ୍ଥାନ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଜଣେ ସମାଜସେବକ ଭାବେ ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ପାଇଁ କାର୍ଯ୍ୟ କରିବା ଓ ତାଙ୍କ ସୁଃଖ ଦୁଃଖରେ ଛିଡାହେବା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱଭାବ ଥିଲା। ଆଜି ତାଙ୍କ ଅବର୍ତମାନରେ ତାଙ୍କର ସୁଯୋଗ୍ୟ ଦାୟାଦ ଜୟ ଢୋଲକିଆ ନିଜ ପିତାଙ୍କ ପଦାଙ୍କୁ ଅନୁସରଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଚାରଧାରା ଓ ବିକାଶର ଧାରାରେ ପ୍ରଭାବିତ ହୋଇ ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜ ପିତାଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ସମ୍ପର୍କରେ ଭଲ ଭାବେ ଅବଗତ ଥିବା ଜୟ ଢୋଲକିଆ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଏହି ଅଞ୍ଚଳର ବିକାଶ ପାଇଁ ନିର୍ଣ୍ଣାୟକ ମୁହୂର୍ତ୍ତକୁ ଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପରେ ବିଜେଡି ତରଫରୁ ଯେଉଁ ବ୍ୟକ୍ତିଗତ ଆଶାଳୀନ ମନ୍ତବ୍ୟ ଦିଆଯାଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ମାତ୍ର ଶାଳୀନତା ପାଇଁ ଜଣାଶୁଣା ନବୀନ ପଟ୍ଟନାୟକ ଏଭଳି ଘୃଣ୍ୟ ଟିପ୍ପଣୀକୁ ନିନ୍ଦା ନକରିବା ଅତ୍ୟନ୍ତ ମର୍ମାହତ କରିଛି। ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଜିଲ୍ଲାରେ ସୁଦୃଢ଼ ସଂଗଠନ ଅଛି। ଢୋଲକିଆ ପରିବାରର ଜନପ୍ରିୟତା ଓ ନିଜ ବ୍ୟକ୍ତିଗତ ସଂଗଠନ ଅଛି। ଏବେ ଏହି ଡବଲ ଇଂଜିନ ତୃଣମୂଳ ସ୍ତରରେ କାନ୍ଧକୁ କାନ୍ଧ ମିଶାଇ କାର୍ଯ୍ୟ କରିବେ। ଏହି ନିର୍ବାଚନ ଏକପାଖିଆ ହେବ ଏବଂ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ହାସଲ କରି ନିର୍ବାଚିତ ହେବେ ବୋଲି ଶ୍ରୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବାକୁ ଲୋକ ଆସିଛନ୍ତି। ଆମେ ଅକ୍ଲାନ୍ତ ପରିଶ୍ରମ କରି ଏଥର ବୃହତ ଓ ରେକର୍ଡ ବ୍ୟବଧାନରେ ବିଜୟୀ ହେବୁ। ରାଜ୍ୟର ବିକାଶ ମୁଖ୍ୟମନ୍ତ୍ରୀଙ୍କ ହାତରେ ହେଉଛି। ଆମେ ଯାହା କହିଛୁ ତାହା କରିଛୁ। ଓଡ଼ିଶାର ବିକାଶ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ପାଖରେ ପହଁଚାଇଛନ୍ତି। ଆମ ଦଳ ଲୋକଙ୍କ ବିଶ୍ୱାସକୁ ଜିତିପାରିଛି। ଭାରତୀୟ ଜନତା ପାର୍ଟୀର ଅନ୍ୟ ନାମ ବିକାଶ। ସରକାର ହେବା ପରେ ପରେ ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲାଗଲା, ରତ୍ନଭଣ୍ଡାର ଖୋଲାଗଲା। ଚାଷୀଙ୍କ ରୋଜଗାରକୁ ଦୁଇଗୁଣା କରିବା ପାଇଁ ଧାନ କୁଇଣ୍ଟାଲ ୧୩୧୦ରୁ ୨୩୬୯ ଟଙ୍କା କରିଛନ୍ତି। ଏହା ଉପରେ ଲୋକପ୍ରିୟ ମୁଖମନ୍ତ୍ରୀ ମୋହନଚରଣ ମାଝୀ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବା ପରେ ଧାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ପାଇଛି। ବିଜେପି ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିଛି।

ବିଜେପି ଗୋଟିଏ ବିଚାର ଧାରାର ଦଳ। ୧୫ ମାସ ହେଲାଣି ମୋହନ ମାଝୀ ସରକାର ଗଠନ ହୋଇଛି। ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଛି। ଆଦିବାସୀଙ୍କୁ ଉଚିତ ସମ୍ମାନ ଦେଇଛି ବିଜେପି। ରାଜ୍ୟରୁ ରାଷ୍ଟ୍ରପତି ଓ ଜଣେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆଦିବାସୀ। ସେହିଭଳି ୩ ଜଣେ ଆଦିବାସୀ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅଛନ୍ତି। ମାଟିକୁ ଲୁଟିବାର ଦଳ କଂଗ୍ରେସ। କୁକୁଡ଼ା ଦାନା ଦେଇକି ଗରିବ ଲୋକଙ୍କୁ ମାରୁଥିବା ଦଳ କଂଗ୍ରେସ। ନୂଆପଡ଼ାକୁ ଖିନଭିନ କରିଛି କଂଗ୍ରେସ ଦଳ ବୋଲି ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି। ସେପଟେ ମୋର ବାପା ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ଯେଉଁ ପ୍ରତିଜ୍ଞା ଥିଲା ତାକୁ ଗାଁ ନେବା ପାଇଁ ବିଜେପିରେ ସାମିଲ ହୋଇଛି। ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା ଜାରି ରଖିବି। ସବୁ ଦିନ ପାଇଁ ମୋ ଘର ଦ୍ୱାର ଆପଣଙ୍କ ପାଇଁ ଖୋଲା ରହିବ ବୋଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାଏକ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମସ୍ତ ବିଧାୟକ ଗଣ, ସମସ୍ତ ପୂର୍ବତନ ବିଧାୟକ ଓ ସାଂସଦ ଗଣ, ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ହୋମସିଂ ମାଝୀ, ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡା.ସୋନିଆ ଜୈନ, ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି...

ହୋଇଛନ୍ତି। ଶ୍ରୀ ନିଆଲଙ୍କ ସମେତ ୫୫ ଜଣ ସରପଞ୍ଚ, ସମିତି ସଭ୍ୟ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ନୂଆପଡ଼ା ଭାରତୀୟ ଜନତା ପାର୍ଟି ଆହୁରି ଅଧିକ ଶକ୍ତିଶାଳୀ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବରିଷ୍ଠ ନେତା ହିତେଶ ବଗର୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଆଇଟି...

ସହଭାଗୀତା ଚିହ୍ନଟ କରିବା। ଏହି ଗସ୍ତ ଇୟୁ-ଭାରତ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସ୍ଥାୟୀ, ଅନ୍ତର୍ଭୁକ୍ତ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାର ସହଭାଗୀ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରିଛି।

## ଗୃହ...

ବଦଳି ହୋଇଥିଲା ଗୃହ ବିଭାଗକୁ। ଦୁଇ ଅଧିକାରୀଙ୍କ ମଧ୍ୟରେ କେବଳ କ୍ଷମତା ହସ୍ତାନ୍ତର କରିବା କଥା। ଯାହା ଆଲୋଚନା ହେଉଛି ଇତି ମଧ୍ୟରେ ବଦଳି ଆଦେଶ ପାଇ ବୟନିକାର ବରିଷ୍ଠ ଅଧିକାରୀ ଜଣଙ୍କ ରିଲିଭ ହୋଇ ସଚିବାଳୟରେ ପହଞ୍ଚିଲା ବେଳକୁ ଗୃହ ବିଭାଗ ଅଧିକାରିଣୀ ଚଉକି ଖାଲି କରିନାହାନ୍ତି। କେବେ ଖାଲି କରିବେ କେହି କହିପାରୁ ନାହାନ୍ତି। ଫଳରେ ଏପଟେ ବୟନିକା ଚଉକିଟି ଖାଲି ପଡିଛି। ସେପଟେ କିନ୍ତୁ ଗୃହ ବିଭାଗରେ ଦୁଇ ଦୁଇଜଣ। ଏହି ଦୃଶ୍ୟ ଏବେ ସଚିବାଳୟରେ ଆଲୋଚନାକୁ ଖୋରାକ ଯୋଗାଇଛି। ଜଣେ ବାବୁଙ୍କ କହିବା କଥା ଯେ, କ୍ଷେତ୍ର ସ୍ତରର ଅଧିକାରୀମାନେ ବଦଳି ପରେ ଗାଦି ନଛାଡିଲେ ତାଙ୍କ ପାଖକୁ ସଚିବାଳୟରୁ ତାଗିଦା ଯାଇଥାଏ। ହେଲେ ସଚିବାଳୟରେ ଗାଦି ଛାଡୁନଥିବାରୁ ଅଧିକାରୀଙ୍କୁ ତାଗିଦା କେଉଁଠୁ ଆସିବ ?

## ମୁକ୍ତିର...

ସତ, କାରଣ ଏକଥା ନୋଟିସରେ ବି ଉଲ୍ଲେଖ ଅଛି। ତେବେ ମୁକ୍ତିକାନ୍ତଙ୍କ କାରନାମା ବିଷୟରେ ସୁବୋଧ ବାବୁ ବାଇଟ ଦେଇଥିବାରୁ ଫୋନରେ ସେ କଣ କଥା ହୋଇଥିଲେ, ତାହା ପୋଲିସ ସ୍ପଷ୍ଟ କରିବ କିମ୍ବା ସେ ନ୍ୟାୟାଳୟ ରେ ସ୍ପଷ୍ଟ କରିବେ। ନ୍ୟାୟାଳୟଙ୍କ ଉପରେ 'ସଞ୍ଚାର'ର ଗଭୀର ବିଶ୍ୱାସ ଅଛି। ଅଡିଓ ରେକର୍ଡ଼, ଏଫଆଇଆର ସହ ଜଣକର ସାଂଘାତିକ ଠକେଇ ଆମେ ପର୍ଦ୍ଦାଫାସ କରିବାରୁ ଭୟ ପାଇଛନ୍ତି କି ମୁକ୍ତିକାନ୍ତ ?

ପ୍ରଥମେ ସେ ସ୍ପଷ୍ଟ କରନ୍ତୁ, ଠକେଇ ହୋଇଛି ନା ନାହିଁ। କଂସାରି ଘରର ପାରାଙ୍କୁ କୁଲା ଡାଉଁ ଡାଉଁ ଡରାଉଛ କି? କୋର୍ଟଙ୍କ ଉପରେ ଆମର ଦୃଢ଼ ବିଶ୍ୱାସ ଅଛି। ତେଣୁ ନାଲି କୋଠାରେ କୁଜିଙ୍କ ସହ ସାକ୍ଷାତ ହେବା ଯାଏଁ ସତ୍ୟର ରାସ୍ତା ଧରିଛୁ, ଧରିବୁ। ସେ ଯାଏଁ ଖୋଜି ଖୋଜି କୁଜିଙ୍କ କଳା କାରନାମା ସାମ୍ନାକୁ ଆଣିବୁ।

## କ୍ରାଇମବ୍ରାଞ୍ଚ...

ଦୌରାଜଜ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଛି।

ଉଲ୍ଲେଖନୀୟ ୨୦୨୩ ଜେଇ ସ୍କାମର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ୩ ବର୍ଷ ଧରି କ୍ରାଇମବ୍ରାଞ୍ଚ ଏହି ମାମଲାକୁ ଖୋଳି ଖୋଳି ଯେଉଁଠି ଅଟକି ଯାଇଥିବା ଏବେ ଏସଆଇ ସ୍କାମର ଖୋଳତାଡ଼ ସେଇଠି ପହଞ୍ଚିଲେ ଏକ ସାଂଘାତିର ରାକେଟର ପର୍ଦ୍ଦାଫାସ ହୋଇପାରିବ। ଏସଆଇ ସ୍କାମର ଲିଙ୍କ ୨୦୨୩ ଜେଇ ସ୍କାମ ସହିତ ରହିଛି। ଜେଇ ସ୍କାମର କାର୍ପେଟଦାର ଏବଂ ଏସଆଇ ସ୍କାମର କାର୍ପେଟଦାରଙ୍କ ମଧ୍ୟରେ କିଛି ଲିଙ୍କ ରହିଥିବା ସନ୍ଦେହ କରାଯାଉଛି। ଏକାଧିକ କାରଣକୁ ନେଇ ଏଭଳି ସନ୍ଦେହ କରାଯାଉଛି।

କାରଣ ଦୁଇ ସ୍କାମରେ ପରୀକ୍ଷାର୍ଥୀଙ୍କୁ ବାହାର ରାଜ୍ୟକୁ ନେବା ପାଇଁ ଉଦ୍ୟମ। ୨୦୨୩ରେ ଜେଇ ସ୍କାମର ପର୍ଦ୍ଦାଫାସ କରିଥିଲା ବାଲେଶ୍ୱର ପୋଲିସ ଓ ୨୦୨୫ରେ ଏସଆଇ ସ୍କାମର ପର୍ଦ୍ଦାଫାସ କରିଛି ବ୍ରହ୍ମପୁର ପୋଲିସ। ପରୀକ୍ଷାର୍ଥୀଙ୍କୁ ବାହାର ରାଜ୍ୟକୁ ନେଇ କେଲେଙ୍କାରୀ ପାଇଁ ଯୋଜନା ଚାଲିଥିବା ବେଳେ ଧରାପଡ଼ିଥିଲା। ଦ୍ୱିତୀୟରେ ବାହାର ରାଜ୍ୟର କାର୍ପେଦାରଙ୍କ ସଂପୃକ୍ତି। ଜେଇ ପରୀକ୍ଷା ସ୍କାମରେ ବାହାର ରାଜ୍ୟରୁ ଅଭିଯୁକ୍ତ ଗିରଫ ହୋଇଥିଲେ। ବିଶାଲ କୁମାର ଚୌରାଶିଆ, ବୀରେନ୍ଦ୍ର ସିଂହ ପାଶ୍ୱାନ, ବିକାଶ କୁମାର ସହିତ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପଙ୍ଗା ସୁନୀଲ ସୁଶାନ୍ତ କୁମାର ସାହୁକୁ ଗିରଫ କରିଥିଲା। ତୃତୀୟତଃ, କୋଚିଂ ସେଣ୍ଟରର ସଂପୃକ୍ତି ନେଇ କଥା ଉଠୁଛି। ସେତେବେଳେ ମଧ୍ୟ ସେହି କଥା ଉଠିଥିଲା କିନ୍ତୁ ଏହାର କୌଣସି ନିର୍ଦ୍ଦିଷ୍ଟ ଖୁଲାସା ହୋଇନଥିଲା। ତେବେ ଏସଆଇ ପରୀକ୍ଷା ସ୍କାମ ବେଳେ ସ୍କାନରକୁ ଆସିଛନ୍ତି କିଛି କୋଚିଂ ଇନଷ୍ଟିଚ୍ୟୁଟ। ତେଣୁ ଏବେ ଏସଆଇ ସ୍କାମରୁ ଖିଅ କ୍ରାଇମବ୍ରାଞ୍ଚ ଜେଇ ସ୍କାମରୁ ଖୋଜିପାରେ।

## ତିନି...

ପରେ ଏବେ ଦଳୀୟ ନେତାମାନେ ନୂଆପଡା ମୁହାଁ ହୋଇଛନ୍ତି। ଭୁବନେଶ୍ୱରଠାରୁ ନୂଆପଡା ପର୍ଯ୍ୟନ୍ତ ରଣନୀତି ପ୍ରସ୍ତୁତ ଚାଲିଛି। ତେବେ ସମସ୍ତଙ୍କ ରଣନୀତିରେ ମୁଖ୍ୟତଃ ଅନୁକମ୍ପା ଭୋଟ ଉପରେ ଜୋର ଦିଆଯାଉଛି। ଯିଏ ଯେତେ ଅନୁକମ୍ପା ହାସଲ କରିବ ତାହାର ପଲା ସେତେ ଭାରି ରହିବ। ଏହି ମର୍ମରେ ପୋଷ୍ଟର, ବ୍ୟାନର ପ୍ରସ୍ତୁତି ସହିତ ସୋସିଆଲ ମିଡିଆରେ ପ୍ରଚାର ପାଇଁ ରଣନୀତି ତିଆରି ଚାଲିଛି। ତେବେ ମଇଦାନକୁ କେତେ ସ୍ୱାଧୀନ ପ୍ରାର୍ଥୀ ଓହ୍ଲାଇବେ ଓ ସେମାନଙ୍କ ଭୋଟ ମାଗିବାର ଶୈଳୀ କ'ଣ ରହିବ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନବରଙ୍ଗପୁର,୧୬।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ସୁବ୍ରତ ମହାନ୍ତି ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଚୈତନ ଗୌଡ଼ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁଯାୟୀ, ପାପଡାହାଣ୍ଡି ଥାନା ଅନ୍ତର୍ଗତ ବାଙ୍କ ସରଗି ଗ୍ରାମର ପୀଡିତା ଗତ ୨୫.୫.୨୫ତାରିଖ ଦିନ ପାପଡାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଦୀର୍ଘ ୬ ବର୍ଷ ଧରି ନାନା ପ୍ରକାର ଭାବରେ ପ୍ରଲୋଭିତ କରି ତାଙ୍କ ଗ୍ରାମର ଚୈତନ ଗୌଡ଼ ତାଙ୍କୁ ପ୍ରେମ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କୁ ଗର୍ଭବତୀ କରିଛି । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଚୈତନ ଗୌଡ଼ଙ୍କୁ କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ନାଗରିକ ନ୍ୟାୟ ସଂହିତାର ଧାରା ୬୯ ପ୍ରକାରେ ମାମଲା ରୁଜୁ କରିଥିଲେ। ଯାହାର କୋର୍ଟ କେସ ନମ୍ବର ଥିଲା ସିଟି-୩୬/୨୫। ଏହି ଘଟଣାର ସମସ୍ତ ୧୧ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ଜିଲ୍ଲା ଓ ଦୌରା ଜଜ ସୁବ୍ରତ ମହାନ୍ତି ଅଭିଯୁକ୍ତ ଚୈତନ ଗୌଡ଼ଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜେଲ ଗଲେ ସମ୍ପର୍କୀୟ ଦାଦା

**ରାଜନଗର,୧୬।୧୦ (ସଂଚାର ବ୍ୟୁରୋ):** ଦୁଇ ନାବାଳିକାଙ୍କୁ ସମ୍ପର୍କୀୟ ଦାଦା ଅସଦାଚରଣ କରିବା ଅଭିଯୋଗରେ ଜେଲ ଯାଇଛନ୍ତି। ରାଜନଗର ଥାନା ଅଞ୍ଚଳରେ ସଂପର୍କୀୟ ଦାଦା ନିଶାଗ୍ରସ୍ତ ଅବସ୍ଥାରେ ନାବାଳିକା ଝିଆରୀ ଓ ତାର ସାଙ୍ଗକୁ ଅସଦାଚରଣ କରିଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି । ନାବାଳିକାର ମାଆଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ ୩୫୩/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ନାବାଳିକାଙ୍କ ମାଆ ଗତକାଲି ରାତିରେ ଏହି ଅଭିଯୋଗ ଆଣିଥିଲେ। ଅଭିଯୋଗରେ ତାଙ୍କର ୧୩ବର୍ଷର ଝିଅ ସହିତ ତାର ୧୧ବର୍ଷର ଝିଅ ସାଙ୍ଗ ସହିତ ସନ୍ଧ୍ୟା ସମୟରେ ପାଖ ଦୋକାନକୁ ଯାଉଥିଲେ। ଏହି ସମୟରେ ଅନ୍ଧାର ଥିବା ସ୍ଥାନରେ ପ୍ରମୋଦ ଖଣ୍ଡୁଆଳ ନାମକ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତାରେ ଉଭୟ ନାବାଳିକାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ସେମାନଙ୍କ ସଂବେଦନଶୀଳ ସ୍ଥାନରେ ହାତ ମାରିଥିଲେ। ଦୁଇ ଜଣ ପିଲା ଚିତ୍କାର କରିଥିଲେ। ପିଲାଙ୍କ ଚିତ୍କାର ଶୁଣି ଲୋକମାନେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ । ପିଲାମାନେ କାନ୍ଦି କାନ୍ଦି ଆସି ଘରେ କହିଥିଲେ। ଝିଅର ମା' ଏ ନେଇ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲେ। ପୋଲିସ ପ୍ରମୋଦକୁ ଗିରଫ କରି କେନ୍ଦ୍ରାପଡା ପୋସ୍କୋ କୋର୍ଟରେ ହାଜର କରିଥିଲା । ଜାମିନୀ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

# ବଢୁଛି ଜୁଆଖେଳ, ପ୍ରଶାସନ ନୀରବ

**ଆନନ୍ଦପୁର,୧୬।୧୦ (ସଂଚାର ବ୍ୟୁରୋ):** ଜୁଆ ଖେଳ ପାଇଁ ଅନେକ ପରିବାରରେ ଖଣ୍ଡ ଯୁଦ୍ଧ। ଆନନ୍ଦପୁରର ଅନେକ ହାଟରେ ଯୁଆଡି ବେଶ୍ ମଜାଉଛନ୍ତି ଜୁଆଖେଳ। ବେଆଇନ ଭାବେ ଜୁଆ ଖେଳ ବୃଦ୍ଧି ଯୋଗୁଁ ପଥଭ୍ରଷ୍ଟ ହେଉଛନ୍ତି ଯୁବ ପିଢ଼ି।



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ସହିତ ଜୁଆଡିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହି ଜୁଆଖେଳ ପାଇଁ ଅନେକ ଗୃହିଣୀ ଗରିବ ପରିବାର ବୁଡ଼ି ଯିବାକୁ ବସିଲାଣି। ଦିନରେ ପଚର ମୂଲ ମଜୁରି ଲାଗି ଅପରାହ୍ଣରେ ଗରିବ ଖଟିଖିଆ ଲୋକଟି ଘର ପାଇଁ ସଉଦା କରିବାକୁ ଯାଇ ଜୁଆ ଖେଳରେ ପଇସା ସାରି ଖାଲି ହାତରେ ଘରକୁ ଫେରୁଛି। ଫଳରେ ପରିବାର ମଧ୍ୟରେ ଖଣ୍ଡ ଯୁଦ୍ଧ ଆରମ୍ଭ ହେଉଛି। ଜୁଆ ନିଶାରେ ଗରିବ ଲୋକମାନେ ଜୁଆ ଖେଳକୁ ଛାଡ଼ି ନପାରିବାରୁ ପରିବାର ଲୋକମାନଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଅଶାନ୍ତି ସୃଷ୍ଟି ହେଉଛି। ଖାଲି ଯେ, ଦିନମଜୁରିଆ ଲୋକଟି ଜୁଆ ଖେଳରେ ବଶବର୍ତ୍ତୀ ହୋଇଛି ତାହା ନୁହେଁ ବରଂ ଯୁବ ପିଢ଼ିମାନେ ବେଶୀ ଜୁଆ ଖେଳକୁ ଆପଣେଇ ପଥଭ୍ରଷ୍ଟ ହେଉଛନ୍ତି।

ସରକାର ଜୁଆଖେଳ ପାଇଁ କଟକଣା ଲାଗୁ କରିଛନ୍ତି। ହେଲେ ହାଟ ମାନଙ୍କରେ ଖୁଲମ୍ ଖୋଲା ସ୍ପଷ୍ଟ ଦିବାଲୋକରେ କାହାକୁ ଖାତିର ନକରି ପ୍ରତି ହାଟ ପାଳିରେ ଜୁଆଖେଳ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଅନେକ ଥର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଚକିତ ଏବଂ ଆଶ୍ଚର୍ଯ୍ୟ କରିଛି।

କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ଗୁଞ୍ଜା ଦେଇ ଜୁଆ ଖେଳାଳୀମାନେ ନିଜର କାୟା ବିସ୍ତାର କରୁଥିବା ସାଧାରଣରେ ଆଲୋଚନା ହେଉଛି। ହାଟରେ ଜୁଆ ଖେଳ ବୃଦ୍ଧି ପାଇବା ସହିତ ହାଟରେ ବିଶୃଙ୍ଖଳା ଘଟି ଅନେକ ସମୟରେ ଉତ୍ତେଜନା ପରିସ୍ଥିତି ଘଟୁଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ହାଟରେ ଜୁଆ ଖେଳ ଚାଲୁଥିବା ନଜରେ ରହିଥିବା ବେଳେ ଏହି ଦିଗରେ ଆନନ୍ଦପୁର ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ସଧାରଣରେ ଦାବି ହେଉଛି ।



## ନବୀନଙ୍କ ଜନ୍ମଦିନ ପାଳିଲା ଗଞ୍ଜାମ ବିଜେଡି

**ବ୍ରହ୍ମପୁର,୧୬।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିନ ପାଳନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା'ବୁଢ଼ୀ ଠାକୁରାଣୀଙ୍କ ପାଖରେ ଦଳୀୟ କେନ୍ଦ୍ରରୁ ଦୀପ ପ୍ରଜ୍ୱଳନ କରି ନବୀନ ବାବୁଙ୍କ ଦୀର୍ଘାୟୁ କାମନା କରିଥିଲେ। ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୧୯ ନମ୍ବର ୱାର୍ଡ ଖୋଲା ସାହି ଆଶ୍ରମର ପିଲାମାନେ ସାମିଲ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ଲୋକପ୍ରିୟତା ଆଜି ବି ଅତୁଟ ରହିଛି। ତାଙ୍କ ପରି ନେତା ଭାରତ ବର୍ଷରେ ବିରଳ ବୋଲି ଦଳୀୟ ହେବିୱେଟ୍ ମତ ରଖିଥିଲେ।

# ଗରିବ ଅସହାୟ ରୋଗୀଙ୍କ ଅପରେସନରେ ଅର୍ଥାଭାବ

**ଫୁଲବାଣୀ,୧୬।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକର ନିଲୁଙ୍ଗିଆ ଗ୍ରାମର ଏସିୟ ନାୟକ, ବୃତ୍ତିରେ ଦିନମଜୁରିଆ। ୨୦୦୭ ମସିହାରୁ ଏସିୟ ଗାଲ ଫୁଲା ରୋଗରେ ପୀଡିତ ଅଛନ୍ତି। ଜି.ଉଦୟଗିରିରେ ଚିକିତ୍ସା ହୋଇ କନ୍ଧମାଳ ସଦର ଡାକ୍ତରଖାନା ଓ ବର୍ତ୍ତମାନର ମେଡିକାଲ କଲେଜକୁ ଯାଇଥିଲେ ଏସିୟ। ଫୁଲବାଣୀରୁ ହତାଶ ହୋଇ ବ୍ରହ୍ମପୁର ମେଡିକାଲ କଲେଜକୁ ରେଫର ହୋଇ ଯିବା ପରେ ମଧ୍ୟ ସୁଫଳ ମିଳିଲା ନାହିଁ । କିଛି ଲୋକଙ୍କର ସହାୟତାରେ ବିଶାଖାପାଟଣା ଡାକ୍ତରଖାନାକୁ ବଡ ଆଶାରେ ଯାଇଥିଲେ। କିନ୍ତୁ ଡାକ୍ତର ପରୀକ୍ଷା କରି କହିଲେ ଅପରେସନ ଦରକାର ଓ ସେଥିପାଇଁ ୨ଲକ୍ଷ ଟଙ୍କା ଆବଶ୍ୟକ।



ହତାଶ ହୋଇ ପଡିଥିଲେ ଏସିୟ। ସେଠାରୁ ଫେରିଆସି ନିଜ ଘର ନିଲୁଁଙ୍ଗିଆକୁ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାକୁ ଅନେଇ ବସିଛନ୍ତି। ସମାଜ ସେବୀ ଅମନ କୁମାର ନାୟକ କିଛି ବଦାନ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିବା ସହ କନ୍ଧମାଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ପରାମର୍ଶ ଦେଇଛନ୍ତି।

ତେବେ ଫୁଲବାଣୀ ନୂତନ ମେଡିକାଲ କଲେଜ ଏବେ ଖାଲି ରୋଗୀଙ୍କୁ ଭୁବନେଶ୍ୱର, ବ୍ରହ୍ମପୁର, ଏମ୍ସ ହସ୍ପିଟାଲକୁ ରେଫର ହିଁ କରୁଛନ୍ତି । କେବେ ଏହି ନୂତନ ମେଡିକାଲ କଲେଜ କନ୍ଧମାଳର ରୋଗୀଙ୍କୁ ବାହାରକୁ ନ ପଠାଇ ଫୁଲବାଣୀରେ ଚିକିତ୍ସା କରିବାକୁ ସକ୍ଷମ ହେବ ତାହା ଦେଖିବାକୁ ବାକି ରହିଲା

# ଅବ୍ୟବସ୍ଥା ଘେରରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ

**ବ୍ରହ୍ମପୁର,୧୬।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟରେ ଚିକିତ୍ସା ସେବା ନାମକୁ ମାତ୍ର । ଏଠି ନା ଅଛି ଔଷଧ, ନା ଅଛି ଚିକିତ୍ସା। ପଚାରିଲେ ଉତ୍ତର ମିଳୁଛି ଷ୍ଟାଫ ସର୍ଟେଜ୍ । ଆଜି ସ୍ଥାନୀୟ

### ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବିପତ୍ର

ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟକୁ ପରିଦର୍ଶନରେ ଯାଇ ବହୁ ଚିକିତ୍ସା ଜନିତ ଅବହେଳା ଦେଖିବାକୁ ପାଇଥିଲେ। ଯେଉଁ ସ୍ଥାନରେ ବିଭିନ୍ନ ପଶୁ ପଡ଼ିରହି ଚିକିତ୍ସା ହେଉଛନ୍ତି ସେଠାର ବାଲି, ମାଟି ନିୟମିତ ଭାବେ ବାହାର କରିବା ନିୟମ ରହିଥିଲେ ବି ବର୍ଷାଧିକାଳରୁ ତାହା ନ କରି ଏକ ଅସ୍ୱାସ୍ଥ୍ୟ ଓ ସଂକ୍ରମଣର ପରିବେଶ ସୃଷ୍ଟି ହୋଇଛି। ପ୍ରତିଦିନ ସଫା ସୁତରା






କରାଯାଉନାହିଁ କି ମରଶରୀର ବାହାର କରାଯାଉନାହିଁ । ମହାନଗର ନିଗମ ମର ଶରୀର ବାହାର କରିବା ନିୟମ ରହିଥିଲେ ବି ମରଶରୀର ଦୀର୍ଘ ଘଣ୍ଟା ପଚି ସଡି ପୋକ ହେବା ପରେ ହସ୍ପିଟାଲ ପରିସରରେ ହିଁ ଶରୀରଟି ପୋତି ଦିଆ ଯାଉଛି । ଏଭଳି ନାନା ଅସ୍ୱାସ୍ଥ୍ୟକର ଅବ୍ୟବସ୍ଥା ମଧ୍ୟରେ ବ୍ରହ୍ମପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଟି ଚାଲିଛି।

ତିନି ମାସରୁ କୌଣସି ପ୍ରକାର ଔଷଧ ସରକାର ଯୋଗାଉନାହାଁନ୍ତି ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅଞ୍ଜନ କୁମାର ଦାଶ ସ୍ପଷ୍ଟୀକରଣ ଦେଉଥିବାବେଳେ ବିନା ଔଷଧ,ଇଞ୍ଜେକସନ, ସାଲାଇନ୍,ଭେକ୍ସିନରେ ପଶୁ ଚିକିତ୍ସା କିପରି ସମ୍ଭବ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଗଞ୍ଜାମ ଜିଲ୍ଲାର ପୋଲସରା ବିଧାୟକ ତଥା ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପ୍ରଶ୍ନ କରିଛି। ମଞ୍ଚ ପକ୍ଷରୁ ଆଜି ପ୍ରଥମେ ହସ୍ପିଟାଲ ପରିଦର୍ଶନ କରି ଅନୁଧ୍ୟାନ କଲା ପରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ବିକ୍ଷୋଭ କରି ସିଡିଭିଓଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଇଥିଲା।

# ତହସିଲ ଅଦାଲତର କିରାଣୀଙ୍କୁ ତୁରନ୍ତ ବଦଳି ଦାବି

**ବ୍ରହ୍ମପୁର,୧୬।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଥିବା ୨୩ଟି ତହସିଲ ଅଦାଲତ ଗୁଡିକରେ ପାଞ୍ଚ ବର୍ଷରୁ ଅଧିକ ବର୍ଷଧରି କିରାଣୀମାନେ ଚୌକି ମାଡି ବସିଥିବା ଅଭିଯୋଗ ହୋଇଛି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ତିନି ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ ରୂପେ ପାଳନ ହେଉନଥିବା ଦେଖାଦେଇଛି। ଯାହାଫଳରେ କିରାଣୀମାନଙ୍କ ଔଦ୍ଧତ ବଢ଼ିଯାଇଛି ଏବଂ ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ଗତି କରୁଛି। ଯେଉଁଥି ପାଇଁ ଓକିଲଙ୍କ ଗରିବ ମହକିଲମାନେ ବହୁତ



ହଇରାଣ ହେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ।

ସେ କହିଛନ୍ତି, କନିଷ୍ଠ ତହସିଲ ଅଦାଲତରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗୁଆ ଲାଞ୍ଚ ଦେବାକୁ ପଡୁଛି, ନ ଦେଲେ କାମ ହେଉ ନାହିଁ । ସେହିପରି ଗଞ୍ଜାମ ଜିଲ୍ଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣୀ ଦୀର୍ଘ ବର୍ଷ ହେଲା ଅଛନ୍ତି । ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତ ଗୁଡିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣୀ ମାନଙ୍କୁ ତୁରନ୍ତ ବଦଳି କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ୪୬ ମଣ୍ଡପରେ ହେବ କାଳୀ ଓ ଲକ୍ଷ୍ମୀନାରାୟଣ ପୂଜା

**ଯାଜପୁର,୧୬।୧୦ (ସଂଚାର ବ୍ୟୁରୋ):** କାଳୀପୂଜା ଆସିଲେ ଯାଜପୁର ସହର ଉତ୍ସବ ମୁଖର ହୋଇଉଠେ। ସମସ୍ତଙ୍କ ଅପେକ୍ଷାର ଗଣପର୍ବ ହେଉଥିବା ଏହି ପୂଜା ଏଥିପାଇଁ ସହରର ୪୬ ମଣ୍ଡପରେ ଧୁମଧାମରେ ପାଳିତ ହେବ। ପ୍ରଶାସନ ଓ ପୂଜା କମିଟି ମିଳିତ ଅନୁମତି ଓ ବ୍ୟବସ୍ଥା ସୁନିଶ୍ଚିତ କରିଛନ୍ତି। ସହରର ବିଭିନ୍ନ ମଣ୍ଡପରେ ଏବେ ମୂର୍ତ୍ତି ଗଢ଼ା ଓ ମଣ୍ଡପ ସଜା ଚାଲିଛି। ଅନେକ ମଣ୍ଡପ ଏଥର ଆକର୍ଷଣୀୟ ସାଜସଜ୍ଜା ପାଇଁ କୋଲକାତାରୁ ଶିଳ୍ପୀ ଆଣିଛନ୍ତି। ରାତିରେ ଆଲୋକ ତୋରଣ ଓ ରଙ୍ଗୀନ ବିଦ୍ୟୁତ ସଜା ସହ ସହର ଆଲୋକିତ ହେବାକୁ ଲାଗିଛି।



**୧୯ରେ ଲକ୍ଷ୍ମୀନାରାୟଣ, ୨୦ରେ ମା' କାଳୀ ପୂଜା-** ୧୯ ତାରିଖରେ ଲକ୍ଷ୍ମୀନାରାୟଣ ଓ ୨୦ ତାରିଖରେ ମା' ଶ୍ୟାମାକାଳୀଙ୍କ ପୂଜା ହେବ। ପୂଜା ପରବର୍ତ୍ତୀ ଅକ୍ଟୋବର ୨୮ ଓ ୨୯ ତାରିଖରେ ଭସାଣ ଉତ୍ସବ ହେବ। ଏଥିରେ ଓଡ଼ିଶା ଓ ଓଡ଼ିଶା ବାହାରରୁ ନାମୀଦାମୀ ବ୍ୟାଣ୍ଡପାର୍ଟି ଓ ଲୋକନୃତ୍ୟ ଦଳ ଯୋଗଦେବେ। ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଜନା ହୋଇଛି। ।

**ସହରର ପ୍ରମୁଖ ମଣ୍ଡପମାନ** - ସର୍ବହରା ଛକ, ଏନ୍ସି କଲେଜ୍ ଛକ, ଯାଜପୁର ବ୍ଲକ ଛକ, ବିରଜା ହାଇସ୍କୁଲ ଛକ, ଗୋଖନା ବଜାର, ଟାଉନ ହଲ୍, ବେଲାରପୁର, ବେପାରୀ ବରହମପୁର ଇତ୍ୟାଦି ସ୍ଥାନରେ ଲକ୍ଷ୍ମୀନାରାୟଣ ପୂଜା ହେବ। ସେହିପରି ମାନସାପୋଲ, ମହାବୀର ଛକ, ବୈଦ୍ୟରାଜପୁର, ବଡ଼ବଜାର, ସାନ ବଜାର, ନାରାୟଣ ଛକ, ସଦାବ୍ରତ ମଠ, ଗରୁଡ଼କାଳୀ ଓ କୃଷ୍ଣକାଳୀ ମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ପାଳିତ ହେବ। ଏଥର ନାରାୟଣ ଛକ ପୂଜା କମିଟି ୫୦ ବର୍ଷ ପୂର୍ତ୍ତି ପାଳନ କରିବ। ସହରର ପୁରାତନ ମଣ୍ଡପ ମଧ୍ୟରୁ ନାରାୟଣ ଛକ ପୂଜା କମିଟି ଏକ ପ୍ରାଚୀନ ଓ ଗୌରବମୟ ନାମ।

**ଆଲୋକ ସଜା ଓ ସାଂସ୍କୃତିକ ଉତ୍ସବ** - ଏଥିର ଏବେକା ସୁନାମଧନ୍ୟ କଣ୍ଠଶିଳ୍ପୀ ମହମ୍ମଦ ନାସିରଙ୍କ ମେଲୋଡି, ପିଲାମାନଙ୍କ ନୃତ୍ୟ ପ୍ରତିଯୋଗିତା ଓ ଭଜନ ସନ୍ଧ୍ୟା ହେବା ଯୋଜନା ହୋଇଛି। ରଙ୍ଗିନ ଆଲୋକ ସଜା ଓ ଆକର୍ଷଣୀୟ ତୋରଣ ଏଥିପାଇଁ ମୁଖ୍ୟ ଆକର୍ଷଣ ହେବ।

## ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

**କାକଟପୁର/ଅସ୍ତରଙ୍ଗ,୧୬।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରିପୁର ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନ ଶିଶୁ ମହୋତ୍ସବ ସୁରଭି -୨୦୨୫ ଉଦ୍‌ଯାପିତ ହୋଇଯାଇଛି। ସରିପୁର ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନ କେନ୍ଦ୍ରାପଟୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାଧନ କେନ୍ଦ୍ର ଅଧୀନ ୧୨ଗୋଟି ବିଦ୍ୟାଳୟକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ମାଣିକ, ସାଧନ ସଂଯୋଜକ ରବୀନ୍ଦ୍ର କୁମାର ପରିଡା (ମାଗୁ) ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନରେ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଦିବାକର ଛାଟୋଇ, ସଂମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ମଙ୍ଗୁଳି ଚରଣ ଦାସ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ, ଶିକ୍ଷକ ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ସଂଯୋଜନା କରିଥିଲେ।

## ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ



**ଭୁବନେଶ୍ୱର,୧୬।୧୦ (ସଂଚାର ବ୍ୟୁରୋ):** ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ ପକ୍ଷରୁ ଗୁରୁବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ଡକ୍ଟର ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବପିଢ଼ି ଉଦ୍ୟୋଗୀ ହେବା ସହ କୃଷି କାର୍ଯ୍ୟ ପ୍ରତି ମଧ ମନୋନିବେଶ କରିବା ଉଚିତ୍ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶାର ମାଣ୍ଡିଆ ରାଣୀ ଭାବେ ପରିଚିତ ଡକ୍ଟର ରାଇମତି ଘିଉରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାଷୀମାନଙ୍କୁ ଆଗକୁ ବଢ଼ିବାରେ ମାଣ୍ଡିଆ ହିଁ ସବୁଠାରୁ ଅଧିକ ସାହାଯ୍ୟ କରିବା ସହ ଅର୍ଥ ରୋଜଗାରର ମାଧମ ପାଲଟିଥିବା କହିଛନ୍ତି। ସେ ନିଜେ ୪୦ ପ୍ରକାରର ମାଣ୍ଡିଆ ଚାଷ କରୁଥିବା ବେଳେ ଗରୀବର ଖାଦ୍ୟ ବୋଲାଉଥିବା ଏହି ମାଣ୍ଡିଆ ଦେଶ ବିଦେଶରେ ଆଜି ପରିଚିତ ହୋଇପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଏଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ଭାବେ ପାଳନ କରାଯାଉଥିବା କହିବା ସହ ଚଳିତ ବର୍ଷର ପ୍ରସଙ୍ଗ "ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ ଫର ବେଟର ଫୁଡ୍ସ ଆଣ୍ଡ ବେଟର ଫ୍ୟୁଚର" ସମ୍ପର୍କରେ ଆଲୋକପାତ କରିଥିଲେ।

## ପୁଲିସ-ବାଲିମାଫିଆ ସଲାସୁତରା

# ଚଢ଼ାଉ ଆଗରୁ ମିଳିଯାଉଛି ସୂଚନା

**କାକଟପୁର/ଅସ୍ତରଙ୍ଗ,୧୬।୧୦ (ସଂଚାର ବ୍ୟୁରୋ):** ବାଲି ମାଫିଆ ଓ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ପୁଲିସ ମଧ୍ୟରେ ରହିଛି ଭିତିରି ସମ୍ପର୍କ। ଉଭୟଙ୍କ ସଲାସୁତୁରାରେ ଚାଲିଛି କି ବାଲି ବେପାର ? ଦିନରାତି ଦେବୀ ନଦୀ ଗର୍ଭରୁ ଟାପାରେ ବାଲି ବୋହି ନମ୍ବର ବିହୀନ ଟ୍ରାକ୍ଟର ମାଧ୍ୟମରେ ଟ୍ରିପ ଟ୍ରିପ ବାଲି ବୁହା ଚାଲୁଥିବା ବେଳେ ବାଲି ମାଫିଆଙ୍କୁ ଅହେତୁକ ଅନୁକମ୍ପା ମିଳୁଥିବା ଚର୍ଚ୍ଚା ହେଉଛି। ଯେଉଁଦିନ ବାଲି ମାଫିଆଙ୍କ ବିରୋଧରେ ପୁଲିସ ଖବର ଦିଆଯାଉଛି ସଙ୍ଗେ ବାଲି ମାଫିଆଙ୍କୁ ଆଗୁଆ ସୂଚନା ମିଳିଯାଉଛି ଓ କିଛି ସମୟ ମଧ୍ୟରେ ଉକ୍ତ ସ୍ଥାନରୁ ନମ୍ବର ବିହୀନ ଟ୍ରାକ୍ଟର ଓ ଟାପା କିଛି ଘଣ୍ଟା ପାଇଁ ଖାଲି ହୋଇଯାଉଛି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ମଧ୍ୟବର୍ତ୍ତୀ ନଈଗୁଆଁ ନିକଟସ୍ଥ ଷାଠିଏବାଟି ଅଂଚଳରେ ଦୀର୍ଘ ବର୍ଷ ହେବ କିଛି ବାଲି ମାଫିଆ ପ୍ରତ୍ୟେକ ଦିନ



### ଦେବୀ ନଦୀ ଗର୍ଭରୁ ପ୍ରତିଦିନ ଚାଲାଣ ହେଉଛି ବାଲି

ପ୍ରତ୍ୟୁଷରୁ ଟାପା ମାଧ୍ୟମରେ ବାଲି ଦେବୀ ନଦୀ ଗର୍ଭରୁ ଆଣି ଷାଠିଏବାଟି ନିକଟରେ ବିକ୍ରି କରୁଛନ୍ତି। ସବୁ ଜାଣି କିଛି ନ ଜାଣିଲା ପରି ଅଭିନୟ କରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ପୁଲିସ।

ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ମୁତାବକ ବାଲି ଚାଲାଣ ହେଉଥିବା ଖବର ପୁଲିସକୁ ସୂଚନା ଦେଲେ ବାଲି ମାଫିଆ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ପାଇଁ ବାଲି ଚାଲାଣ ସ୍ଥାନ କିଛି କ୍ଷଣିକ ମଧ୍ୟରେ ଖାଲି କରିବା ପରେ ପୁଲିସ ଗାଡି ଲୋକଦେଖାଣିଆ ବୁଲିଯାଏ। ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଖବର ଥିଲେ ମଧ ନିରବଦ୍ରଷ୍ଟା ସାଜିଛନ୍ତି। ତେବେ ଚଢ଼ାଉକୁ ଯିବା ପୂର୍ବରୁ କିଭଳି ମାଫିଆମାନଙ୍କୁ ଏ ସମ୍ପର୍କିତ ସୂଚନା ମିଳିଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଘଟଣାକୁ ପୁରୀ ଜିଲ୍ଲାପାଳ ଓ ପୁରୀ ଏସ୍ପି ଗୁରୁତ୍ୱର ନେବା ସହ ଘଟଣାର ବିଧିବଦ୍ଧ ତଦନ୍ତ କରାଗଲେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚିତ ହେଉଛି।


OFFICE OF THE SUPERINTENDING ENGINEER
MARKONA CANAL DIVISION, MARKONA
DIST: -BALASORE, ODISHA, PIN-756126
E-Mail: -eemcdmarkona@gmail.com
Tender Call Notice No. SE-MCD-07 of 2025-26 (03)

The Superintending Engineer, Markona Canal Division, Markona on behalf of the Governor of Odisha, invites Sealed tender in the prescribed format from registered HT/LT electrical contractor for the work as detailed below: -

| Sl No | BID ID No. | Name of the work | Approx. cost of works in Rs. | Paper Cost in Rs.(online) | EMD in Rs. | Class of contractor | Period of completion |
|---|---|---|---|---|---|---|---|
| 01 | SE-MCD-07/1 of 2025-26 | Shifting of LT Line 0.16Km near at RD 59400m of SLMC due to construction of Salandi Left Main Canal from RD54.180 Km to RD59.970 Km near village Raipur, Nilagiri, Balasore . | 2.40 lakh | 2000.00 | 2400.00 | HT/LT electrical contractor | 3 (Three) calendar months |
| 02 | SE-MCD-07/2 of 2025-26 | Shifting of11KV Line 0.08Km near at RD 55100m of SLMC due to construction of Salandi Left Main Canal from RD54.180 Km to RD59.970 Km near village Kantiatikar, Nilagiri, Balasore . | 3.60 lakh | 2000.00 | 3600.00 | HT/LT electrical contractor | 3 (Three) calendar months |
| 03 | SE-MCD-07/3 of 2025-26 | Shifting of11KV Line 0.15Km near at RD 56200m of SLMC due to construction of Salandi Left Main Canal from RD54.180 Km to RD59.970 Km near village Kanharpur, Nilagiri, Balasore . | 3.05 lakh | 2000.00 | 3100.00 | HT/LT electrical contractor | 3 (Three) calendar months |

The Tender should be accompanied with EMD in shape of NSC/PTD/BG duly pledged in favour of under signed, valid copy of receipt towards cost of tender paper amounting to Rs.2000.00 in shape of treasury challan which can be generated online using the IFMS application and the payment can be made using IFMS e-service-e-payment-IRR(FA&CAO) 8782-00-102-1683-91028-716 deposit of Anandapur Irrigation Project-Select Operator-318 FA&CAO-Barrage Division, Anandapur, failing which the tenders are liable for rejection.

The tender will be received at the office of the Asst. Executive Engineer, Markona Canal Sub-division No. III, Nilagiri located at Markona in all working days from 17/10/2025 to 29.10.2025 up to 04.00 PM. The tender will be opened on 30.10.2025 at 11.30 AM (Sub-Division office) in presence of authorized agents/ representatives.

The authority reserves the right to cancel the tender without assigning any reason thereof.

13/10/25
Superintending Engineer
Markona Canal Division
Markona


## ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

**ଫୁଲବାଣୀ,୧୬।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଷ୍ଟାଡିୟମରେ ବୁଧବାର ଜିଲାସ୍ତରୀୟ ବିଦ୍ୟାଳୟ ସମୁହ ପ୍ରତିଯୋଗୀତା ଆରମ୍ଭ ହୋଇଛି। ଏଥିରେ ୧୪ ବର୍ଷ ର୍ଷରୁ କମ୍ ଓ ୧୭ ବର୍ଷରୁ କମ ବର୍ଗରେ କବାଡି, ଦୌଡକୁଦ, କ୍ରିକେଟ, ଟେବୁଲ ଟେନିସ ଆଦି ଖେଳ ହେଉଛି । ବୁଧବାର କେବଳ କବାଡି ପ୍ରତିଯୋଗିତା ଶେଷ ହୋଇଛି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଥିବା ବେଳେ ଦାରିଙ୍ଗିବାଡ଼ି ଚମ୍ପିୟନ ଓ କ.ନୂଆଗାଁ ରନର୍ସଅପ ହୋଇଛି। ବାଳିକା ବର୍ଗରେ ଚକାପାଦ ଚମ୍ପିୟନ ହୋଇଥିବା ବେଳେ ରାଇକିଆ ରନର୍ସଅପ ହୋଇଛି। ୧୭ବର୍ଷ ବାଳକ ବର୍ଗରେ ଦାରିଙ୍ଗିବାଡି ଚମ୍ପିୟନ ଓ କ.ନୂଆଗାଁ ରନର୍ସଅପ ହୋଇଛି। ବାଳିକା ବର୍ଗରେ ରାଇକିଆ ଚମ୍ପିୟନ ହୋଇଥିବାବେଳେ ପିରିଙ୍ଗିଆ ରନର୍ସଅପ ହୋଇଛି ହାଇଛି । ଗୁରୁବାର ସବୁ ଖେଳର ଫାଇନାଲ ନାଲ ମ୍ୟାଚ ହେବ । ଏହି କ୍ରୀଡା ପ୍ରତିଯୋଗିତାକୁ ପାଗିତାକୁ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ।

### ମାଟିଦୀପ ସ୍ଥାନ ନେଇଛି ଲିଚୁ ଲାଇଟ୍

# ଚିନ୍ତାରେ କୁମ୍ଭକାର ପରିବାର

**କାକଟପୁର/ଅସ୍ତରଙ୍ଗ,୧୬।୧୦ (ସଂଚାର ବ୍ୟୁରୋ):** ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ରଙ୍ଗୀନ ଆଲୋକ ମାଳାରେ ଘର ସଜେଇବା ସହ ପୂର୍ବ ପୁରୁଷଙ୍କ ଉଦେଶ୍ୟରେ ଦୀପ ଜାଳି ଶୁଭକାମନା କରିବେ ଲୋକେ। ତେବେ ସମୟ ବଦଳିବା ସହ ବଦଳିଛି ଗ୍ରାହକଙ୍କ ଚାହିଦା। ଏବେ ମାଟିଦୀପର ସ୍ଥାନ ନେଲାଣି ଇଲେକ୍ଟ୍ରିକାଲ ଦୀପ ଆଉ ଲିଚୁ ଲାଇଟ୍। ତଥାପି ଦୀପାବଳି ପାଇଁ କୁମ୍ଭାରମାନେ ଦୀପ ତିଆରିରେ ଲାଗି ପଡ଼ିଛନ୍ତି। ଦୁଇ ପଇସା ରୋଜଗାର କରି ପରିବାର ପୋଷଣ କରୁଥିବା କୁମ୍ଭକାର ଲୋକମାନେ ଏବେ ବି ବେହୁସା ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗୋସିଙ୍ଗା, ଓସ୍ତପୁର ଓ ଅସ୍ତରଙ୍ଗ ଅଂଚଳର କୁମ୍ଭାରସାହିରେ ଏହି ସମ୍ପ୍ରଦାୟର ପ୍ରାୟ ୫୦ରୁ ଉର୍ଦ୍ଧ ପରିବାର ବସବାସ କରୁଥିବା ବେଳେ ପୂର୍ବ ଭଳି ଆଉ ମାଟି ଦୀପ ଓ ମାଟି ତିଆରି ସାମଗ୍ରୀର ଚାହିଦା ନଥିବା କାରଣରୁ କେବଳ





ହାତ ଗଣତି କିଛି ପରିବାର ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ବୋଲି କହିଛନ୍ତି ଓସ୍ତପୁର ଗ୍ରାମର ଭ୍ରମରବର ମୁଦୁଲି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ମାଟିରେ ତିଆରି ସାମଗ୍ରୀର ବ୍ୟବହାର କମିବା ସାଙ୍ଗକୁ କାରିଗରମାନଙ୍କ ଆର୍ଥିକସ୍ଥିତି ଉପରେ ଏହା ପ୍ରଭାବ ପକାଉଛି। ଫଳରେ କୌଳିକ ବୃତ୍ତିଠାରୁ ଧୀରେ ଧୀରେ ଦୂରେଇ ଗଲେଣି କୁମ୍ଭାର।

ତଥାପି ଦୀପ ତିଆରିରେ ଲାଗିଛନ୍ତି କୁମ୍ଭାର ସାହିର କାରିଗର। ଦୁଇ ପଇସା ରୋଜଗାର ଆଶାରେ ଦିନ ରାତି ଏକ କରୁଛନ୍ତି ପରିବାରର ସଦସ୍ୟମାନେ। ଦିନ ଥିଲା କେବଳ ଦିପାବଳୀ ନୁହେଁ ବର୍ଷ ତମାମ ଘର ପାଇଁ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରି ପରିବାର ଗୁଜୁରାଣ ମେଣ୍ଟାଉ ଥିଲେ ଆଉ ଦୀପାବଳି ଆସିଲେ ଭଲ ରୋଜଗାର ହେଉଥିଲା। ଏବେ କିନ୍ତୁ ମାଟିଦୀପର ସ୍ଥାନ ନେଲାଣି ଚାଇନା ସାମଗ୍ରୀ। ଏବେ ଦୀପ ତିଆରି କରୁଥିଲେ ସୁଦ୍ଧା ବ୍ୟବସାୟ ହେବ କି ନାହିଁ ଆଶଙ୍କାରେ ରହିଥିବା କହିଛନ୍ତି କାରିଗରମାନେ।

### ନୀତି ଆୟୋଗ ସିଇଓ-ମୁଖ୍ୟ ଶାସନ ସଚିବ ଆଲୋଚନା

# ଶିକ୍ଷାନୁଷ୍ଠାନରେ ଦକ୍ଷତା ବିକାଶକୁ ସାମିଲ୍ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** 'ନୀତି ଆୟୋଗ'ଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି. ଆର ସୁବ୍ରମଣ୍ୟମ ତାଙ୍କର ଦୁଇଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଓଡ଼ିଶା ପ୍ରଶସନର ବିଭିନ୍ନ ବିଭାଗୀୟ ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ରାଜ୍ୟର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ-ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଥିଲା। ତେବେ



ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଦକ୍ଷତା ବିକାଶକୁ ପାଠ୍ୟକ୍ରମରେ ସାମିଲ୍ କରାଗଲେ ଛାତ୍ରଛାତ୍ରୀମାନଙ୍କ ପାଖରେ ବୃତ୍ତି କ୍ଷେତ୍ରରେ ବିକଳ୍ପ ଚୟନ କରିବାର ସୁଯୋଗ ରହନ୍ତା ବୋଲି ଏହି ବୈଠକରେ ଆଲୋଚନା ହୋଇଛି। ଏଥିସହ ନୀତି ଆୟୋଗ ରାଜ୍ୟ ସରକାରଙ୍କ ସହ ଏ ଦିଗରେ ସମସ୍ତ ପ୍ରକାର ବୈଷୟିକ ସହଯୋଗିତା ପ୍ରଦାନ କରିବା ପାଇଁ ପ୍ରତିଷ୍ଠିତ ପ୍ରତିଷ୍ଠାନମାନଙ୍କ ସହ ସହବନ୍ଧିତା କରିବାକୁ ଉଦ୍ୟମ କରୁଥିବା ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି।

ଆଲୋଚନାରେ ଶ୍ରୀ ସୁବ୍ରମଣ୍ୟମ ଓଡ଼ିଶାରେ ପ୍ରଶାସନିକ କ୍ଷେତ୍ରରେ ତଥା ରାଜ୍ୟର ବିକାଶ ପାଇଁ ଆବଶ୍ୟକ ଥିବା ତଥ୍ୟଭିତ୍ତିକ ପ୍ରଶାସନିକ ନିଷ୍ପତ୍ତି ପରିପ୍ରେକ୍ଷୀରେ ତଥ୍ୟ ବିଶ୍ଳେଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବି ଆଲୋଚନା ହୋଇଥିଲା। ଜନଜାତିଙ୍କ ଜୀବିକା ନିର୍ବାହ, ବିଶେଷକରି ସେମାନଙ୍କ ପାଇଁ ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ଉଦ୍ୟମିତା ବିକାଶ ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ମତାମତ ପ୍ରକାଶ ପାଇଥିଲା।

ସେହିପରି ନଗର ଉନ୍ନୟନ ବିଭାଗ ସମ୍ପର୍କିତ ଆଲୋଚନାରେ ଭୁବନେଶ୍ୱର-କଟକ-ପୁରୀ ଅର୍ଥନୈତିକ ଅଞ୍ଚଳ ସମେତ ରାଜ୍ୟର ଅନ୍ୟ ଅଞ୍ଚଳର ସହରାଞ୍ଚଳ- ଶିଳ୍ପ ଓ ପର୍ଯ୍ୟଟନ କରିଡରର ବିକାଶ ସଂପର୍କିତ ଆଲୋଚନା ହୋଇଥିଲା। ଓଡ଼ିଶାରେ ଦକ୍ଷତା ବିକାଶ କେନ୍ଦ୍ର ଭଳି ଉଚ୍ଚମାନର ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ରହିଛି। ୱାର୍ଲ୍ଡ ସ୍କିଲ ସେଣ୍ଟର ଓ ବିଭିନ୍ନ ଆଇଟିଆଇରେ ଦିଆଯାଉଥିବା ପ୍ରଶିକ୍ଷଣ ବ୍ୟବସ୍ଥାରେ ଆବଶ୍ୟକ ସଂସ୍ଥାଗତ ବିକାଶ କରାଯାଇ ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହେଉଥିବା ଚାହିଦା ମୁତାବକ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯିବା ସମ୍ପର୍କରେ ଆଲୋଚନା କରାଯାଇଛି।

### ଚମକିବ କଟକ ବାଲିଯାତ୍ରା

## ଯୋଗଦେବେ ଶ୍ରେୟା ଘୋଷାଲ୍‌ଙ୍କ ସମେତ ୧୪ ତାରକା



**କଟକ,୧୬।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷ କଟକ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବ ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ ଦାୟିତ୍ୱ ବଲିଉଡ୍ ଜଗତର ଜଣାଶୁଣା ଗାୟିକା ଶ୍ରେୟା ଘୋଷାଲ, ହର୍ଷଦୀପ କୌର ଓ ଋଷି ସିଂଙ୍କ ସମେତ ମୋଟ ୧୪ ଜଣ ଗାୟକ ଯୋଗଦେବେ। ସେମାନଙ୍କ ସଙ୍ଗୀତମୟ କାର୍ଯ୍ୟକ୍ରମ ପୂରା ବାଲିଯାତ୍ରାକୁ ଉନ୍ମାଦନାରେ ଭର୍ତ୍ତି କରିଦେବ। ଏହି କାର୍ଯ୍ୟକ୍ରମ ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ଅନୁଷ୍ଠିତ ହେବ। ବାଲିଯାତ୍ରା ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ସୁରକ୍ଷା ଓ ସୁବିଧା ଉପରେ ଗୁରୁତ୍ୱ ଦେଇଛି। ଏ ସଂକ୍ରାନ୍ତରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ ୪ଟି ପ୍ରବେଶ ପଥ, ୯ଟି ପ୍ରସ୍ଥାନ ପଥ ଓ ଜରୁରୀକାଳୀନ ସ୍ଥିତି ପାଇଁ ୬ଟି ଅତିରିକ୍ତ ଗେଟ୍ ବ୍ୟବସ୍ଥା ରହିବ। ଏଥିସହ କଟକ ଇନ୍ କଟକ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଥିମ ଭାବେ ପ୍ରୋତ୍ସାହିତ କରାଯିବ, ଯାହା ଏହି ଐତିହାସିକ ଉତ୍ସବକୁ ଆହୁରି ଆକର୍ଷଣୀୟ କରିବ।

## ଦର୍ଶନ ବେଳେ ହବିଷ୍ୟାଳୀ ଆହତ

**ପୁରୀ,୧୬।୧୦(ସଂଚାର ବ୍ୟୁରୋ):** ଗୁରୁବାର ଜଗନ୍ନାଥ ମନ୍ଦିର ଭିତରେ ଥିବା ପାର୍ଶ୍ୱ ମନ୍ଦିର ଦର୍ଶନ ସମୟରେ ଜଣେ ହବିଷ୍ୟାଳୀ ସନ୍ତୁଳନ ହରାଇ ପଡ଼ିଯାଇଥିଲେ। ଯାହା ଫଳରେ ତାଙ୍କ ପାଦରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ଚିକିତ୍ସକଙ୍କ ଅନୁସାରେ ତାଙ୍କ ପାଦ ମକଚି ହୋଇଯାଇଛି। ତେଣୁ ତାଙ୍କୁ ଚିକିତ୍ସାରେ ରଖାଯାଇଛି। ଏ ସମ୍ପର୍କରେ




ଖବର ପାଇ ପୁରୀ ଏସ୍‌ପି ପ୍ରତୀକ ସିଂହ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବା ପାଇଁ ନିଜେ ହସ୍ପିଟାଲ୍‌ରେ ପହଞ୍ଚି ତାଙ୍କୁ ଦେଖାକରିଥିଲେ। ମହିଳା ଜଣଙ୍କ ତାଙ୍କୁ କହିଥିଲେ ଯେ ସେ ନିଜେ ସନ୍ତୁଳନ ହରାଇ ପଡ଼ିଯାଇଥିଲେ ଓ ଏହା ଭିଡ଼ କିମ୍ବା ଅନ୍ୟ କାହାର ପେଲାଠେଲା ଯୋଗୁଁ ଦ୍ୱାରା ହୋଇନଥିବା ସ୍ପଷ୍ଟ କରିଛନ୍ତି।

## ପୁରୀ ଓ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂର କରିବା ପାଇଁ ଭାରତୀୟ ରେଳବାଇ ପୁରୀ ଓ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି। ଏହି ଟ୍ରେନ୍ ମଧ୍ୟରେ ଆନନ୍ଦ ବିହାର- ପୁରୀ-ଆନନ୍ଦ ବିହାର, ଅଣସଂରକ୍ଷିତ ପାର୍ବଣ ସ୍ୱତନ୍ତ୍ର ଟ୍ରେନ୍ (ଟ୍ରେନ୍ ନମ୍ବର ୦୪୪୦୮ /୦୪୪୦୭) ରହିଛି। ଏହି ୦୪୪୦୮ ନମ୍ବରବିଶିଷ୍ଟ ଟ୍ରେନ୍ ଆନନ୍ଦ ବିହାର- ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଆସନ୍ତା ୧୮ ତାରିଖ ଶନିବାର) ରାତି ୧୧ଟାରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ସେହିପରି ଟ୍ରେନ୍ ନମ୍ବର ୦୪୪୦୭ ପୁରୀ- ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଆସନ୍ତା ୨୦ ତାରିଖ ସୋମବାର ଅପରାହ୍ନ ସାଢ଼େ ୪ଟା ସମୟରେ ପୁରୀରୁ ଛାଡ଼ିବ। ଏହାଛଡ଼ା ପୁରୀ ଓ ଆନନ୍ଦ ବିହାର ମଧ୍ୟରେ ଏହି ଟ୍ରେନ୍‌ଗୁଡିକର ପ୍ରମୁଖ ରହଣି ସ୍ଥଳ ହେଉଛି ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନଗର, ବୋକାରୋ ଷ୍ଟିଲ ସିଟି, ହଜାରିବାଗ ରୋଡ, ଗୟା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜଙ୍କସନ, ମିର୍ଜାପୁର ଓ ଗାଜିଆବାଦ। ଏହି ଟ୍ରେନ୍‌ଗୁଡ଼ିକରେ ୧୫ଟି ସାଧାରଣ ଓ ସ୍ଲିପର୍ କୋଚ୍, ଗୋଟିଏ ଲେଖାଏଁ ଲଗେଜ୍ କମ୍ ବ୍ରେକ୍ ଭ୍ୟାନ୍ ଓ ଦିବ୍ୟାଙ୍ଗଜନ କୋଚ୍ ରହିଛି। ଏହାଛଡ଼ା ପୁରୀ- ନିଜାମୁଦ୍ଦିନ ଟ୍ରେନ୍ ସଂଖ୍ୟା ୦୮୪୭୫ ଏକପଥୀ ସ୍ପେଶାଲ୍ ଏକ୍ସପ୍ରେସ୍ ସମ୍ବଲପୁର ସିଟି- ଝାରସୁଗୁଡା ରୋଡ୍ ମାର୍ଗରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୪୭୫ଟି ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ୍ ଏକ୍ସପ୍ରେସ୍ ଆସନ୍ତା ୧୯ ତାରିଖ ରବିବାର ପୁରୀରୁ ପ୍ରାତଃ ୪ଟା ୫୦ ମିନିଟ୍‌ରେ ରେ ଯାତ୍ରା ଆରମ୍ଭ କରିବ। ପୁରୀ ଏବଂ ନିଜାମୁଦିନ ମଧ୍ୟରେ ଏହି ଟ୍ରେନ୍‌ର ପ୍ରମୁଖ ରହଣି ସ୍ଥଳ ଗୁଡ଼ିକ ହେଉଛି ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡା ରୋଡ୍, ବିଳାସପୁର, ଝାନ୍ସୀ ଓ ଆଗ୍ରା କ୍ୟାଣ୍ଟ। ଏହି ଟ୍ରେନ୍‌ଗୁଡ଼ିକରେ ୪ଟି ସାଧାରଣ କୋଚ୍, ୧୪ଟି ସ୍ଲିପର୍ ଓ ୨ଟି ଲଗେଜ୍ କମ୍ ବ୍ରେକ୍ ଭ୍ୟାନ୍- କମ୍ ଦିବ୍ୟାଙ୍ଗଜନ ରହିଛି। ପାର୍ବଣ ଋତୁର ଯାତ୍ରୀଙ୍କ ଚାହିଦା ଓ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାର ବ୍ୟବସ୍ଥା କରାଯାଇଛି।

## ନିଖିଳ ଭାରତ ସମବାୟ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ରାଜ୍ୟସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ମାନ୍ୟବର ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅଧ୍ୟକ୍ଷତା କରି କହିଥିଲେ, ସମବାୟ ବିଚାର, ଦର୍ଶନ ଓ କାର୍ଯ୍ୟକ୍ରମକୁ ଅଧିକ ଲୋକଭିମୁଖୀ କରିବା ସହ ଏହାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ହେଲେ, ଆମକୁ ରାଜ୍ୟସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହକୁ ପ୍ରଭାବୀ ଢଙ୍ଗରେ ପାଳନ କରିବାକୁ ପଡ଼ିବ। ଆସନ୍ତା ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯିବ। ଚଳିତବର୍ଷର ଥିମ୍ ରହିଛି 'ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ ।' ଆଜିର ବୈଠକରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ସମବାୟ ୟୁନିୟନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ, ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଓସମା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କୁ ଫୋନ୍‌ରେ ବଧେଇଦେଲେ ମୋହନ



**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ଗୁରୁବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭୯ ବର୍ଷରେ ପଦାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ଫୋନରେ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି: "ମୁଁ ପ୍ରାର୍ଥନା କରୁଛି ଯେ ପ୍ରଭୁ ଜଗନ୍ନାଥ ଆପଣଙ୍କୁ ଦୀର୍ଘ ଏବଂ ସୁସ୍ଥ ଜୀବନ ପ୍ରଦାନ କରନ୍ତୁ।" ମୁଖ୍ୟମନ୍ତ୍ରୀ 'ଏକ୍ସ'ରେ ଏକ ବାର୍ତ୍ତା ପୋଷ୍ଟ କରିଥିଲେ, ଯେଉଁଥିରେ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ୍ୟ 'ଏକ୍ସ'ରେ ଏକ ଜନ୍ମଦିନ ବାର୍ତ୍ତା ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ ନବୀନଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ। ସେହିପରି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ପ୍ରଭାତୀ ପରିଡା ମଧ୍ୟ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରୀୟ ନେତାଙ୍କ ମଧ୍ୟରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ନବୀନ ମଧ୍ୟ ସୋସିଆଲ ମିଡିଆ 'ଏକ୍ସ'ର ପ୍ରତ୍ୟେକ ବାର୍ତ୍ତାର ଉତ୍ତର ଦେଇଛନ୍ତି। ଏହାଛଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ସ୍ତରୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ପୁରୀ ବେଳାଭୂମିରେ ଏକ ବାଲୁକା କଳା ନିର୍ମାଣ ମାଧ୍ୟମରେ ଶୁଭେଚ୍ଛା ଦେଇଛନ୍ତି।

## ସ୍କାଏ ଡାଇଭିଂ କରି ଜଣାଇଲେ ଶୁଭେଚ୍ଛା

**ଝାରସୁଗୁଡା,୧୬।୧୦(ସଂଚାର ବ୍ୟୁରୋ):** ବିଦେଶ ମାଟିରେ ହଜାର ହଜାର ଫୁଟ ଉପରୁ ଆକାଶରୁ ଏକାଧିକ ବାର ଡେଇଁ ଦେଶ ଓ ରାଜ୍ୟ ପାଇଁ ଗର୍ବ ଗୌରବ ଆଣିଥିବା ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଯୁବକ ଦିଲୀପ ସାହୁ ପୁଣି ଏକ ଦୁଃସାହସିକ ଅଭିଯାନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ



ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଜି ସେ ମରିସସ୍‌ରୁ ଆକାଶରେ ଉଡ଼ିବା ଅବସ୍ଥାରେ ଜନ୍ମଦିନର ଶୁଭେଚ୍ଛା ଦେଇଛନ୍ତି। ସେଠାରେ ସେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଚିତ୍ର ଥିବା ପୋଷାକ ପରିଧାନ କରିଥିଲେ। ଦିଲୀପ ମରିସସ ଯାଇ ସେଠାରେ ବିମାନ ଯୋଗେ ଉଚ୍ଚ ଆକାଶରୁ ଉଭୟ ଦେଶର ଜାତୀୟ ପତାକା ସହ ତାଙ୍କ ପରିଧାନରେ ନବୀନଙ୍କ ଚିତ୍ର ଧାରଣ କରି ଡେଇଁଛନ୍ତି।

# ରାଜା ଚକ୍ରଙ୍କ ଜାମିନ ଖାରଜ

### ● ଜେଲ୍‌ରେ ଜେରା କରିବ ଇଡି



**କେନ୍ଦୁଝର,୧୬।୧୦(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କେଳେଙ୍କାରୀରେ ରାଜା ଓରଫ ସୌମ୍ୟଶଙ୍କର ଚକ୍ର, ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇ ବାଲେଶ୍ୱର ଜେଲ୍‌ରେ ରହୁଛନ୍ତି। ଏହି ଅଭିଯୁକ୍ତ ସହିତ ୭ ଜଣଙ୍କ ନାମରେ ସଦର ଥାନାରେ ପୁଣି ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ରାଜା ଓ ସହଯୋଗୀଙ୍କ ଜାମିନ ଆବେଦନ ଜିଲ୍ଲା ଓ ଦୌରାଜଜ୍‌ଙ୍କ ନିକଟରେ ହୋଇଥିଲା। ଅଦାଲତ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅନ୍ୟପକ୍ଷରେ ରାଜା ଚକ୍ରଙ୍କୁ ଜେରା କରିବା ଲାଗି ଇଡି ପକ୍ଷରୁ ବାଲେଶ୍ୱର ଓପିଆଇଡି କୋର୍ଟରେ ଆବେଦନ କରାଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦୁଝର ସଦର ଥାନା ଶୁଆକାଟି ଗ୍ରାମର ସୁଶାନ୍ତ କୁମାର ବାରିକ ଏକ ଲୋଡର (ଓଆର ୦୯କ୍ୟୁ-୦୮୨୧) ରାଜା ଚକ୍ରଙ୍କଠାରୁ ୨୦ ଲକ୍ଷ ୫୦ ହଜାର ଟଙ୍କାରେ କିଣି ୨୦୧୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଭଡ଼ାରେ ଲଗାଇଥିଲେ। ରାଜାଙ୍କ ଅକ୍ତିଆରରେ ଥିବା ଲୋଡିଂ ଏଜେନ୍ସିରେ ତାହା ଭଡ଼ାରେ ଲାଗୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ଭଡ଼ା ମିଳିନଥିଲା। ଭଡା ମାଗିବାରୁ ରାଜା ଓ ତାଙ୍କର ସହଯୋଗୀ ସଦାଶିବ ସାମଲ, ସମୀର ଜେନା, ଉତ୍କଳ, ସୁଧାଂଶୁ ନାୟକ, ଜ୍ୟୋତିରଞ୍ଜନ ମିଶ୍ର ଓ ମାନସ ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପରେ ତାଙ୍କୁ ମାରଧର କରିଥିଲେ ବୋଲି ସୁଶାନ୍ତ ଥାନାରେ ଏତଲା ଦେଇଥିଲେ। ସଦର ଥାନା ପୁଲିସ ଉପରୋକ୍ତ ୭ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ଏହି ମାମଲାରେ ରାଜା, ଉତ୍କଳ ଓ ମାନସ ଇଓଡବ୍ଲ୍ୟୁ ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ରହୁଛନ୍ତି। ଅନ୍ୟ ୩ ଜଣ ଜ୍ୟୋତି ରଞ୍ଜନ ମିଶ୍ର, ସମୀର ଜେନା ଓ ସୁଧାଂଶୁ ନାୟକ ଏହି ମାମଲାରେ ହାଇକୋର୍ଟରୁ ଆଗୁଆ ଜାମିନରେ ରହିଛନ୍ତି। ସଦାଶିବ ସାମଲ ଫେରାର ରହିଥିବାରୁ ରାଜା, ମାନସ ଓ ଉତ୍କଳଙ୍କୁ ରିମାଣ୍ଡ ବଳରେ ପୁଲିସ କେନ୍ଦୁଝର ଏସ୍‌ଡିଜେଏମ୍‌ଙ୍କ ନିକଟରେ ହାଜର କରାଇଥିଲା। ଏସ୍‌ଡିଜେଏମ୍ ଜାମିନ ଖାରଜ କରିବାରୁ ଅଭିଯୁକ୍ତମାନଙ୍କୁ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୩ ଅଭିଯୁକ୍ତଙ୍କ ଜାମିନ ଜିଲ୍ଲା ଓ ଦୌରାଜଜ୍‌ଙ୍କ ନିକଟରେ ହୋଇଥିଲା। ମାମଲାର ଶୁଣାଣି କରି ଅଦାଲତ ଜାମିନକୁ ଖାରଜ କରିଛନ୍ତି। ଖୁବଶୀଘ୍ର ଇଡି ଏହି ମାମଲାରେ ଜେରା କରିବା ଲାଗି ଜେଲକୁ ଯିବ ବୋଲି ଜଣାପଡିଛି।

## ଦିଦାୟୀ ଜନଜାତି ପାଇଁ ଗୌରବ

### ● ଯୁବକ ପାଇଲେ ଡକ୍ଟରେଟ୍ ଉପାଧି



**ମାଲକାନଗିରି,୧୬।୧୦(ସଂଚାର ବ୍ୟୁରୋ):** ଡକ୍ଟରେଟ୍ ଉପାଧିରେ ପ୍ରଥମ ଥର ପାଇଁ ସମ୍ମାନିତ ହୋଇଛନ୍ତି ମାଲକାନଗିରି ଜିଲ୍ଲାର ଆଦିମ ଦିଦାୟୀ ଜନଜାତିର ଯୁବକ ଜ୍ୟୋତି ରଞ୍ଜନ ଗୁଡ଼ିଆ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ରାସବେଢା ପଞ୍ଚାୟତ ବଣଜଙ୍ଗଲଘେରା ଦୁର୍ଗମ ମୁଦୁଲିଗୁଡା ଗ୍ରାମର ଜ୍ୟୋତିରଞ୍ଜନ ଗୁଡ଼ିଆ ଜଣେ ଗରିବ ମେଧାବୀ ଆଦିମ ଦିଦାୟୀ ଜନଜାତିର ଯୁବକ। ବାପା ବୁଦା ଗୁଡ଼ିଆ ଓ ମାଆ ରାଧା ଗୁଡ଼ିଆ ଚାଷ ଓ ପର ଘରେ ମୂଲ ମଜୁରୀ ଲାଗି ପରିବାର ଚଳାନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଜ୍ୟୋତିରଞ୍ଜନ ମନ ଲଗାଇ ପାଠ ପଢି ଚାଲନ୍ତି। ଅବସର ସମୟରେ ଭଲ ଭଲ ଚିତ୍ର ଆଙ୍କି କିଛି ଟଙ୍କା ରୋଜଗାର କରି ପରିବାରକୁ ସହାଯ୍ୟ କରନ୍ତି ଜ୍ୟୋତି ରଞ୍ଜନ ଗୁଡ଼ିଆ। ପିଲାଟି ବେଳୁ ପିତାମାତାଙ୍କ ସଂଘର୍ଷମୟ ଜୀବନ ଦେଖି ପାଠ ପଢ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସବୁବେଳେ ଚେଷ୍ଟା କରିଥିଲେ ଏହି ଦିଦାୟୀ ଆଦିବାସୀ ଯୁବକ। ସେ କୁଡୁମୁଲୁଗୁମ୍ମାରେ ପ୍ରାଥମିକ ପାଠପଢା ସାରି ସେହି ଗ୍ରାମର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇଲେ। ଏହାରି ଭିତରେ ଅଭାବ ଅନାଟନ ମଧ୍ୟରେ ପାଠ ପଢିବା ତାଙ୍କ ପାଇଁ ଯଥେଷ୍ଟ କଷ୍ଟସାଧ୍ୟ ଥିଲା। କିନ୍ତୁ ହେଲେ ତୁଳସୀ ଦୁଇ ପତ୍ରରୁ ବସିଲା ପରି ତାଙ୍କ ଗୁଣ ଓ ମେଧାବୀ ଜ୍ଞାନର ବାସ୍ନାରେ ଚତୁର୍ଦ୍ଦିଗ ମହକି ଉଠିଥିଲା। ସେ ଅଷ୍ଟମରୁ ଦଶମ ପ୍ରାଥମିକ ବିଦ୍ୟାଳୟର ମହେଶ୍ୱର ମହାରଣାଙ୍କ ନିକଟରେ ରହି ୩ ବର୍ଷ ମାଧ୍ୟମିକ ଶିକ୍ଷା ଲାଭ କରିଥିଲେ। ସେତେବେଳେ ଶିକ୍ଷକ ମହେଶ୍ୱର ମହାରଣା ଛାତ୍ର ଜ୍ୟୋତି ରଞ୍ଜନଙ୍କ ବିଚକ୍ଷଣ ଚିତ୍ରକଳା ଦେଖି ସେଥିରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ବିଭିନ୍ନ ପ୍ରକାରର ଚିତ୍ର କାମ ସବୁ ଯୋଗାଡ କରିଦେଉଥିଲେ। ୨୦୧୨ରେ କୁଡୁମୁଲୁଗୁମା ହାଇସ୍କୁଲରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ମାଲକାନଗିରି ଜିଲ୍ଲାରୁ ଭୁବନେଶ୍ୱର ଯାଇ ପଢ଼ିବାର ସୁଯୋଗ ପାଇଥିଲେ। ସେହିଦିନଠାରୁ ସେ କେବେ ପଛକୁ ଫେରିନାହାନ୍ତି। ସେ ଚିତ୍ରକଳାରେ ଯେମିତି ଆଗରେ ଥିଲେ, ପାଠପଢାରେ ମଧ୍ୟ ଠିକ୍ ସେମିତି ଆଗୁଆ। ଭୁବନେଶ୍ୱରସ୍ଥିତ କିସ୍‌ରେ ସେ ଯୁକ୍ତ ୨ କଳା, ଯୁକ୍ତ ୩ ରାଜନୀତି ବିଜ୍ଞାନ, ପିଜି, ଏମଫିଲ ଓ ତା'ପରେ ପିଏଚଡି ପଢ଼ି ଦିଦାୟୀ ଜନଜାତି ପକ୍ଷରୁ ପ୍ରଥମ ଡକ୍ଟରେଟ୍ ହେବାର ସୌଭାଗ୍ୟ ପାଇଛନ୍ତି।

# ଓଡ଼ିଶାର ପ୍ରଗତିରେ ଯୋଡ଼ିହେବାକୁ ଆହ୍ୱାନ

**ଭୁବନେଶ୍ୱର,୧୬।୧୦(ସଂଚାର ବ୍ୟୁରୋ):** ବାଚସ୍ପତି ସୁରମା ପାଢ଼ୀ ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପରେ ବ୍ରିଟେନ୍, ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ଗସ୍ତ କରିଛନ୍ତି। ବାଚସ୍ପତି ପ୍ରଥମେ ବ୍ରିଟେନଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରବାସୀ ଭାରତୀୟ ତଥା ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର

**ବିଦେଶ ଗସ୍ତରେ ବାଚସ୍ପତି**



ଲକ୍ଷ୍ୟ ରହିଥିବା ବେଳେ ୨୦୩୬ ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ତେଣୁ ଓଡ଼ିଶାର ପ୍ରଗତିରେ ପ୍ରବାସୀ ଓଡ଼ିଆମାନଙ୍କୁ ସାମିଲ୍ ହେବା ସକାଶେ ବାଚସ୍ପତି ଆହ୍ୱାନ ଦେଇଛନ୍ତି। ପରେ ବାଚସ୍ପତି ସେଠାରେ ବ୍ରିଟିଶ୍ ମ୍ୟୁଜିୟମ୍ ସହ ବର୍କିଂହାମ୍ ପ୍ୟାଲେସ୍ ମଧ୍ୟ ବୁଲି ଦେଖିଥିଲେ। ଶ୍ରୀମତୀ ପାଢ଼ୀ ସୁଇଜରଲ୍ୟାଣ୍ଡର ଜୁରିକ୍‌ଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ତାଙ୍କୁ ସ୍ୱାଗତ କରିବା ସହ ପ୍ରବାସୀ ଓଡ଼ିଆମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ବାଚସ୍ପତି କହିଥିଲେ ଯେ ସବୁଠାରୁ ଖୁସିର କଥା ଯେ ଓଡ଼ିଶାଠାରୁ ଦୂରରେ ରହି ମଧ୍ୟ ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି। ଏହି ଅବସରରେ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଜୟଦେବ ମିଶ୍ର, ସୁଦୀପ ଦାସମହାପାତ୍ର, ସୌମ୍ୟସୁନ୍ଦର ଦାସ, ଶ୍ରୀନିଭାଏ ଗର୍ଲପତି, ନିଶାନ୍ତ ପତି ଓ ଡ. ଅଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଓ ପ୍ରବାସୀ ଓଡ଼ିଆ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ବାଚସ୍ପତି କହିଥିଲେ ଯେ ଓଡ଼ିଶା ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟି। ଆମର ପରିଚୟ ହେଉଛି ଜଗନ୍ନାଥ ସଂସ୍କୃତି। ଏହି ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଆପଣମାନେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ଆଶା ପ୍ରକାଶ କରିଛନ୍ତି।

## ବୃଦ୍ଧଙ୍କୁ ଚପଲରେ ପିଟିଲେ ବିଜେଡି ଗୁଣ୍ଡା

### ଅଭିଯୁକ୍ତ ଜୁନାଗଡ଼ ବିଧାୟକଙ୍କ ଖାସ୍ ଲୋକ

**ଭବାନିପାଟଣା,୧୬।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦୁଦୁକେଲ ଗ୍ରାମର ରତନ ଭୋଇ (୬୪)ଙ୍କୁ ମଙ୍ଗଳବାର ଉକ୍ତ ଗ୍ରାମର ବିଜେଡି ନେତା ରାଜେଶ



ବଗର୍ତ୍ତୀ ଚପଲରେ ବାଡେଇଥିବା ଅଭିଯୋଗ ହୋଇଛି। ଏନେଇ ଆଜି ରତନ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଏହି ମାମଲାରେ ସ୍ଥାନୀୟ ପୁଲିସ୍ ତଦନ୍ତ କରି ରାଜେଶକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ତେବେ ରାଜେଶ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଖାସ୍ ଲୋକ ବୋଲି ଜଣାପଡ଼ିଛି। ତେଣୁ ଦିବ୍ୟଶଙ୍କର ବଳରେ ବଳୀୟାନ୍ ହୋଇ ରାଜେଶ ଏପରି ଅମାନବୀୟ କାର୍ଯ୍ୟ କରିବାକୁ ପଛାଇନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମ ଠାକୁରାଣୀ ଗୁଡ଼ି ପାଖରେ ରାଜେଶ ଏକ ପାଇଖାନା ତିଆରି କରୁଛନ୍ତି। ତେବେ ରତନ ଏଠାରେ କାହିଁକି ପାଇଖାନା ତିଆରି କରୁଛ ବୋଲି ପଚାରିବାରୁ ରାଜେଶ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଚପଲରେ ନିର୍ଘାତ ପିଟିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ରତନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଏ ସମ୍ପର୍କରେ ଆଦିବାସୀ ସଂଘକୁ ବି ଅବଗତ କରାଇଛନ୍ତି। ଏହି ମାମଲାରେ ରାଜେଶକୁ କଠୋର ଦଣ୍ଡ ଦେବା ସକାଶେ ରତନ ଦାବି କରିଛନ୍ତି।

### ୭୦ତମ ବୃତ୍ତିଗତ ପ୍ରତିଯୋଗିତା ଆରମ୍ଭ

# ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ଉପଯୋଗକୁ ଗୁରୁତ୍ୱ

**କଟକ,୧୫।୧୦(ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ ବାହିନୀରେ କନଷ୍ଟେବଲଠାରୁ ଇନ୍ସପେକ୍ଟର ପାହ୍ୟା ପର୍ଯ୍ୟନ୍ତ କର୍ମଚାରୀଙ୍କର ବୃତ୍ତିଗତ ସ୍ତରରେ ଦକ୍ଷତା ବୃଦ୍ଧି ଲାଗି କଟକସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡ ପରିସରରେ ୭୦ତମ ବୃତ୍ତିଗତ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୁଲିସ ଜିଲ୍ଲାରୁ ୨୮୨ ଜଣ ପ୍ରତିଯୋଗୀ, ୪୩ ଶ୍ୱାନ, ୪୩ ଜଣ ହ୍ୟାଣ୍ଡେଲର ଅଂଶଗ୍ରହଣ କରିଛନ୍ତି। ୪୨ ଜଣ ଇନ୍ସପେକ୍ଟର, ୩୪ ଜଣ ଏସଆଇ, ୫୯ ଜଣ ଏଏସଆଇ, ୧୬ ଜଣ ହାବିଲଦାର, ୧୩୧ ଜଣ କନଷ୍ଟେବଲ ଏବଂ ୪୩ଟି ପୁଲିସ ଶ୍ୱାନ (କେ-୯) ପ୍ରତିଯୋଗିତାରେ ଭାଗ କରିଛନ୍ତି।



ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଅପରାଧ ନିରାକରଣ ଓ ଅପରାଧ ଅନୁସନ୍ଧାନ ପୁଲିସର ମୁଖ୍ୟ ଦାୟିତ୍ୱ ଓ ଦୋଷୀଟିଏ ଉପଯୁକ୍ତ ଦଣ୍ଡ ପାଇବାରେ ପୁଲିସର ମୁଖ୍ୟ ଭୂମିକା ରହିଥାଏ ବୋଲି କହିବା ସହ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଅପରାଧୀକୁ ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଥିଲେ। ପୋକ୍‌ସୋ ମାମଲାଗୁଡିକରେ ତଦନ୍ତଶୈଳୀ, ବୃତ୍ତିଗତ ଦକ୍ଷତା, ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଦୋଷୀ ସାବ୍ୟସ୍ତ ଓ କଠୋର ଦଣ୍ଡରେ ଦଣ୍ଡିତ କରାଯାଇପାରିଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ଏଥିସହ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ, ଚୋରା ବନ୍ଧୁକ କାରବାର, ଗଞ୍ଜେଇ ଚୋରା ଚାଲାଣ, ବ୍ରାଉନସୁଗର ଜବତ ଓ ଗଞ୍ଜେଇ ଚାଷ ବିରୁଦ୍ଧରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡିଜିପି ତାଙ୍କ ଅଭିଭାଷଣରେ କହିଛନ୍ତି।

ପୁଲିସ ପକ୍ଷରୁ 'ଅପରେସନ ପ୍ରହାର', 'ଅପରେସନ୍ ଗଜ', 'ଅପରେସନ୍ ଚକ୍ର', 'ଅପରେସନ୍ ଅଗ୍ନି', 'ଅପରେସନ୍ ଗରୁଡ' ଭଳି ଅଭିଯାନ ଆରମ୍ଭ କରାଯାଇ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାମ୍ପ୍ରଦାୟିକ ସଦଭାବନା ବଜାୟ ରଖିବା, ହିଂସାକୁ ରୋକିବା ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପୁଲିସ୍ ସର୍ବୋଚ୍ଚ ପ୍ରାଥମିକତା। ନାଗରିକମାନେ ଯେପରି ଭୟ ଓ ବିପଦରୁ ମୁକ୍ତ ରହିପାରିବେ, ତାହା ସୁନିଶ୍ଚିତ କରିବାକୁ ପୁଲିସ୍ ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି କହିଛନ୍ତି। ଏଥିସହ ଆଗାମୀ ଦିନରେ ପୁଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫରେନସିକ ତଦନ୍ତ ଓ ସାଇବର ଅପରାଧରେ ଦକ୍ଷତା ହାସଲ ସମ୍ପର୍କରେ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୁଲିସ ଆଇନକାନୁନ, ପୁଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୁଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଆଦି ଇଭେଣ୍ଟ୍ ଅନୁଷ୍ଠିତ ହେବ। କ୍ରାଇମ୍ ବ୍ରାଞ୍ଚ୍ ଏସ୍‌ପି ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରାଇମ୍ ବ୍ରାଞ୍ଚ୍ ଡିଆଇଜି ବି. ଗଙ୍ଗାଧର ଧନ୍ୟବାଦ ଦେଇଥିଲେ। ଆଜିର ଏହି ଉଦଘାଟନୀ ଉତ୍ସବରେ ରାଜ୍ୟ ପୁଲିସର ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପାର୍ବଣରେ ୭.୫ ଲକ୍ଷ କୋଟି ବେପାର



ନୂଆଦିଲ୍ଲୀ, ୧୬।୧୦: ଚଳିତ ବର୍ଷ ପାର୍ବଣ ଓ ବିବାହ ଋତୁରେ ଦେଶରେ ୭.୫୮ ଲକ୍ଷ କୋଟି ଟଙ୍କାରୁ ଅଧିକ ବେପାର ହେବ ବୋଲି ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳ (ବିୟୁଭିଏମ୍) ଆକଳନ କରିଛି। ଦଶହରାଠାରୁ ଆରମ୍ଭ କରି ବିବାହ ଋତୁ ପର୍ଯ୍ୟନ୍ତର ବ୍ୟବସାୟ ସମ୍ଭାବନାକୁ ଏଥିପାଇଁ ବିଚାରକୁ ନିଆଯାଇଛି। ଏହି ସମୟରେ ୧.୩ ଲକ୍ଷ କୋଟି ଟଙ୍କାର କାର୍, ମୋଟରସାଇକଲ୍, ଟ୍ରାକ୍ଟର ଓ ବାଣିଜ୍ୟିକ ଯାନ ବିକ୍ରି ହେବା ସମ୍ଭାବନା ରହିଛି। ଏଥି ସହିତ ୧.୨ ଲକ୍ଷ କୋଟି ଟଙ୍କାର ଜମି, ଫ୍ଲାଟ୍, ଭିଲ୍ଲା ଓ ନିର୍ମାଣ ସାମଗ୍ରୀ ବିକ୍ରି ଆଶା କରାଯାଉଛି। ସେହିପରି, ରାସନ ଓ ଖାଦ୍ୟ ସାମଗ୍ରୀ ବିକ୍ରି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ଗହଣା ବର୍ଗରେ ୫୦ ହଜାର କୋଟି ଟଙ୍କାର ସୁନା, ରୁପା ଓ ମୂଲ୍ୟବାନ ଅଳଙ୍କାର ଆଦି ବିକ୍ରି ହେବ। ଦୀପାବଳି ସମୟରେ ୫୦ ହଜାର କୋଟି ଟଙ୍କାର ଇସ୍ପାତ, ତମ୍ବା ଓ କଂସାରେ ତିଆରି ପାରମ୍ପରିକ ବାସନକୁସନ ବିକ୍ରି ହେବ। ଟିଭି, ଫ୍ରିଜ୍, ୱସିଂ ମେସିନ୍, ହୋମ୍ ଆପ୍ଲାଏନ୍ସେସ୍ ଭଳି ସାମଗ୍ରୀ ବିକ୍ରି ୫୦ ହଜାର କୋଟି ଟଙ୍କାରୁ ଅଧିକ ରହିବ। ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍, ବିବାହ ପୋଷାକ, ପ୍ରସାଧାନ ସାମଗ୍ରୀ, ଉପହାର ସାମଗ୍ରୀ, ସାଜସଜ୍ଜା ପାଇଁଉଦ୍ଦିଷ୍ଟ ଆଲୋକ ବିକ୍ରି ମଧ ବଢ଼ିବ ବୋଲି ଆକଳନ କରାଯାଇଛି।

ଦୀପାବଳିରେ ବାଣ ବିକ୍ରି ୧୦ ହଜାର କୋଟି ଟଙ୍କା ଟପିବ। ଏହି ସମୟରେ ବିଭିନ୍ନ ରାଜ୍ୟରେ ପାଳନ ହେଉଥିବା ଆଞ୍ଚଳିକ ପର୍ବପର୍ବାଣୀଗୁଡ଼ିକ ମଧ ବଜାରକୁ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବା ଆଶା କରାଯାଉଛି। ଏ ସମ୍ପର୍କରେ ବିୟୁଭିଏମ୍‌ର ସଭାପତି ବାବୁଲାଲ ଗୁପ୍ତା କହିଛନ୍ତି ଯେ ଯେଉଁ ସମୟ ବିଷୟରେ ଏଠାରେ ଆଲୋଚନା କରାଯାଇଛି ସେହି ସମୟରେ ସାରା ଦେଶରେ ଉତ୍ସବ ପାଳନ କରାଯାଏ ଏବଂ ବହୁ ସଂଖ୍ୟାରେ ବିବାହ ହୋଇଥାଏ। ଏଥି ସହିତ ଚାଷୀମାନେ ଫସଲ ଅମଳ କରିଥାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶୀ ଜିନିଷ କିଣିବାକୁ ଆହ୍ୱାନ ଦେଇଥିବା ବେଳେ ଜିଏସ୍‌ଟିରେ ହୋଇଥିବା ହ୍ରାସ ପ୍ରଭାବରେ ବଜାରରେ ଉତ୍ସାହ ରହିଥିବା ସେ କହିଛନ୍ତି।

### କ'ଣ କେତେ ବିକ୍ରି ହେବ

| ବସ୍ତୁ | ବ୍ୟବସାୟ (ଟଙ୍କାରେ) |
|---|---|
| ଗାଡ଼ି | ୧.୩ ଲକ୍ଷ କୋଟି |
| ଜମି, ଘର | ୧.୨ ଲକ୍ଷ କୋଟି |
| ଗହଣା | ୫୯ ହଜାର କୋଟି |
| ତମ୍ବା, କଂସା ବାସନକୁସନ | ୫୦,୦୦୦ କୋଟି |
| ଇଲେକ୍ଟ୍ରୋନିକ୍ସ ସାମଗ୍ରୀ | ୫୦,୦୦୦ କୋଟି |
| ବାଣ | ୧୦,୦୦୦ କୋଟି |

## ଦୀପାବଳି ଲାଗି ୪ ଦିନ ବନ୍ଦ ରହିବ ସେୟାର ମାର୍କେଟ



ମୁମ୍ବାଇ ୧୬।୧୦: ଚଳିତବର୍ଷ ଦୀପାବଳିରେ ସେୟାର ମାର୍କେଟ୍ ଲଗାତାର ୪ ଦିନ ବନ୍ଦ ରହିବ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ୧୯,୨୧ ଓ ୨୨ ଅକ୍ଟୋବରରେ ବନ୍ଦ ରହିବ ଓ ସପ୍ତାହନ୍ତରେ କୌଣସି କାରବାର ମଧ୍ୟ ହେବ ନାହିଁ। ୧୯ ଅକ୍ଟୋବର ରବିବାର ଧନତେରସ ଓ ୨୧ ଅକ୍ଟୋବର ଦୀପାବଳି(ଲକ୍ଷ୍ମୀ ପୂଜନ) ଏହା ପରଦିନ ଅର୍ଥାତ ୨୨ ତାରିଖ ଦିନ ବଳି ପ୍ରତିପଦା ପାଳିତ ହେବ। ଏଣୁ ଏହି ସବୁ ଦିନ ଷ୍ଟକ୍ ଏକ୍ସଚେଞ୍ଜରେ କାରବାର ହେବ ନାହିଁ। ଏହି ଦିନଗୁଡିକରେ ମଲ୍ଟି କମଡିଟି ଏକ୍ସଚେଞ୍ଜ (ଏମସିଏକ୍ସ) ଓ କରେନ୍ସୀ ଡେରିଭେଟିଭ ବଜାର ମଧ୍ୟ ବନ୍ଦ ରହିବ। ଏ ନେଇ ଏନସଇ ଓ ବିଏସଇ ପିଛିଲା ସେପ୍ଟେମ୍ବର ୨୨ ତାରିଖରେ ଏକ ସର୍କୁଲାର ଜାରି କରିଥିଲେ। ଏଥିରେ ଦିବାଲୀ ମୁହୂର୍ତ୍ତ ଟ୍ରେଡିଂ ୨୧ ଅକ୍ଟୋବର ମଧ୍ୟାହ୍ନ ୧.୪୫ ମିନିଟ୍ ରୁ ୨.୪୫ ମିନିଟ୍ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ସୂଚିତ କରାଯାଇଥିଲା। ଏନଏସଇ କହିଛନ୍ତି ଯେ ଏହି ମୁହୂର୍ତ୍ତ ଟ୍ରେଡିଂରେ କରାଯାଇଥିବା ସମସ୍ତ ଟ୍ରେଡ ସମାଧାନ ପାଇଁ ମାନ୍ୟ ହେବେ। ମୁହୂର୍ତ୍ତ ଟ୍ରେଡିଂ ସବୁବର୍ଷ ଦୀପାବଳିରେ ଅନୁଷ୍ଠିତ ହେଉଥିବା ଏକ ଘଣ୍ଟିକିଆ କାର୍ଯ୍ୟକ୍ରମ, ଯାହା ନୂଆ ହିନ୍ଦୁ କ୍ୟାଲେଣ୍ଡର (୨୦୨୫ରେ ସମ୍ବତ ୨୦୮୨ର ପ୍ରାରମ୍ଭର ପ୍ରତୀକ। ସାଧାରଣତଃ ଏହି ଅଧିବେଶନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ ଏହା ମଧ୍ୟାହ୍ନରେ ହେବ। ଏହି ଟ୍ରେଡିଂ ସବୁ କ୍ଷେତ୍ରରେ ଉପଲବ୍ଧ ହେବ,ଯେଉଁଥିରେ ଇକ୍ୱିଟି, କମୋଡିଟି ଡେରିଭେଟିବସ୍, କରେନ୍ସୀ ଡେରିଭେଟିବସ୍. ଇକ୍ୱିଟି ଫ୍ୟୁଚର୍ସ ଆଣ୍ଡ ଅପସନ୍ସ ଓ ସିକ୍ୟୁରିଟିଜ୍ ଲେଣ୍ଡିଂ ଆଣ୍ଡ ବରୋଇଂ ମଧ୍ୟ ସାମିଲ ରହିଛି। ଐତିହାସିକ ରୂପେ ମୁହୂର୍ତ୍ତ ଟ୍ରେଡିଂକୁ ସାଧାରଣତଃ ଶୁଭ ମନେ କରାଯାଏ। ଗତ ୧୬ ବର୍ଷରୁ ୧୩ ବର୍ଷରେ ପ୍ରମୁଖ ସୂଚକାଙ୍କ ଅଭିବୃଦ୍ଧି ସହ ବନ୍ଦ ହୋଇଥିବାର ରେକର୍ଡ ରହିଛି। ଗତ ୨୦୨୪ ମୁହୂର୍ତ୍ତ ଟ୍ରେଡିଂରେ ମଧ୍ୟ ଭଲ ଅଭିବୃଦ୍ଧି ଦେଖାଯାଇଥିଲା।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୮,୮୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୮,୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୯,୪୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୮,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୯,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୮,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୯,୫୯୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୮,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୯,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୪୪୦ ଓ ୧, ୧୮,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୯,୦୦୦ ଟଙ୍କା ହୋଇଛି।

### ଆଇଇଏମ୍-ୟୁଇଏମ୍‌ରେ ଟେକ୍ନୋ ୨୦୨୫

## ଏଆଇ ସୃଜନଶୀଳତାକୁ ପ୍ରୋତ୍ସାହନ



କୋଲକାତା, ୧୬।୧୦(ସଂଚାର ବ୍ୟୁରୋ): ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆଇଇଏମ୍) ଏବଂ ୟୁନିଭରସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ୟୁଇଏମ୍), କୋଲକାତା ଟେକ୍ନୋ ୨୦୨୫ ର ଆୟୋଜନ କରିଲା, ଯାହା ପ୍ରଯୁକ୍ତିବିଦ୍ୟା, ସୃଜନଶୀଳତା ଏବଂ ନବସୃଜନକୁ ପାଳନ କରୁଥିବା ଏକ ଗତିଶୀଳ କାର୍ଯ୍ୟକ୍ରମ। ଆଇଇଏମ୍ ପରିଚାଳନା ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ଶିଳ୍ପ ବିଶେଷଜ୍ଞମାନଙ୍କୁ ଧାରଣା ଏବଂ ଉତ୍ସବର ଏକ ପ୍ରେରଣାଦାୟକ ମିଶ୍ରଣ ପାଇଁ ଏକତ୍ରିତ କରିଥିଲା। ମୁଖ୍ୟ ଆକର୍ଷଣ 'କ୍ରିଏଟିଭ ମେସିନ୍: କ'ଣ ଏଆଇ ଜଣେ କଳାକାର, ଲେଖକ କିମ୍ବା ଉଦ୍ଭାବକ ହୋଇପାରେ?' ଶୀର୍ଷକ ଏକ ପ୍ୟାନେଲ ଆଲୋଚନା ଥିଲା ଯାହା ଅଭିଜିତ୍ ଚାଟାର୍ଜୀ (ଟିସିଜି ଲାଇଫସାଇନ୍ସ), ଗୌତମ କୁମାର ପାଲ (ଭାରତୀୟ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟ୍), ସଂମିତ୍ର ସରକାର (କ୍ୟାପଜେମିନି) ଏବଂ ଚଳଚ୍ଚିତ୍ର ନିର୍ମାତା ତଥାଗତ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ଗଠିତ ହୋଇଥିଲା। ଅଧିବେଶନରେ ଆଲୋଚନା କରାଯାଇଥିଲା ଯେ ଏଆଇ ମାନବ ବୁଦ୍ଧିମତ୍ତା, ଏହାର ଭାବପ୍ରବଣ ଆଚରଣ, ମାନବ ବିଶେଷଜ୍ଞତା ଇତ୍ୟାଦିକୁ ବିଷୟଟିରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ କ୍ଷେତ୍ରରେ ବଦଳାଇ ପାରିବ କି ନାହିଁ। 'ଏହି ଆଲୋଚନା କେବଳ ବୌଦ୍ଧିକ ଭାବରେ ଉତ୍ସାହଜନକ ନୁହେଁ ବରଂ ଏଆଇ ଏବଂ ସ୍ୱୟଂଚାଳିତତା ଦ୍ୱାରା ପରିଚାଳିତ କ୍ୟାରିୟରରେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଥିଲା, 'ଆଇଇଏମ୍‌ର ମୌଳିକ ବିଜ୍ଞାନ ଏବଂ ମାନବିକତା ବିଭାଗର ମୁଖ୍ୟ ପ୍ରବୀର କୁମାର ଦାସ ଏମିତି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, 'ଟେକଗ୍ଲୋ ୨୦୨୫ ସମାଲୋଚନାମୂଳକ ଚିନ୍ତାଧାରାକୁ ଉତ୍ସାହିତ କରେ ଏବଂ ମାନବ ସୃଜନଶୀଳତା କିପରି ପ୍ରଯୁକ୍ତିବିଦ୍ୟା ସହିତ ସହାବସ୍ଥାନ କରିପାରିବ ତାହାକୁ ପୁନଃପରିଭାଷିତ କରେ।

## ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ଶୁଭ ଧନତେରସ୍ ଅଫର

ଭୁବନେଶ୍ୱର, ୧୬।୧୦: ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପକ୍ଷରୁ ଏହାର ଭୁବନେଶ୍ୱର, କଟକ ଓ ଜଟଣୀ ଷ୍ଟୋର୍‌ରେ ଶୁଭ ଧନତେରସ୍ ଅଫର ଘୋଷଣା କରାଯାଇଛି। କମ୍ପାନି ପକ୍ଷରୁ ସୁନା, ହୀରା ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ମାସ ୧୦ରୁ ଆରମ୍ଭ ହୋଇଛି ଯାହା ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ରହିବ। ଏହା ବ୍ୟତୀତ ଗ୍ରାହକମାନେ କିଣାକିଣି ଉପରେ ମାଗଣାରେ ସୁନା ଓ ରୁପା କଏନ୍ ଜିତିବାର ସୁଯୋଗ ପାଇବେ। ମଧୁକୁଞ୍ଜ ପକ୍ଷରୁ ଜୀବନବ୍ୟାପୀ ବାଏବ୍ୟାକ୍ ଗ୍ୟାରେଣ୍ଟି, ୧୦୦ ପ୍ରତିଶତ ୯୧୬ ବିଆଇଏସ୍ ହଲ୍‌ମାର୍କ ସୁନା ଗହଣା, ୧୦୦ ପ୍ରତିଶତ ଆଇଜିଆଇ ସାର୍ଟିଫାଏଡ୍ ହୀରା ଗହଣା, ଜୀବନବ୍ୟାପୀ ରକ୍ଷଣାବେକ୍ଷଣ ଓ ମରାମତି ଏବଂ ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ଶୂନ କାଟ ସୁବିଧା ପ୍ରଦାନ କରାଯାଉଛି। ଏହି ଧନତେରସ୍‌ରେ ଗହଣା ସପିଙ୍ଗ କରିବା ପାଇଁ ମଧୁକୁଞ୍ଜ ପକ୍ଷରୁ ଗ୍ରାହକଙ୍କୁ ଆମନ୍ତ୍ରଣ କରାଯାଇଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



### ଋଷରୁ ତେଲ କିଣିବାକୁ ନେଇ ଭାରତୀୟ କମ୍ପାନିଙ୍କୁ ଝଟକା

## ନାୟାରା ଏନର୍ଜି ଉପରେ କଟକଣା ଲଗାଇଲା ବ୍ରିଟେନ

ନୂଆଦିଲ୍ଲୀ, ୧୬।୧୦: ଗୁଜରାଟର ଜାମନଗରରେ ଥିବା ଭାଡିନାର ତୈଳ ବିଶୋଧନାଗାର ଉପରେ କଟକଣା ଲଗାଇଛି ବ୍ରିଟେନ। ଏହି ବିଶୋଧନାଗାର ନାୟାରା ଏନର୍ଜି ଲିମିଟେଡର ମାଲିକାନା। କିଛି ମାସ ପୂର୍ବରୁ ୟୁରୋପୀୟ ସଂଘ ମଧ ଏହା ଉପରେ କଟକଣା ଲଗାଇଥିଲା। ଏହି କଟକଣା ରୁଷୀୟ ତୈଳ କମ୍ପାନୀଗୁଡ଼ିକ ଉପରେ ନିର୍ଦ୍ଦେଶିତ। ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟର ନାୟାରା ଏନର୍ଜି ଲିମିଟେଡରେ ୪୯.୧୩% ଅଂଶଧନ ଅଛି, ତେଣୁ ଏହାକୁ ମଞ୍ଜୁର କରାଯାଇଛି।

ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ, ବ୍ରିଟେନ ରୁଷ ସହିତ ଜଡିତ ମୋଟ ୯୦ଟି ସଂସ୍ଥା ଉପରେ କଟକଣା ଲଗାଇଛି। ଏହି କାର୍ଯ୍ୟ ରୁଷର ରାଜସ୍ୱକୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ଦେଶ୍ୟ। ବ୍ରିଟିଶ ଅଧିକାରୀମାନେ କହିଛନ୍ତି ଯେ ଏହା ରୁଷର ତୈଳ ରାଜସ୍ୱ ହ୍ରାସ କରିବ ଏବଂ ବିଶ୍ୱ ଶକ୍ତି ବଜାରରେ ଏହାର ପ୍ରବେଶକୁ ସୀମିତ କରିବ। ନାୟାରା ଏନର୍ଜି ଲିମିଟେଡ ଉପରେ କଟକଣା ଘୋଷଣା କରି ଅଧିକାରୀମାନେ କହିଛନ୍ତି ଯେ ଏହା କେବଳ ୨୦୨୪ରେ ରୁଷରୁ ୧୦୦ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଛି। ମୂଲ୍ୟ ୫ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ବ୍ରିଟେନ ମଧ ଚାରୋଟି ଚୀନ୍ ଟର୍ମିନାଲ ଏବଂ ରୁଷିଆର ଛାୟା ନୌବାହିନୀର ୪୪ଟି ଟ୍ୟାଙ୍କର ବିରୁଦ୍ଧରେ ପ୍ରତିବନ୍ଧକ ଘୋଷଣା କରିଛି। ବ୍ରିଟିଶ ଅଧିକାରୀଙ୍କ ଅନୁଯାୟୀ, ନୂତନ ପ୍ରତିବନ୍ଧକ ସିଧାସଳଖ ରୁଷିଆର ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଇଲ ଉପରେ ପ୍ରଭାବ ପକାଇବ। ସେମାନେ ବର୍ତ୍ତମାନ ବିଶ୍ୱର ସର୍ବବୃହତ ତୈଳ କମ୍ପାନୀ ମଧରେ ଅନ୍ତର୍ଭୁକ୍ତ। ସେମାନେ ମିଳିତ ଭାବରେ ଦୈନିକ ପ୍ରାୟ ୩.୧ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରନ୍ତି। ଫେବୃଆରୀ ୨୦୨୨ରେ ୟୁକ୍ରେନ ଆକ୍ରମଣ ପରଠାରୁ ବ୍ରିଟେନ ମୋଟ ୨୮.୭ ବିଲିୟନ ପାଉଣ୍ଡର ରୁଷିଆର ସମ୍ପତ୍ତିକୁ ଫ୍ରିଜ୍ କରିଛି। ପୂର୍ବରୁ, ବ୍ରିଟେନ ଜାନୁଆରୀ ୨୦୨୫ରେ ରୁଷିଆର ତୃତୀୟ ଏବଂ ଚତୁର୍ଥ ବୃହତ ତୈଳ କମ୍ପାନୀ, ଗାଜପ୍ରମ୍ ନେଫ୍ଟ ଏବଂ ସର୍ଗୁଟନେଫ୍ଟେଗାସ ଉପରେ ପ୍ରତିବନ୍ଧକ ଲଗାଇଥିଲା।




ଆନାଲିଟିକ୍ସ କମ୍ପାନୀ କେପ୍ଲରଙ୍କ ଉଦ୍ଧୃତି ଦେଇ ରିପୋର୍ଟରେ କୁହାଯାଇଛି ଯେ ଭାରତର ସରକାରୀ ତେଲ କମ୍ପାନୀଗୁଡ଼ିକ ଜୁନ୍ ଏବଂ ସେପ୍ଟେମ୍ବର ମଧରେ ରୁଷରୁ ଅଶୋଧିତ ତୈଳ ଆମଦାନୀ ୪୫% ହ୍ରାସ କରିଛନ୍ତି। ଏହି ସମୟରେ, ନାୟାରା ଏନର୍ଜି ରୁଷରୁ ଏହାର ଅଶୋଧିତ ତୈଳ ଆମଦାନୀ ବୃଦ୍ଧି କରିଥିବା ରିପୋର୍ଟ ହୋଇଛି, ଯାହା ଏହି ବର୍ଷ ଅକ୍ଟୋବରରେ ରେକର୍ଡ ସର୍ବାଧିକ ସ୍ତରରେ ପହଞ୍ଚିଛି। ନାୟାରା ଏନର୍ଜି ଲିମିଟେଡର ଭାଡିନାର ରିଫାଇନାରୀ ଭାରତର ଦ୍ୱିତୀୟ ବୃହତ୍ତମ ତୈଳ ବିଶୋଧନାଗାର। ଏହାର ବାର୍ଷିକ କ୍ଷମତା ୨୦ ନିୟୁତ ଟନ୍ ତେଲ। ଏହାକୁ ବିଶ୍ୱର ସବୁଠାରୁ ଜଟିଳ ବିଶୋଧନାଗାର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହା ଭାରତର ଶକ୍ତି ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଶୋଧନାଗାର ମଧ। ପଶ୍ଚିମ ଉପକୂଳରେ ଅବସ୍ଥିତ, ମଧ୍ୟପ୍ରାଚ୍ୟରୁ ଅଶୋଧିତ ତୈଳ ଯୋଗାଣ ପାଇଁ ଏହାର ସହଜ ପ୍ରବେଶ ଅଛି। ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ପାଇଁ ଏଠାରୁ ତୈଳ ରପ୍ତାନି କରାଯାଏ।

## ଇପିଏଫ୍ ପାଣ୍ଠି ଉଠାଣ କଟକଣାକୁ ବିରୋଧ

ନୂଆଦିଲ୍ଲୀ, ୧୬।୧୦: ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଖାତାରୁ ଟଙ୍କା ଉଠାଣ ନେଇ ଜାରି କରାଯାଇଥିବା କଠୋର କଟକଣାକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରାଯାଉଛି। ସୋସିଆଲ ମିଡିଆରେ ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଥିବାରୁ ସରକାର ବାଧ ହୋଇ ସ୍ପଷ୍ଟୀକରଣ ଜାରି କରିଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ଚାକିରି ଚାଲିଯିବା ମାତ୍ରେ ସଦସ୍ୟମାନେ ନିଜ ଖାତାରେ ଥିବା ୭୫ ପ୍ରତିଶତ ରାଶିକୁ ତତ୍କାଳ ଉଠାଇପାରିବେ। ଯଦି ସେ ଏକ ବର୍ଷ ପର୍ଯ୍ୟନ୍ତ ବେରୋଜଗାର ରହିବେ, ତେବେ ସବୁ ପାଣ୍ଠିକୁ ଉଠାଇପାରିବେ।

ନିକଟରେ ଅନୁଷ୍ଠିତ ଇପିଏଫ୍ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ବେରୋଜଗାର ସମସ୍ୟମାନଙ୍କ ପାଇଁ ଆଗୁଆ 'ଚୂଡ଼ାନ୍ତ ଫଇସଲା ରାଶି' ପାଇବାର ସର୍ବନିମ୍ନ ସମୟ ସୀମାକୁ ୨ ମାସରୁ ବଢ଼ାଇ ୧୨ ମାସ କରିଦିଆଯାଇଥିଲା। ସେହିପରି, ପେନ୍‌ସନ୍ ବାବଦରେ 'ଚୂଡ଼ାନ୍ତ ଫଇସଲା ରାଶି' ଉଠାଣ ସମୟ ସୀମାକୁ ୩୬ ମାସ କରିଦିଆଯାଇଛି। ସେହି ଦୁଇ କଠୋର ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏହି ନିଷ୍ପତ୍ତି ପଛର କାରଣ ସମ୍ପର୍କରେ ଆଲୋଚନା କରି ଇପିଏଫ୍ଓର ଜଣେ ଅଧିକାରୀ କହିଛନ୍ତି ଯେ ୫୦ ପ୍ରତିଶତ ଇପିଏଫ୍ ସଦସ୍ୟଙ୍କ ଖାତାରେ ଚୂଡ଼ାନ୍ତ ଫଇସଲା ବେଳକୁ ୨୦ ହଜାର ଟଙ୍କାରୁ କମ, ୭୫ ପ୍ରତିଶତଙ୍କ ଖାତାରେ ୫୦,୦୦୦ ଟଙ୍କାରୁ କମ୍ ଓ ୮୭ ପ୍ରତିଶତଙ୍କ ଖାତାରେ ୧ ଲକ୍ଷ ଟଙ୍କାରୁ କମ୍ ରାଶି ରହୁଛି। ଅଧିକାଂଶ ସଦସ୍ୟ ଚାରି ବର୍ଷ ମଧରେ ପେନ୍‌ସନ୍ ରାଶିର ୭୫ ପ୍ରତିଶତ ଉଠାଇ ଦେଉଛନ୍ତି। ଅନେକ ସମୟରେ ଯେଉଁମାନେ ଗୋଟିଏ ଚାକିରି ଛାଡ଼ିବା ପରେ ଖାତାରୁ ସବୁ ଟଙ୍କା ଉଠାଇ ନେଉଛନ୍ତି, ସେମାନେ କିଛି ମାସ ପରେ ପୁଣି ଥରେ ଅନ୍ୟ ଏକ ଚାକିରିରେ ଯୋଗଦେଉଛନ୍ତି। ସେଥିପାଇଁ ଚାକିରି ଶେଷ ହେବା ବେଳକୁ ସେମାନଙ୍କ ଖାତାରେ କମ୍ ଟଙ୍କା ରହୁଛି ଓ ସେମାନେ ପେନ୍‌ସନ୍ ପାଇବାକୁ ମଧ ଯୋଗ୍ୟ ହେଉନାହାନ୍ତି। ଏବେ ସର୍ବନିମ୍ନ ୨୫ ପ୍ରତିଶତ ରାଶିକୁ ସର୍ବନିମ୍ନ ବାଲାନ୍ସ ଭାବେ ରଖାଯିବା ନେଇ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ କୁହାଯାଇଛି ଯେ ପୂର୍ବରୁ ୧୩ ପ୍ରକାର ଉଠାଣ ବ୍ୟବସ୍ଥା ରହିଥିଲା, ଯେଉଁଥିରେ ପାଣ୍ଠିକୁ ଲକ୍ ରଖାଯିବା ସହ ଜଟିଳ କାଗଜପତ୍ର କାମ ଦରକାର ହେଉଥିଲା। ନୂଆ ବ୍ୟବସ୍ଥାରେ ଉଠାଣର ସମ୍ପୂର୍ଣ୍ଣ ସରଳୀକରଣ କରି ଗୋଟିଏ ବ୍ୟବସ୍ଥା ଲାଗୁ କରାଯାଇଛି। ୭୫ ପ୍ରତିଶତ ପର୍ଯ୍ୟନ୍ତ ରାଶି ପାଇଁ କୌଣସି କାଗଜପତ୍ର ଦରକାର ହେବନାହିଁ।




## ଟଙ୍କାକରେ ବିଏସ୍‌ଏନ୍‌ଏଲ୍‌ର ୪ଜି ସେବା ମାସେ ମାଗଣା

ନୂଆଦିଲ୍ଲୀ, ୧୬।୧୦: ସରକାରୀ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ଦୀପାବଳି ଅଫର ଘୋଷଣା କରାଯାଇଛି। କମ୍ପାନିର ନୂଆ ଗ୍ରାହକମାନେ ୧ ଟଙ୍କାରେ ଏକ ମାସର ୪ଜି ସେବା ମାଗଣାରେ ପାଇବେ। ଏହି ଅଫର ନଭେମ୍ବର ୧୫ ପର୍ଯ୍ୟନ୍ତ ଜାରି ରହିବ। ଦୀପାବଳି ବୋନାଞ୍ଜା ପ୍ଲାନ୍‌ରେ ଗ୍ରାହକମାନେ ଅସୀମିତ ଭଏସ୍ କଲ୍, ଦିନକୁ ୨ ଜିବି ହାଇସ୍ପିଡ୍ ଡାଟା, ଦିନକୁ ୧୦୦ ଏସ୍‌ଏମ୍‌ଏସ୍ ଓ ସିମ୍ ମାଗଣାରେ ପାଇବେ। ଏ ସମ୍ପର୍କରେ କମ୍ପାନିର ସିଏମ୍‌ଡି ଏ ରବର୍ଟ ଜେ ରବି କହିଛନ୍ତି ଯେ ନିକଟରେ ବିଏସ୍‌ଏନ୍‌ଏଲ୍ ସାରା ଦେଶରେ ୪ଜି ସେବା କାର୍ଯ୍ୟକ୍ଷମ କରିଛି। ଆମର ସ୍ୱଦେଶୀ ୪ଜି ନେଟ୍‌ୱର୍କର ଅନୁଭବ ନେବାକୁ ଚାହୁଁଥିବା ଗ୍ରାହକମାନଙ୍କ ଲାଗି ପ୍ରଥମ ଏକ ମାସର ସେବା ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ଆମ ସେବାର ମାନ ଓ ବିଶ୍ୱସନୀୟତା ବଳରେ ମାସେ ପରେ ମଧ୍ୟ ଗ୍ରାହକମାନେ ଆମ ସହ ରହିବେ ବୋଲି ସେ କହିଛନ୍ତି।

### ଜନପ୍ରତିନିଧିଙ୍କୁ ବ୍ଲକ୍ ପ୍ରଶାସନର ଅଣଦେଖା

# ସରପଞ୍ଚ ସଂଘର ଜରୁରୀକାଳୀନ ବୈଠକ



**କଳାହାଣ୍ଡି,୧୬।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଓ ପର୍ବତାଞ୍ଚଳ ଅଞ୍ଚଳ ଭାବେ ପରିଚିତ ରହିଛିକିନ୍ତୁ ବ୍ଲକ ପ୍ରଶାସନ ଓ ଜିଲ୍ଲା ଅଧିକାରୀମାନେ ଏହି ଅଞ୍ଚଳ ପ୍ରତି ଅଣଦେଖା କରୁଥିବା ଯୋଗୁଁ ଅଞ୍ଚଳରେ ଅନେକ ଅସୁବିଧା ଥିବା ବେଳେ କୌଣସି ପଞ୍ଚାୟତ ଯୋଜନାଫଳରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁନି। ଏହାକୁ ନେଇ ବୁଧବାର ଲାଞ୍ଜିଗଡ଼ ବ୍ଲକ କନଫରେନ୍ସ ହଲରେ ଲାଞ୍ଜିଗଡ଼ ସରପଞ୍ଚ ସଂଘର ଜରୁରୀକାଳୀନ ବୈଠକ ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଯେ, ଆଜି ବି ଅନେକ ଗାଁକୁ ପହଞ୍ଚିବା ପାଇଁ ଏବେ ମଧ୍ୟ ପାଦେ ଚାଲିବାକୁ ପଡୁଛି। କାରଣ ରାସ୍ତା ନାହିଁ।ସ୍କୁଲ ନାହିଁ।ଯାତାୟାତ ମଧ୍ୟନାହିଁ। ବର୍ଷା ହେଲେ ଅନେକ ଗାଁ ପୁରାପୁରି ବାହ୍ୟ ଜଗତ ସହିତ ବିଚ୍ଛିନ୍ନ ହୋଇଯାଏ। ଏହି ଅବସ୍ଥାରେ ରୋଗୀମାନେ ହସ୍ପିଟାଲକୁ ଯିବା ପାଇଁ ଆଜି ମଧ୍ୟ କାନ୍ଧରେ ବୋହି ନେଇ ଦୂରସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଆନ୍ତି। ରାସ୍ତା ନ ଥିବାରୁ ଆପତ୍ତି କାଳୀନ ସମୟରେ ମୃତ୍ୟୁ ହେବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି।ଶିକ୍ଷା କ୍ଷେତ୍ରର ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୟନୀୟ। ଅନେକ ଗାଁଠାରୁ ଦୂରରେ ସ୍କୁଲ ରହୁଛି। ଯାହା ଫଳରେ ଶିଶୁମାନେ ଦୂରରୁ ଜଙ୍ଗଲ ଓ ପାହାଡ଼ ଚଢ଼ି ସ୍କୁଲ ପହଞ୍ଚିବାକୁ ଅସମ୍ଭବ ହେଉଛି। ସ୍ୱାସ୍ଥ୍ୟ ସେବା ମଧ୍ୟ ଚିନ୍ତାଜନକ ଅବସ୍ଥାରେ ଅନେକ ଉପକେନ୍ଦ୍ରରେ ଡାକ୍ତର ନାହାଁନ୍ତି ଏସି ସବୁ ଅବହେଳା ଓ ଅସୁବିଧା ପ୍ରତି ଅସନ୍ତୋଷ ପ୍ରକାଶ କରି ଲାଞ୍ଜିଗଡ଼ ବ୍ଲକର ୨୬ ଟି ପଞ୍ଚାୟତର ସରପଞ୍ଚମାନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରି ଆସିଛନ୍ତି। ବୈଠକରେ ସରପଞ୍ଚମାନେ ସ୍ପଷ୍ଟ କରିଛନ୍ତି ଯେ, ବ୍ଲକ ପ୍ରଶାସନ ତାଙ୍କ ପ୍ରସ୍ତାବ ଓ ଦାବିକୁ ଅଣଦେଖା କରୁଛି। ଗ୍ରାମ ଉନ୍ନତି ପାଇଁ ଦିଆଯାଇଥିବା ଯୋଜନାଗୁଡ଼ିକ ଠିକଭାବେ କାମ କରୁନାହିଁ। ମାନକ ଅନୁଯାୟୀ ଗୁଣମାନ ରଖାଯାଉନାହିଁ ଓ ଦୂରସ୍ଥ ଗାଁଗୁଡ଼ିକ ପ୍ରତି ପୂର୍ଣ୍ଣ ଅବହେଳା ହେଉଛି।

# ପ୍ରଶାସନ ବିରୋଧରେ ଜନସ୍ୱାର୍ଥ ମାମଲା ଖାରଜ

## ମାମଲାକାରୀଙ୍କୁ ୨୫ ହଜାର ଜରିମାନା




**ବିଷମକଟକ,୧୬।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗତ ୯ ଅକ୍ଟୋବରରେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ପ୍ରଶାସନ ବିରୋଧରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାକୁ ଖାରଜ କରି ମାମଲାକାରୀ ଗଙ୍ଗାଧର କୌଶଲ୍ୟାଙ୍କୁ ୨୫ ହଜାର ଟଙ୍କା ଜରିମାନା ଦେଇଛନ୍ତି। ମାନ୍ୟବର ମୁଖ୍ୟ ନ୍ୟାୟାଧୀଶ ଓ ନ୍ୟାୟାଧୀଶ ମୁରାହରି ଶ୍ରୀ ରମଣଙ୍କ ବେଞ୍ଚ ଏହି ନିଷ୍ପତ୍ତି ଦେଇ କହିଛନ୍ତି ଯେ ଜନସ୍ୱାର୍ଥ ମାମଲା ନ୍ୟାୟ ପ୍ରଣାଳୀର ଦୁର୍ବ୍ୟବହାର ପାଇଁ ନୁହେଁ। ବରଂ ଯଥାର୍ଥ ଜନହିତ ଉଦ୍ଦେଶ୍ୟ ପାଇଁ ହେବା ଉଚିତ। ଶୁଣାଣି ସମୟରେ ରାଜ୍ୟ ପକ୍ଷରୁ ଅଧିବକ୍ତା ଜଣାଇଥିଲେ ଯେ ମାମଲାକାରୀ କୌଣସି ସଠିକ୍ ପ୍ରମାଣ ଉପସ୍ଥାପନ କରିପାରିନଥିଲେ। କେବଳ ଏକ ଡାକ ରସିଦ ଦେଖାଇଥିଲେ, ଯାହାକୁ ଅଦାଲତ ପ୍ରମାଣ ସ୍ୱରୂପ ମନେ କରିନଥିଲେ। ଏହି କାରଣରୁ ନ୍ୟାୟାଳୟ ମାମଲାକୁ ଯୁକ୍ତିହୀନ ଓ ବ୍ୟକ୍ତିଗତ ସ୍ୱାର୍ଥ ଆଧାରିତ ବୋଲି ମନେ କରି ଖାରଜ କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଜନହିତ ମାମଲା ଦ୍ୱାରା ବ୍ୟକ୍ତିଗତ ଅସନ୍ତୋଷ ବ୍ୟକ୍ତ କରିବା କିମ୍ବା ସ୍ୱାର୍ଥ ସାଧନ କରିବା ନ୍ୟାୟ ପ୍ରଣାଳୀକୁ ଅପମାନିତ କରିବା ସମାନ। ଏପରି ପ୍ରବୃତ୍ତିକୁ ରୋକିବା ପାଇଁ ଅଦାଲତ ଏହି ମାମଲାକୁ ଖାରଜ କରି ମାମଲାକାରୀଙ୍କୁ ଦୁଇ ସପ୍ତାହ ମଧ୍ୟରେ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାର, ରାୟଗଡ଼ା ଜିଲ୍ଲାପାଳ, ବିଷମକଟକ ବିଡିଓ, ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

## ବନ୍ଧୁକ ଚାଲାଣ ସନ୍ଦେହରେ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଅଟକ

**ବାଲିଆପାଳ,୧୬।୧୦ (ସଂଚାର ବ୍ୟୁରୋ):** ମା' ଅନ୍ନପୂର୍ଣ୍ଣା ନାମକ ଯାତ୍ରୀବାହୀ ବସ ସାର୍ଥାରୁ ବାଲିଆପାଳ ଦେଇ ଦିଘା ବୋର୍ଡର ଅଭିମୁଖେ ଯାଉଥିଲା ବେଳେ ସେଥିରେ ବନ୍ଧୁକ ଚୋରାଚାଲାଣ ହେଉଥିବା କୌଣସି ମତେ ବାଲିଆପାଳ ଓ ସିଂଲା ପୋଲିସ ଖବର ପାଇ ଗାଡିଟିକୁ ବାଲିଆପାଳ ବ୍ଲକଛକ ନିକଟରେ ଅଟକାଇ ଶେଷରେ ଗାଡିଟିକୁ ଥାନାକୁ ନେଇ ଆସିଥିଲେ। ବସର ଡ୍ରାଇଭର ଓ କଣ୍ଟ୍ରଟର ଅଟକାଇ ପୋଲିସ ପଚରାଉଚରା କରୁଛି।
ସୁଚନାରୁ ପ୍ରକାଶ ମା ଅନ୍ନପୂର୍ଣ୍ଣା 'ଓଡ଼ି୦୧ଜେଡ୍୩୧୯୯ ନାମକ ଯାତ୍ରୀବାହୀ ବସ ଆଜି ସକାଳ ସମୟରେ ସିଂଲା ଥାନା ସାର୍ଥ ଗ୍ରାମରୁ ଦିଘା ବୋର୍ଡର ଅଭିମୁଖେ ଯାତ୍ରା କରୁଥିଲା ବେଳେ ସେଥିରେ ବନ୍ଧୁକ ଚାଲାଣ ହେଉଥିବା ନେଇ ସିଂଲା ପୋଲିସ କୌଣସି ସୂତ୍ରରେ ଖବର ପାଇ ବସକୁ ପିଛା କରିଥିଲା।
ପ୍ରଥମେ ଲଙ୍ଗଳେଶ୍ୱର ପରେ ବାଲିଆପାଳ ବ୍ଲକଛକ ଠାରେ ବାଲିଆପାଳ ଓ ସିଂଲା ପୋଲିସ ମିଳିତ ଭାବରେ ବସକୁ ଅଟକାଇ ଛାନଭିନ କରିବା ସହିତ ଡ୍ରାଇଭର ଓ କଣ୍ଡକ୍ଟରକୁ ଥାନାରେ ଅଟକାଇ ଅଧିକ ତଦନ୍ତ ଜାରୀ ରଖିଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ




**ବେତନଟୀ,୧୬।୧୦ (ସଂଚାର ବ୍ୟୁରୋ):** ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ ସଠିଲୋ କ୍ଲଷ୍ଟର ଆଞ୍ଚଳିକ ସାଧାରଣ କର୍ମୀ ସଞ୍ଜୟ କୁମାର ପଣ୍ଡିତଙ୍କ ସଭାପତିତ୍ୱରେ ସରକାରୀ ଉ ପ୍ରା ବିଦ୍ୟାଳୟ ସଠିଲୋ ଠାରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଲବ କର ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଶ୍ରୀ ଜୟ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସଠିଲୋ କ୍ଲୋଷ୍ଟର ର ସମସ୍ତ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବର୍ଗର ୯ ଟି କନିଷ୍ଠ ବର୍ଗ ର ୯ଟି ଏବଂ ଏଫ ଏଲ ଏନ ବର୍ଗର (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର) ୧୨ ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ମୋଟ ୯୦ଜଣ ପ୍ରତିଯୋଗୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସଠିଲୋ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀମାନେ ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ପୁରସ୍କାର ବିତରଣ ସଭାର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଶିକ୍ଷକ ଜୟଚନ୍ଦ୍ର ଦାସ, ରଶ୍ମିତା ଭୂୟାଁ, କମଳାକାନ୍ତ ସିଂ, ବୈରାଗୀ ମହାନ୍ତ, ନରହରି ମହାନ୍ତ, ହରିଶ୍ଚନ୍ଦ୍ର ତୁଙ୍ଗ, ଅନନ୍ୟା ପାଢ଼ୀ, ଆକାଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବିଶାଳ ଜନଆକ୍ରୋଶ ଶୋଭାଯାତ୍ରା



**କନ୍ଧମାଳ,୧୬।୧୦ (ସଂଚାର ବ୍ୟୁରୋ):** ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟଧୀସଙ୍କ ଉପରେ ହୋଇଥିବା ଜାତିଆଣ ଆକ୍ରମଣ କୁ ପ୍ରତିବାଦ କରି ଆଜି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଜୟଭୀମ ଜୟସମ୍ବିଧାନ ଜୟମୂଳନୀବାସୀ ନାରା ଦେଇ ଏକ ବିଶାଳ ଜନଆକ୍ରୋଶ ଶୋଭାଯାତ୍ରା ହୋଇଯାଇଛି। କନ୍ଧମାଳ ଜିଲ୍ଲା ମିଳିତ ମଞ୍ଚର ସଭାପତି ସମିର୍ ଘଟାଲ୍ ଏବଂ ସମ୍ପାଦକ ସତ୍ୟନାରାୟଣ ବେହେରାଙ୍କ ନେତୃତରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଆସି ଫୁଲବାଣୀ ସର୍କିଟହାଉସ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ମାଧ୍ୟମରେ ବାହାରି ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି. ବି ଆର ଗବାଇଙ୍କୁ ଯେଉଁ ମନୁବାଦି ଓକିଲ ରାକେଶ କିଶୋର ଯେଉଁ ଉଦ୍ଦେଶ୍ୟ ମୂଳକ ଭାବରେ ଜୋତା ମାଡ଼ ମାରିଛନ୍ତି। ସେହି ପ୍ରତିବାଦରେ ମନୁବାଦିଙ୍କ ଦ୍ୱାରା ପ୍ରଯୋଜିତ କାର୍ଯ୍ୟକୁ ଘୋର ବିରୋଧ ଓ ନିନ୍ଦା କରି ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳନକୁ ପ୍ରଦାନ କରାଯାଇଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୭୯ତମ ଜନ୍ମ ଦିବସ ପାଳନ

## ସମୂହ ଦୀପ ଦାନ କରି ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଛି



**ଧାମନଗର,୧୬।୧୦ (ସଂଚାର ବ୍ୟୁରୋ):** ସାଢ଼େ ଚାରିକୋଟି ଓଡ଼ିଆଙ୍କ ପ୍ରିୟ ଜନନେତା ତଥା ସ୍ୱଚ୍ଛ, ଶାନ୍ତ, ଦକ୍ଷ ଏବଂ ନିସ୍ୱାର୍ଥପରତାର ବିରଳ ବ୍ୟକ୍ତିତ୍ୱ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ମହା ଆଡମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ ବିଜେଡି ପକ୍ଷରୁ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନେତୃମଣ୍ଡଳୀ ଏବଂ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇ ବିଭିନ୍ନ ପଞ୍ଚାୟତ ସ୍ତରରେ ଜନ୍ମ ଦିବସ ପାଳନ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ସେହିପରି ଧାମନଗର ଏନ୍ଏସିଅଞ୍ଚଳ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ ନିକଟରେ ସାଇ ମନ୍ଦିର ସମ୍ମୁଖରେ ନଗର ବିଜୁ ଜନତା ଦଳ ପକ୍ଷରୁ ସଭାପତି ବିଜୟ କେତନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ, କାଉନସିଲର ଜୟନୁଲ ହକ, ନଜମା ଖାତୁନ, ରହିମା ଖାତୁନ, ଶିବପ୍ରସାଦ ସାହୁ, ଅଭୟ ମଲିକଙ୍କ ସମେତ ସହର ଶତାଧିକ କର୍ମୀ ଓ ନେତା ଏବଂ ମହିଳା ପ୍ରମୁଖ ଉପସ୍ଥିତ ରହି କେକ୍ କାଟି ଜନ୍ମ ଉତ୍ସବ ପାଳନ କରି ସହ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସାଇ ମନ୍ଦିର ସମ୍ମୁଖରେ ସମୂହ ଦୀପ ଦାନ କରି ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଛି।

# ସିଡିପିଓଙ୍କ ଅଧ୍ୟକ୍ଷତାରେ ହେଲା ବ୍ଲକସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ



**ଦିଗପହଣ୍ଡି,୧୬।୧୦(ସଂଚାର ବ୍ୟୁରୋ):** ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ପରିସରରେ ବ୍ଲକସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମେଶ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମୀ ପ୍ରକାଶିନୀ ଜାନୀ, ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପିଏଚଇଓ ସଂଯୁକ୍ତା ଜେନା, ସ୍ୱାସ୍ଥ୍ୟକର୍ମୀ ରଜନୀ ରାଣୀ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ମେଦ ବହୁଳତା ନିୟନ୍ତ୍ରଣ ଏବଂ ପୋଷଣ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କିଭଳି ସୁସ୍ଥ ଜୀବନ ପାଇପାରିବେ ସେନେଇ ସଭାରେ ଆଲୋକପାତ କରାଯାଇଥିଲା। ଏଥିସହ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ରଦର୍ଶନ କରାଯିବା ସହ ଗର୍ଭବତୀ ମହିଳାଙ୍କ ଗୋଦଭରାଇ ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋ ଗେହ୍ଲା ଝିଅ , ଅନ୍ନପ୍ରସନ୍ନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଗଞ୍ଜାମର ଗର୍ବ ନିଗମାନନ୍ଦ




**ପୋଲସରା,୧୬।୧୦(ସଂଚାର ବ୍ୟୁରୋ):** ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ୍ ଓଡ଼ିଶାର ସହଯୋଗରେ ନବରଙ୍ଗପୁରରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ 'ମା ଦୂର୍ଗା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ' ରେ ଗଞ୍ଜାମ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ପୋଲସରାର ଉଦୀୟମାନ ଖେଳାଳି ନିଗମାନନ୍ଦ ମହାରଣା । ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ର ନିଗମାନନ୍ଦ ଜଣେ ଶିକ୍ଷକ ପରିବାରରୁ ଆସିଥିବା ପ୍ରତିଭାଶାଳୀ କ୍ରୀଡାପ୍ରେମୀ । ସେ ପୁରୁଷୋତ୍ତମପୁର ବ୍ଲକ ଭୀମପୁର ସ୍ଥିତ ଗୁପ୍ତେଶ୍ୱର ହାଇସ୍କୁଲର କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ମହାରଣା ଓ ଜଣେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କୁନି ଦେବୀଙ୍କ ପୁଅ । ବ୍ୟାଡମିଣ୍ଟନ ପ୍ରତି ପିଲାଦିନରୁ ଦୁର୍ବଳତା ଥିବା ନିଗମାନନ୍ଦ ପୋଲସରାରେ ଥିବା ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମରେ ନିୟମିତ ଭାବରେ ପ୍ରଶିକ୍ଷଣ ନେଉଛନ୍ତି । ସେ ପ୍ରଥମେ ବ୍ଲକ ସ୍ତରରେ, ଏହାପରେ ଜୋନ ସ୍ତରୀୟ ଓ ଛତ୍ରପୁରରେ ଜିଲ୍ଲାସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ଯ ବିବେଚିତ ହୋଇଛନ୍ତି ।

## କନ୍ଧମାଳକୁ ଛୁଇଁଲା ପହିଲି ଶୀତ, ଜି. ଉଦୟଗିରିରେ ଘନ କୁହୁଡ଼ି



**ଜି. ଉଦୟଗିରି,୧୬।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାକୁ ଛୁଇଁଲା ଚଳିତ ବର୍ଷର ପ୍ରଥମ ଶୀତ। ଓଡ଼ିଶାର ଦାର୍ଜିଲିଙ୍ଗ କୁହାଯାଉଥିବା ଜି.ଉଦୟଗିରିରେ ଲୋକମାନେ ଶୀତର ମଜା ନେଉଥିବା ଦେଖିବାକୁ ମିଳିଛି। ସକାଳୁ ସକାଳୁ ଲୋକମାନେ ବ୍ୟାୟାମ କରିବା ସହ ପ୍ରାଣାୟମ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଶୀତ ସାଙ୍ଗକୁ ଘନ କୁହୁଡ଼ିରେ ଜି.ଉଦୟଗିରି ଅଞ୍ଚଳର ପ୍ରକୃତି ରାଣୀ ଅତି ସୁନ୍ଦର ଦିଶୁଛି। ଗତ କିଛି ବର୍ଷ ହେବ ଓଡ଼ିଶାର ସବୁଠାରୁ ଶୀତୁଆ ଅଞ୍ଚଳ ଭାବେ ଜି.ଉଦୟଗିରି ଗିରି ରେକର୍ଡ କରିଥିଲା। ଏଣୁ ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ପାରଦ ଖସିବ ବୋଲି ଆଶା କରିଛନ୍ତି ସ୍ଥାନୀୟଲୋକ। ଜି.ଉଦୟଗିରି ସମତେ ରାଇକିଆ, ଟିକାବାଲି ଆଦି ବିଭିନ୍ନ ସ୍ଥାନରେ ଶୀତ ଅନୁଭୂତ ହେଉଛି। ଘନ କୁହୁଡ଼ି ଯୋଗୁଁ ଯାତାୟାତ ବି ବାଧାପ୍ରାପ୍ତ ହୋଇଛି।

## ରାଣିପୁଟ ଓ କୁସୁମପୁଟ ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର,୧୬।୧୦(ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଓ କୁସୁମପୁଟ ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି। ଚଢଉ ଖବର ପାଇ ମଦ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶରି ହିରଣ ସୂଚନା ଦେଇଛନ୍ତି।

# ସରକାର ବଦଳିଥିଲେ ବି ବିନା ପିସିରେ ମିଳୁନି ବିଲ୍



**ବୈଶିଙ୍ଗା,୧୬।୧୦(ସଂଚାର ବ୍ୟୁରୋ):** ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ଏହାର କାରଣ ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାର ଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାର ଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ପଞ୍ଚାଯତ। ଏହି ୨୪ ଟି ପଞ୍ଚାୟତ ରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ପୂର୍ବରୁ ୮ ଜଣ ଦାୟିତ୍ୱ ତୁଲାଉଥିବା ବେଳେ କିଛି ମାସ ପରେ ଆଉ ୧୨ ଜଣ ନିଯୁକ୍ତି ପାଇ ୨୦ ଜଣ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରକୃତରେ ୧୯ ଜଣ କାର୍ଯ୍ୟ କରୁଛନ୍ତି।ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି।

## ପୋଖରୀରେ ବୁଡି ଦୁଇ ଶିଶୁଙ୍କ ସଲିଳ ସମାଧି

**ବାରିପଦା,୧୬।୧୦(ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଲା ବ୍ଲକର ମୁଣ୍ଡାଠାକୁରା ପଞ୍ଚାୟତର ଚାଦିରିପାହାଡି ଗ୍ରାମରେ ଆଜି ପୂର୍ବାହ୍ନ ୧୦ ଘଟିକା ରେ ଗ୍ରାମ୍ୟ ପୋଖରୀରେ ବୁଡି ସଲିଳ ସମାଧି ହୋଇଅଛି।ସୂଚନାଯୋଗ୍ୟ ଚାଡିରିପାହାଡି ଗ୍ରାମର ଦଶରଥ ହାଁସଦା ଙ୍କ ୯ ବର୍ଷୀୟ ପୁଅ ସାକିଲା ହାଁସଦା ଏବଂ ମୁନିରାମ ମୁର୍ମୁ ଙ୍କ ୭ ବର୍ଷୀୟ ପୁଅ ସୁବୋଧ ମୁର୍ମୁ ଗାଁ ଦାଣ୍ଡରେ ଖେଳୁ ଖେଳୁ ଗାଁ ମୁଣ୍ଡ ପୋଖରୀ ଆଡ଼କୁ ପଳାଇଥିଲେ। ସେଠାରେ ପାଣିରେ ଖେଳୁ ଖେଳୁ ଗୋଡ଼ ଖସି ଯାଇଥିଲା ଏବଂ ବୁଡି ଯାଇଥିଲେ। ବହୁତ ସମୟ ବିତି ଯାଇଥିବାବେଳେ ଛୁଆ ଦୁଇଟି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପୋଖରୀକୁ ପାଖକୁ ଯାଇଥିଲେ।ସେଠାରେ ଜଣେ ଭାସୁଥିବା ଦେଖି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାକୁ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼, ୧୬।୧୦ (ସଂଚାର ବ୍ୟୋରୋ):** ଆଜିର ଦିନରେ ପାଠ ସହିତ ସାଠର ଆବଶ୍ୟକତା ବହୁତ ବେଶି। କୁନି କୁନି ଶିଶୁ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ ଓ ତାହାର ବିକାଶ ଦିଗରେ ଶିଶୁ ମହୋତ୍ସବ ସୁରଭି ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହାରି ମାଧ୍ୟମରେ କୋମଳମତି ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର। ଆଜି ଲାଞ୍ଜିଗଡ଼ ବ୍ଲକ ହରେକୃଷ୍ଣପୁର କ୍ଲଷ୍ଟର ଅନ୍ତର୍ଗତ ମସ୍କାପଦର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। ହରେକୃଷ୍ଣ ପୁର କ୍ଲଷ୍ଟର ସଂଯୋଜକ କାଞ୍ଚନ ବାଲା ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଭୂମି ଦାତା ଗୌରାଙ୍ଗ ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ସ୍କୁଲ ପରିଚାଳନା କମିଟିର ସଭାପତି ଜଗନ୍ନାଥ ପ୍ରାଧାନୀ, ୱାଡ଼ ମେମ୍ବର ଡ୍ରିକୁ ମାଝୀ, ସମାଜସେବୀ ସତ୍ୟନାରାୟଣ ନାଏକ, ଲାଞ୍ଜିଗଡ଼ ସମ୍ବାଦ ପ୍ରତିନିଧି କ୍ଷମାନିଧି ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ।

## ଭୀମ ଆର୍ମି ଜୟ ଭୀମ ସଂଗଠନ ପକ୍ଷରୁ ଦାବିପତ୍ର

**ବଲାଙ୍ଗିର,୧୬।୧୦(ସଂଚାର ବ୍ୟୁରୋ):** ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ଉପରେ ହୋଇଥିବା ଜୋତା ମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଓକିଲ ରାକେଶ କିଶୋରଙ୍କର ଲାଇସେନ୍ସ ରଦ୍ଦ ସହିତ ଜେଲଦଣ୍ଡ ଏବଂ ସମସ୍ତଙ୍କ ସାମନାରେ କ୍ଷମା ପ୍ରାର୍ଥନା, ହରିୟାନାରେ ସିନିୟର ଆଇପିଏସ୍ ଅଫିସରଙ୍କୁ ଚାପ ପକାଇଥିବା, ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିବା ସେହି ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଜେଲ ଦଣ୍ଡ ଦେବା ସହିତ ପୀଡିତାଙ୍କ ପରିବାରରୁ ଜଣକୁ ଚାକିରି ଦେବା ସହିତ ଗ୍ୱାଲିୟରରେ ସମ୍ବିଧାନ ନିର୍ମାତା ମହାମାନବ ବାବା ସାହେବ ଡ. ବି.ଆର.ଆମ୍ବେଦକରଙ୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଅନିଲ ମିଶ୍ରଙ୍କୁ ବେଲ ବିହିନ ଜେଲ ଓ ସମସ୍ତ ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ନିମନ୍ତେ ଆଜି ଜିଲ୍ଲାପାଳ ବଲାଙ୍ଗିର ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭୀମ ଆର୍ମି ଜୟ ଭୀମ ସଂଗଠନ ରାଜ୍ୟ ସଭାପତି ଅଚ୍ୟୁତ କୁମ୍ବାର ନେତୃତ୍ୱରେ ଓ ପଶ୍ଚିମ ଓଡ଼ିଶା ଇନ୍‌ଚାର୍ଯ ଅନିଲ କୁମାର ମୁଗ୍ରୀ ଓ ଗାନ୍ଧୀ ନାଗ, ଯଶୋବନ୍ତ ବରିହା, ହିତେଶ ସାଗର ଉପସ୍ଥିତିରେ ଦିଆଯାଇଥିଲା।

# 'ଆମ ବସ୍' ସେବାରୁ ବଞ୍ଚିତ ୫ ଖଣ୍ଡ ଗାଁ

## ଯାତାୟାତ ନେଇ ଲୋକେ ହନ୍ତସନ୍ତ



**ଖଜୁରୀପଡ଼ା,୧୬।୧୦(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଲୋକଙ୍କ ଯାତାୟାତ ସୁବିଧା ପାଇଁ ଓଡ଼ିଶା ସରକାର ଆମ- ବସ୍ ସେବା ଯୋଗାଇ ଦେଇଛନ୍ତି । ହେଲେ ୫ ଖଣ୍ଡ ଗ୍ରାମବାସୀ ଏହି ସେବାରୁ ବଞ୍ଚିତ ହୋଇ ୫କି.ମି ବାଟ ଚାଲି ଚାଲି ଯାଆନ୍ତି। ଏହି ସମସ୍ୟାକୁ ନେଇ ମା ଇଷ୍ଟ ଦେବୀ ଯୁବ କଳା ପରିଷଦର ସଂପାଦକ ଏବଂ ପୂର୍ବତନ ଉପସଭାପତି ଗୋକୁଳ ସାହାଣୀ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଅଭିଯୋଗ ପ୍ରକାରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପାଠାରୁ ବାର ପୁଲିଆ ପର୍ଯ୍ୟନ୍ତ ଆମ- ବସ୍ ଗାଡ଼ି ଚଳାଚଳ ହେଉ ନ ଥିବାରୁ ବୁରୁପଦା,ସିଦୀଙ୍ଗି, ଡଲା ବାଲି, ମାଲଗୁଣ୍ଡି,ରାଇଖୋଲ ଗ୍ରାମର ଲୋକମାନେ ଯାତାୟାତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଖାଲି ଏହି ୫ ଖଣ୍ଡ ଗ୍ରାମର ଗ୍ରାମବାସୀ ହଇରାଣ ହେଉ ନାହାନ୍ତି। ଏମିତିକି ବଲସକୁମ୍ପା ଅଞ୍ଚଳର ଲୋକମାନେ ମଧ୍ୟ ବ୍ଲକ,ଥାନା,କାର୍ଯ୍ୟାଳୟକୁ ଯିବା ଆସିବା କରିବା ପାଇଁ ଅସୁବିଧା ହେଉଛନ୍ତି। ଆଦର୍ଶ ବିଦ୍ୟାଳୟ ଦୂତି ମେଣ୍ଡୀ ଏବଂ ଆମ୍ବେଦକର ମହାବିଦ୍ୟାଳୟ ଖଜୁରୀପଡ଼ାରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ସକାଳୁ ସକାଳୁ ୫ କି.ମି ବାଟ ଚାଲି ଚାଲି ବାର ପୁଲିଆ ଛକକୁ ଯିବା ପରେ ସେଠାରୁ ଫୁଲବାଣୀ ଖଜୁରୀପଡ଼ା ବସ୍‌ରେ କଲେଜ ଯାଆନ୍ତି । ଏହି ସମସ୍ୟାକୁ ନେଇ ଅନେକ ଥର ଦୂତି ପଡା ପଞ୍ଚାୟତର ସରପଞ୍ଚ ଜାନକୀ ଜାନି,ସମିତି ସଭ୍ୟ ଶୁକଦେବ ସେଠୀ,ବଲସକୁମ୍ପା ପଞ୍ଚାୟତର ସମିତି ସଭ୍ୟ ବିବାନ ଗଣ୍ଡା,ସମାଜ ସେବୀ ବିଦୁର ବେହେରା ପ୍ରମୁଖ ଆମ-ବସ୍ ସେବା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ ସେମାନଙ୍କ ଆନ୍ତରିକତା ଅଭାବରୁ ହେୟ ମନେ କରି ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଉ ନାହାନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କଲେ ଆଶାକର୍ମୀ

**ଛତ୍ରପୁର,୧୬।୧୦(ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହା ସହ ଏକ ୯ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମଚାରୀମାନଙ୍କୁ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ସମସ୍ତ ଆଶା କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଇଏସ୍ଆଇ ଓ ଇପିଏଫ୍ଓ ଅନ୍ତର୍ଗତ ପଞ୍ଜୀକୃତ କରାଯିବା, ପ୍ରତି ମାସ ୧୦ ତାରିଖ ମଧ୍ୟରେ ମାନଦେୟ ପ୍ରଦାନ କରାଯିବା ଓ ପ୍ରତି ପିଏଚସି ଓ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ କରାଯିବା, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀମାନଙ୍କୁ ତାଲିମ ଦେଇ ଏଏନ୍ଏମ୍ ପଦବୀକୁ ପଦୋନ୍ନତି କରାଯିବା, ଆଶାକର୍ମୀମାନଙ୍କୁ ପ୍ରତିବର୍ଷ ଦୁଇହଳ ୟୁନିଫର୍ମ ସହିତ ରିପୋର୍ଟ ଲେଖନ ପାଇଁ ଆବଶ୍ୟକ ରେଜିଷ୍ଟର ପ୍ରଦାନ କରାଯିବା, କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା, ଅବସର ସମୟରେ ଆଶା କର୍ମୀମାନଙ୍କୁ ଏକ କାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ଭତ୍ତା ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରାଯିବା ଓ କାର୍ଯ୍ୟ ସୁବିଧା ପାଇଁ ସମସ୍ତ ଆଶାକର୍ମୀମାନଙ୍କୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଫାଇବ ଜି ମୋବାଇଲ ବା ଟାବଲେଟ ପ୍ରଦାନ କରାଯିବା ପାଇଁ ସେମାନେ ଦାବି କରିଛନ୍ତି।



# ଚାପ ଓ କ୍ଲାନ୍ତିକୁ ଦୂରକରେ ଲୁଣ ସ୍ନାନ

ବ୍ୟସ୍ତବହୁଳ ଜୀବନରେ, ଚାପ, କ୍ଲାପଣ ଏବଂ ଶାରୀରିକ ଯନ୍ତ୍ରଣା ଭଳି ସମସ୍ୟା କିଛିବର୍ଷ ହେବ ଅତ୍ୟନ୍ତ ସାଧାରଣ ହୋଇଗଲାଣି। ଲୋକମାନେ ପ୍ରତ୍ୟେକ ଛୋଟଛୋଟ ଶାରୀରିକ ସମସ୍ୟା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରୁଛନ୍ତି। ଏହା ଠିକ। କାରଣ ଆଜିକାଲି ଶରୀରରେ ଯେଭଳି ଭାବେ ରୋଗ ଦେଖା ଦେଉଛି ପ୍ରଥମରୁ ସଚେତନ ହୋଇଯିବା ଉଚିତ। ଏହି କ୍ରମରେ ଦେଖିବାକୁ ଗଲେ ଶରୀରରେ ଏପରି କିଛି ସମସ୍ୟା ଅଛି ଯାହାକୁ ଘରୋଇ ଉପଚାର ଦ୍ୱାରା ବି ଠିକ କରାଯାଇପାରେ। ଏପରି ଏକ ପଦ୍ଧତି ହେଉଛି ଲୁଣ ପାଣିରେ ସ୍ନାନ କରିବା। ଲୁଣ ପାଣିରେ ସ୍ନାନ କରିବା ଦ୍ୱାରା ଏହାର ଲାଭ ଏବଂ ଏହା କରିବାର ଠିକ୍ ଉପାୟ କ'ଣ ରହିଛି ଆସନ୍ତୁ ଜାଣିବା। ସ୍ନାନ ପାଇଁ ସମୁଦ୍ର ଲୁଣକୁ ଅପଣାଇବା ଭଲ। ସମୁଦ୍ରରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଜିଙ୍କ୍ ଭଳି ଅଧିକ ଖଣିଜ ପଦାର୍ଥ ରହିଥାଏ। ଏହି ଖଣିଜ ପଦାର୍ଥଗୁଡ଼ିକ ଆମର ଚର୍ମ, ମାଂସପେଶୀ ଏବଂ ଗଣ୍ଠି ପାଇଁ ବହୁତ ଲାଭଦାୟକ। ଲୁଣ ପାଣିରେ ଗାଧୋଇବା ଦ୍ୱାରା ଚର୍ମକୁ ଅନେକ ଲାଭ ମିଳିଥାଏ। ଏହା ମୃତ ଚର୍ମ କୋଷଗୁଡ଼ିକୁ ଦୂର କରେ ଏବଂ ନୂତନ କୋଷ ଗଠନରେ, ଚର୍ମକୁ ହାଇଡ୍ରେଟେଡ୍ ଏବଂ ନରମ ରଖିବାରେ ସାହାଯ୍ୟ କରେ। ଅନେକ ସମୟ ଧରି କାମ କରିବା ପରେ କ୍ଲାନ୍ତ ଲାଗିଥାଏ। ମାଂସପେଶୀରେ ଯନ୍ତ୍ରଣା ହୋଇଥାଏ। ଏସବୁ ଯନ୍ତ୍ରଣା ନିବାରକ ପାଇଁ ଲୁଣ ପାଣିରେ ଗାଧୋଇବା ରାମବାଣ ସାବ୍ୟସ୍ତ ହୋଇଥାଏ। ଏହା ରକ୍ତ ସଞ୍ଚାଳନ ବୃଦ୍ଧି କରେ, ମାଂସପେଶୀ ଯନ୍ତ୍ରଣା କମ କରେ ଏବଂ କ୍ଲାନ୍ତ ପାଦକୁ ଆରାମ ଦିଏ।ଉଷୁମ ପାଣିରେ ଲୁଣ ମିଶାଇ ଗାଧୋଇବା ଦ୍ୱାରା ଏହା ଚାପକୁ କମ କରେ ଏବଂ ରାତିରେ ନିଦ ଭଲ ହୋଇଥାଏ। ଶୋଇବା ପୂର୍ବରୁ ଲୁଣ ସ୍ନାନ ବିଶେଷ ଭାବରେ ଲାଭଦାୟକ ସାବ୍ୟସ୍ତ ହୋଇଛି।

## ଲୁଣ ପାଣି ସ୍ନାନର ଠିକ୍ ଉପାୟ କ'ଣ ?

ପାଣିରେ ପ୍ରାୟ ୨ କପ୍ ସମୁଦ୍ର ଲୁଣ ମିଶାନ୍ତୁ ଏବଂ ଏହାକୁ ଉଷୁମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ପାଣି ଉଷୁମ ହୋଇଗଲେ ଏବଂ ଲୁଣ ସମ୍ପୂର୍ଣ୍ଣ ଭାବରେ ଦ୍ରବୀଭୂତ ହୋଇଗଲେ ୧୫-୨୦ ମିନିଟ୍ ପାଇଁ ପାଣିରେ ଆରାମରେ ବସନ୍ତୁ। ଶେଷରେ ଖାଲି ପାଣିରେ ଆପଣଙ୍କ ଶରୀରକୁ ଧୋଇ ଦିଅନ୍ତୁ ଏବଂ ଗାଧୋଇବା ପରେ ପ୍ରଚୁର ପରିମାଣରେ ମଇଶ୍ଚରାଇଜର ଲଗାନ୍ତୁ।ଏହି ପଦ୍ଧତିର ତୁରନ୍ତ ଫଳାଫଳ ମିଳିଥାଏ। ତଥାପି, ଯଦି ଆପଣଙ୍କର ଚର୍ମରେ କୌଣସି କ୍ଷତ ବା ସଂକ୍ରମଣ ଅଛି, କିମ୍ବା ଯଦି ଆପଣଙ୍କର ଲୁଣ ପ୍ରତି ଆଲର୍ଜି ଅଛି, ତେବେ ଲୁଣ ସ୍ନାନରୁ ଦୂରେଇ ରୁହନ୍ତୁ।



# ଶ୍ୱାସ ରୋଗ ପାଇଁ ଘରୋଇ ଉପଚାର



ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି ଯେ ଅନେକ ଲୋକଙ୍କର ଶ୍ୱାସ ଜନିତ ସମସ୍ୟା ଦେଖାଯାଉଛି। ଏହା ଏତେ କଷ୍ଟକର ହୋଇଥାଏ ଯେ ମଣିଷକୁ ଅନେକ ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ। ଏମିତି ହିଁ ଏକ ଶ୍ୱାସ ଜନିତ ସମସ୍ୟା ହେଉଛି ଆସ୍ଥମା। ଶୀତ ଦିନରେ ଏହି ସମସ୍ୟା ତ ରୋଗୀକୁ ନାକେଦମ କରିଦିଏ। ତେବେ ଏହା ଏମିତି ଏକ ରୋଗ ଯାହାର ନିରାକରଣ କେହି ସ୍ପଷ୍ଟ ଭାବେ ଜାଣିନାହାନ୍ତି। ତଥାପି କିଛି ଘରୋଇ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣରେ କରାଯାଇପାରିବ। ଶ୍ୱାସ ହେଉଛି ନିଶ୍ୱାସ ସମ୍ବନ୍ଧିୟ ଏକ ଜଟିଳ ସମସ୍ୟା। ତେବେ ଦିନକୁ ଦିନ ବଢ଼ୁଥିବା ପ୍ରଦୂଷଣ ହେତୁ ଦେଶରେ ଶ୍ୱାସ ରୋଗୀଙ୍କ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି କିଛି ବ୍ୟକ୍ତି ଶ୍ୱାସ ପାଇଁ ଦୈନିକ ଔଷଧ ମଧ୍ୟ ଗ୍ରହଣ କରୁଛନ୍ତି। ତେବେ ଆସନ୍ତୁ ଜାଣିବା ଏହି ରୋଗର ଲକ୍ଷଣ ଏବଂ ଏହାର ସମ୍ବନ୍ଧୀୟ କିଛି ଘରୋଇ ଉପଚାର।

ଅଧିକ ଦିନ ପର୍ଯ୍ୟନ୍ତ ଶୁଖିଲା କାଶ କିମ୍ବା କଫ ସହ କାଶ ହେବା। ନିଶ୍ୱାସ ନେବାରେ ଅସୁବିଧା ହେବା ସହ ନିଶ୍ୱାସ ନେବା ସମୟରେ ଶବ୍ଦ ହେବା। ଥଣ୍ଡା ସ୍ଥାନରେ ନିଶ୍ୱାସ ନେବାରେ ଅସୁବିଧା। ଟିକେ ଚଲାବୁଲା କରିବା ଦ୍ୱାରା ଧଇଁସଇଁ ଲାଗିବା। ଏଥିସହ ବ୍ୟାୟାମ କିମ୍ବା କସରତ ଦ୍ୱାରା ସ୍ୱାସ୍ଥ୍ୟ ଅଧିକ ଖରାପ ହେବା। ଏହିପରି ଅନେକ ସମସ୍ୟା ଦେଖାଦେଇଥାଏ। ଯାହା ଲୋକଙ୍କ ଚିନ୍ତାକୁ ବଢ଼ାଇଦେଇଛି। ଏଥିସହ ଯଦି ଆପଣଙ୍କର ମଧ୍ୟ ଏହପରି ସମସ୍ୟା ଦେଖାଦେଉଛି ତେବେ ଆଉ ଚିନ୍ତା କରନ୍ତୁ ନାହିଁ, ଏଥିପାଇଁ ଆଜି ଆମେ ଆପଣଙ୍କ ପାଇଁ ଏମିତି କିଛି ଘରୋଇ ଉପଚାର ନେଇ ଆସିଛୁ। ଯାହା ଶ୍ୱାସ ରୋଗରେ ଆପଣଙ୍କ ପାଇଁ ବହୁତ ଫାଇଦପୂର୍ଣ୍ଣ ପ୍ରମାଣିତ ହେବ। କେବଳ ଏତିକି ନୁହେଁ ଏହା ଆପଣଙ୍କୁ ଅସହ୍ୟ ଯନ୍ତ୍ରଣାରୁ ମଧ୍ୟ ଆରାମ ଦେବ। ତାହେଲେ ଆସନ୍ତୁ ଜାଣିବା ଏହି ଆରାମ ଦେଉଥିବା ଘରୋଇ ଉପଚାର।

ସାଧାରଣତଃ ରୋଷେୟା କାର୍ଯ୍ୟରେ ଅଦାକୁ ବ୍ୟବହାର କରାଯାଇଥାଏ। ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ। ଏହି ଅଦା ଦ୍ୱାରା ମଧ୍ୟ ଶ୍ୱାସ ସମସ୍ୟାରୁ ରକ୍ଷା ମିଳିପାରିବ। ଅଦାର ଚା' ପ୍ରସ୍ତୁତ କରିବା ସହ ଏଥିରେ ଦୁଇ ପାଖୁଡ଼ା ରସୁଣକୁ କାଟି ମିଶାଇ ସକାଳେ ଏବଂ ସନ୍ଧ୍ୟା ସମୟରେ ସେବନ କରନ୍ତୁ। ଏହା ଦ୍ୱାରା ଶ୍ୱାସ ସମସ୍ୟା କିଛି ମାତ୍ରାରେ ଉପଶମ ହେବ। ଶ୍ୱାସରୁ ରକ୍ଷା ପାଇବା ପାଇଁ ୫ ପାଖୁଡ଼ା ରସୁଣକୁ ୩୦ ମିଲି କ୍ଷୀର ଦେଇ ଅଳ୍ପ ଫୁଟାନ୍ତୁ। ଏହାକୁ ଦୈନିକ ଥରେ ସେବନ କରନ୍ତୁ। ଏହିପରି ପ୍ରତିଦିନ କଲେ ବହୁଶୀଘ୍ର ଦୂର ହେବ ଶ୍ୱାସ ସମସ୍ୟା। ଶ୍ୱାସ ପାଇଁ ଘରେ ପ୍ରସ୍ତୁତ କାଢ଼ା ମଧ୍ୟ ବହୁ ଉପକାରୀ। ଏହାକୁ ପ୍ରସ୍ତୁତ କରିବା ପାଇଁ ୧୨୫ ମିଲି ପାଣିରେ ୪-୫ଟି ଲବଙ୍ଗ ପକାଇ ୫ ମିନିଟ ଫୁଟାନ୍ତୁ। ଏହାକୁ ଛାଣି ମହୁ ମିଶ୍ରଣ କରି ଦୈନିକ ୩-୪ ଥର ସେବନ କରନ୍ତୁ। ଦେଖିବେ ଶ୍ୱାସରୁ ବହୁ ମାତ୍ରାରେ ରକ୍ଷା ମିଳିବ।

# ହଠାତ୍ ହୃଦଘାତ ହେଲେ କ'ଣ କରିବେ ?



ହୃଦଘାତ ଆଉ କେବଳ ବୟସ୍କ ଲୋକଙ୍କ ରୋଗ ନୁହେଁ। ଏହା ଏବେ ଯୁବକମାନଙ୍କୁ ମଧ୍ୟ ଦ୍ରୁତ ଗତିରେ ପ୍ରଭାବିତ କରୁଛି। ୨୦୨୪ ରୁ ୨୦୨୫ ମଧ୍ୟରେ, ଅନେକ ରିପୋର୍ଟରୁ ଜଣାପଡିଛି ଯେ, ପ୍ରାୟ ଅଧା ହୃଦଘାତ ରୋଗୀ ଏକା ଥିଲେ, ଯାହା ସେମାନଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ପାଇବାରେ ବାଧା ଦେଇଥିଲା। ଏହା ପ୍ରାୟତଃ ସେମାନଙ୍କ ମୃତ୍ୟୁର କାରଣ ହୋଇଥିଲା। ତେଣୁ, ଯଦି ଆପଣ ହଠାତ୍ ହୃଦଘାତର ସମ୍ମୁଖୀନ ହେଉଛନ୍ତି ଏବଂ ଏକା ଅଛନ୍ତି ତେବେ କ'ଣ କରିବେ ତାହା ସମସ୍ତେ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ସମୟୋଚିତ ଏବଂ ଉପଯୁକ୍ତ ପଦକ୍ଷେପ ଆପଣଙ୍କ ଜୀବନ ରକ୍ଷା କରିପାରିବ। ତେଣୁ, ଆସନ୍ତୁ ପାଞ୍ଚଟି ଟିପ୍ସ ବିଷୟରେ କରିବା ଯାହା ଆପଣଙ୍କୁ ହଠାତ୍ ହୃଦଘାତରୁ ବଞ୍ଚିବାରେ ସାହାଯ୍ୟ କରିପାରିବ। ଯଦି ଆପଣଙ୍କୁ ହୃଦଘାତ ହେଉଛି ବୋଲି ଲାଗୁଛି, ତେବେ ପ୍ରଥମେ ୧୦୮ କିମ୍ବା ଆପଣଙ୍କ ନିକଟସ୍ଥ ଡାକ୍ତରଖାନାର ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ ।ନିଜେ ଗାଡ଼ି ଚଲାଇ ଡାକ୍ତରଖାନା ଯାଆନ୍ତୁ ନାହିଁ ।ଏପରି କରିବା ଦ୍ୱାରା ଆପଣଙ୍କ ଅବସ୍ଥା ଆହୁରି ଖରାପ ହୋଇପାରେ। ଯଥାସମ୍ଭବ ଶରୀରକୁ ଆରାମ ଦିଅନ୍ତୁ, ଚେୟାରରେ ବସନ୍ତୁ କିମ୍ବା ତଳେ ଶୋଇପଡ଼ନ୍ତୁ। ବିଚଳିତ ହୁଅନ୍ତୁ ନାହିଁ ଅତ୍ୟଧିକ ଗତିବିଧି ଏଡାନ୍ତୁ, କାରଣ ଏହା ଆପଣଙ୍କ ହୃତପିଣ୍ଡ ଉପରେ ଅଧିକ ଚାପ ପକାଇବ। ଯଦି ଆପଣଙ୍କ ଘରେ ୩୦୦ ମିଲିଗ୍ରାମର ଆସ୍ପିରିନ୍ ଟାବଲେଟ୍ ଅଛି ଏବଂ ଆପଣଙ୍କୁ ଏହା ପ୍ରତି ଆଲର୍ଜି ନାହିଁ, ତେବେ ଗୋଟିଏ ଟାବଲେଟ୍ ଖାଆନ୍ତୁ। ଏହା ରକ୍ତକୁ ପତଳା କରିବାରେ ସାହାଯ୍ୟ କରେ ଏବଂ ଜମାଟ ବାନ୍ଧିବାକୁ ରୋକେ। ଯଦି ଆପଣଙ୍କର ହୃଦରୋଗ ଅଛି ଏବଂ ଆପଣଙ୍କ ଡାକ୍ତର ନାଇଟ୍ରୋଗ୍ଲିସେରିନ୍ ଲେଖି ଦେଇଛନ୍ତି, ତେବେ ନିର୍ଦ୍ଦେଶ ଅନୁସାରେ ଏହାକୁ ନିଅନ୍ତୁ। ଏହି ଔଷଧ ହୃତପିଣ୍ଡର ଧମନୀ ଖୋଲିବାରେ ସାହାଯ୍ୟ କରେ। ଯଦି ଆପଣ ଘରେ ଏକୁଟିଆ ଅଛନ୍ତି, ତେବେ ଦ୍ୱାର ଖୋଲା ରଖନ୍ତୁ ଯାହା ଦ୍ୱାରା ଆମ୍ବୁଲାନ୍ସ ଆସିପାରିବ। ଧୀରେ ଧୀରେ ଗଭୀର ନିଶ୍ୱାସ ନିଅନ୍ତୁ। ଏହା ଆପଣଙ୍କୁ ଶାନ୍ତ କରିବ ଏବଂ ଆପଣଙ୍କର ଶରୀରରେ ଅମ୍ଳଜାନର ପରିମାଣ ସାମାନ୍ୟ ଉନ୍ନତି କରିବ। ହୃଦଘାତର କିଛି ସାଧାରଣ ଲକ୍ଷଣ ଅଛି ଯେପରିକି- ଛାତିରେ ଚାପ କିମ୍ବା ଭାରୀପଣ ଅନୁଭବ ହେବା, କାନ୍ଧ, ବାହୁ କିମ୍ବା ପିଠିକୁ ଯନ୍ତ୍ରଣା ବ୍ୟାପିପାରେ, ନିଶ୍ୱାସ ନେବାରେ କଷ୍ଟ, ଚିନ୍ତା, ଝାଳ, ବାନ୍ତି କିମ୍ବା ମୁଣ୍ଡ ବୁଲାଇବା ଇତ୍ୟାଦି । ସେହିପରି ମଧୁମେହ ରୋଗୀ ଏବଂ ମହିଳାମାନଙ୍କ ମଧ୍ୟରେ ଲକ୍ଷଣଗୁଡ଼ିକ ସାମାନ୍ୟ ଭିନ୍ନ ହୋଇପାରେ, ଯେପରିକି ଅତ୍ୟଧିକ ଥକ୍କାପଣ, ବଦହଜମୀ କିମ୍ବା ପିଠି ଯନ୍ତ୍ରଣା। ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି, ତେବେ ସେଗୁଡ଼ିକୁ ଅଣଦେଖା କରନ୍ତୁ ନାହିଁ। ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ, ପ୍ରତିଦିନ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ଯେପରିକି ସବୁଜ ପନିପରିବା, ଫଳ, ଶସ୍ୟ ଏବଂ ଓମେଗା-୩ ଯୁକ୍ତ ଜିନିଷ ଖାଆନ୍ତୁ । ଧୂମପାନ ଏବଂ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ । ପ୍ରତିଦିନ ଅତି କମରେ ୩୦ ମିନିଟ୍ ଚାଲିବା କିମ୍ବା ହାଲୁକା ବ୍ୟାୟାମ କରନ୍ତୁ । ଅତି କମରେ ୬ ରୁ ୭ ଘଣ୍ଟା ଶୁଅନ୍ତୁ, ଚାପ କମାଇବା ପାଇଁ ଯୋଗ, ଧ୍ୟାନ କିମ୍ବା ସଙ୍ଗୀତର ସାହାଯ୍ୟ ନିଅନ୍ତୁ । ନିୟମିତ ଭାବରେ ରକ୍ତଚାପ, ସୁଗାର ଏବଂ କୋଲେଷ୍ଟ୍ରଲ୍ ଯାଞ୍ଚ କରାନ୍ତୁ।

# ଦହି ଓ ଅଣ୍ଡା ଆମିଷ ନା ନିରାମିଷ ?



କିଛି ବର୍ଷ ତଳେ ଶିଶୁ-କିଶୋରଙ୍କ ପାଇଁ ଉଦ୍ଦିଷ୍ଟ ଏକ ବିଜ୍ଞାନ ପତ୍ରିକାରେ ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକଙ୍କର ଏକ ଅଦ୍ଭୁତ ଲେଖା ପଢ଼ିଥିଲି। ଲେଖାର ଶୀର୍ଷକ ଥିଲା 'ଦହି ଆଇଁଷ, ଅଣ୍ଡା ନିରାମିଷ'। ଲେଖକ ଜଣକ ହୁଏତ ଜଣେ ବିଜ୍ଞାନ ଅଧ୍ୟାପକ ହୋଇଥିବେ, ନାମ ତାଙ୍କର ମନେ ନାହିଁ। ଲେଖାଟି ପଢ଼ି ତଥାକଥିତ ବୈଜ୍ଞାନିକଙ୍କ ଜ୍ଞାନର ପରିସରକୁ ନେଇ ଚିନ୍ତା ଉଦ୍ରେକ ହେଉଥିଲା। ନା ଦହି ବିଷୟରେ ତାଙ୍କର ପୂର୍ଣ୍ଣ ବୈଜ୍ଞାନିକ ଜ୍ଞାନ ଅଛି ନା ଅଣ୍ଡା ବିଷୟରେ, ନା ସେ ଆମିଷ ଓ ନିରାମିଷ ଶବ୍ଦର ଅର୍ଥ ବୁଝିଛନ୍ତି।

ଲେଖକ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ, ଅଣ୍ଡା ଏକ ପ୍ରାଣିଜ ଖାଦ୍ୟ, ମାତ୍ର ଆଜିକାଲିର ବ୍ରଏଲର ଅଣ୍ଡାରୁ ଛୁଆ ଫୁଟନ୍ତି ନାହିଁ। ତେଣୁ ଅଣ୍ଡା ଖାଇଲେ କୌଣସି ଜୀବ ବା ଭ୍ରୂଣହତ୍ୟା ହୁଏ ନାହିଁ। ଏଣୁ ଅଣ୍ଡା ନିରାମିଷ। ଅପରପକ୍ଷେ ଦହି ଭିତରେ ହଜାର ହଜାର ବୀଜାଣୁ ଥାନ୍ତି। ତେଣୁ ଆମେ ଦହି ଖାଇବା ଭିତରଦେଇ ସେହି ବୀଜାଣୁମାନଙ୍କୁ ଖାଇଥାଉ। ବୀଜାଣୁମାନେ କ୍ଷୁଦ୍ର ଜୀବ ହୋଇଥିବାରୁ ଆମେ ଜୀବହତ୍ୟାରେ ଭାଗୀଦାର ହେଉ ଏବଂ ସେମାନଙ୍କୁ ଖାଇବା ଦ୍ୱାରା ଆମେ ଆମିଷ ହିଁ ଖାଇଥାଉ।

ଏବେ ଆମେ ପ୍ରଥମେ ଆମିଷ ଶବ୍ଦଟିର ବ୍ୟାଖ୍ୟା କରିବା। ଆମିଷ ଶବ୍ଦଟି ଅମ୍ ଧାତୁରୁ ଆସିଛି, ଯାହାର ଅର୍ଥ ରୁଗ୍ଣ ହେବା। ଅମ୍ ଧାତୁରୁ ଆମୟ (ରୋଗ) ଓ ନିରାମୟ (ନିରୋଗ) ଶବ୍ଦ ମଧ୍ୟ ଆସିଛି। ଏଣୁ ଯାହା ଖାଇଲେ ରୋଗ ହୁଏ ତାହାର ନାମ ଆମିଷ। ଭାରତୀୟ ସଂସ୍କୃତିରେ କେବଳ ପ୍ରାଣିଜ ଖାଦ୍ୟକୁ ଆମିଷ କୁହାଯାଏ ନାହିଁ, ପିଆଜ, ରସୁଣ ପ୍ରଭୃତି ଉତ୍ତେଜକ ଖାଦ୍ୟକୁ ମଧ୍ୟ ଆମିଷ ପର୍ଯ୍ୟାୟରେ ନିଆଯାଇଛି। ପ୍ରାଣିଜ ଖାଦ୍ୟ ଭିତରେ କେବଳ ଗାଈ କ୍ଷୀର ଓ କ୍ଷୀରଜାତ ଖାଦ୍ୟ ଏବଂ ମହୁକୁ ନିରାମିଷ ଭାବେ ଗଣାଯାଇଥାଏ। ଗାଈ କ୍ଷୀର, ଦହି, ଘିଅ ଓ ମହୁକୁ ତ ଅମୃତ କୁହାଯାଏ, ଯାହା ସହ ଗୁଡ଼ ମିଶାଇ ପଞ୍ଚାମୃତ ତିଆରି କରାଯାଏ। ପଞ୍ଚାମୃତକୁ ସବୁଠାରୁ ପୌଷ୍ଟିକ ଖାଦ୍ୟ ଭାବେ ଗଣାଯାଏ, ଯାହା ସାଧାରଣତଃ ପୂଜାପର୍ବରେ ବ୍ୟବହୃତ ହୁଏ।

କ୍ଷୀର ଯେତେବେଳେ ଦହି ହୁଏ, ସେଥିରେ ଅସଂଖ୍ୟ ବୀଜାଣୁ ସୃଷ୍ଟି ହୁଅନ୍ତି। ଏହି ବୀଜାଣୁଗୁଡ଼ିକର କୋଷ ହେଉଛି ଉଦ୍ଭିଦ କୋଷ। ଏଗୁଡ଼ିକ ଉପକାରୀ ବୀଜାଣୁ, ଯିଏ ଆମର ରୋଗନିରୋଧକ କ୍ଷମତା ବୃଦ୍ଧି କରନ୍ତି। ଏଣୁ ଆଣ୍ଟିବାୟୋଟିକ୍ସ ଦିଆଯାଉଥିବା ରୋଗୀମାନଙ୍କୁ ଦହି ଖାଇବାକୁ ପରାମର୍ଶ ଦିଆଯାଏ, ଯେଉଁଥିରେ ଲାକ୍ଟୋବାସିଲସ ଥାଏ। କାରଣ ଆଣ୍ଟିବାୟୋଟିକ୍ସ ସେବନ ଦ୍ୱାରା ଆମ ଦେହରେ ଥିବା ଅପକାରୀ ଜୀବାଣୁ ସହ ଉପକାରୀ ଜୀବାଣୁମାନେ ମଧ୍ୟ ମରିଯାଆନ୍ତି। ଫଳରେ ଆମର ରୋଗନିରୋଧକ କ୍ଷମତା ହ୍ରାସ ପାଏ। ତେଣୁ ସେହି ଉପକାରୀ ବୀଜାଣୁଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଆମକୁ ଦହି କିମ୍ବା ପ୍ରୋ ଓ ପ୍ରି-ବାୟୋଟିକ୍ସ ଖାଇବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଅଣ୍ଡା ହେଉଛି କୁକୁଡ଼ାଙ୍କର ମେନଷ୍ଟ୍ରୁଆଲ ବ୍ଲଡ୍‌ର ଏକ ରୂପାନ୍ତର। ଏହା ଏକ ପ୍ରାଣିଜ ଖାଦ୍ୟ, ତାହା ସାଧାରଣ ଅଣ୍ଡା ହେଉ କି ବ୍ରଏଲର ଅଣ୍ଡା। ଏଥିରେ ବ୍ୟାଡ୍ କୋଲେଷ୍ଟରଲ ଅଧିକ ପରିମାଣରେ ଥିବାରୁ ଏବଂ ଉତ୍ତେଜକ ହୋଇଥିବାରୁ ଏହାକୁ ଆମିଷ ଓ ରୋଗକାରକ ଭାବେ ଗଣାଯାଏ। ବ୍ରଏଲର କୁକୁଡ଼ା ଓ ଅଣ୍ଡା ତ ଆହୁରି ଖରାପ। ବ୍ରଏଲର କୁକୁଡ଼ା ଏକ ହର୍ମୋନ୍-ଇମ୍ବାଲାନ୍ସ ପ୍ରାଣୀ। ଏପରି କୁକୁଡ଼ା ଓ ଅଣ୍ଡା ଖାଉଥିବା ଲୋକଙ୍କଠାରେ ହର୍ମୋନ-ଅସନ୍ତୁଳନ ଦେଖିବାକୁ ମିଳେ। ଫଳରେ ସେମାନେ ଅଧିକ ଚିଡ଼ିଚିଡ଼ା ଓ ରୋଗୀ ହୁଅନ୍ତି ଏବଂ ସେମାନଙ୍କର ଯୌନ କ୍ଷମତା ହ୍ରାସ ପାଏ। ଅନେକଙ୍କଠାରେ ବନ୍ଧ୍ୟାତ୍ୱ ଓ ନପୁଂସକତ୍ୱ ଦେଖିବାକୁ ମିଳେ। କେବଳ ହର୍ମୋନ୍ ନୁହେଁ ଏହି କୁକୁଡ଼ାକୁ ଅପରିଚ୍ଛନ୍ନ ପରିବେଶରେ ରଖାଯାଏ। ତେଣୁ ସଂକ୍ରାମକ ରୋଗ ହେବାର ଭୟ ଥିବାରୁ ଆଣ୍ଟିବାୟୋଟିକ୍ସ ପ୍ରବଳ ମାତ୍ରାରେ ଦିଆଯାଏ। ଏଣୁ ଏହି କୁକୁଡ଼ାଙ୍କ ଦେହରେ ଥିବା ଜୀବାଣୁ କ୍ରମଶଃ ଆଣ୍ଟିବାୟୋଟିକ୍ସ-ରେଜିଷ୍ଟାଣ୍ଟ ହୋଇପଡ଼ନ୍ତି। ଏହି କୁକୁଡ଼ା ଓ ଅଣ୍ଡାକୁ ଯେଉଁମାନେ ଖାଆନ୍ତି, ସେମାନେ ମଧ୍ୟ ରେଜିଷ୍ଟାଣ୍ଟ ଜୀବାଣୁମାନଙ୍କ ସଂସ୍ପର୍ଶରେ ଆସନ୍ତି। ଫଳରେ ରୋଗ ହେଲେ ସେହି ଆଣ୍ଟିବାୟୋଟିକ୍ସ ଆଉ କାମ କରେ ନାହିଁ। ଏହା ଏକ ସାଂଘାତିକ ଜିନିଷ। ପୁଣି ଅପରିଚ୍ଛନ୍ନ ପରିବେଶରେ ବଢ଼ୁଥିବାରୁ ଏହି କୁକୁଡ଼ାଙ୍କଠାରୁ ସଂକ୍ରାମକ ରୋଗର ଜୀବାଣୁ ଓ ଭୂତାଣୁ ମଣିଷକୁ ସଂକ୍ରାମିତ ହେବାର ଭୟ ଥାଏ। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା, ତାହା ବ୍ରଏଲର ହେଉ କି ଯାହା ହେଉ, ଆମିଷ ମଧ୍ୟରେ ହିଁ ଗଣାଯିବ।

ଏବେ ଆସିବା ଦହି ପାଖକୁ। ଦହି କ୍ଷୀରରୁ ତିଆରି ହୁଏ। କ୍ଷୀରର କୋଷଗୁଡ଼ିକ ହେଉଛି ପ୍ରାଣୀ କୋଷ। କିନ୍ତୁ ଏହା ଯେତେବେଳେ ଦହିରେ ପରିଣତ ହୁଏ, ଏହାର ଅନେକ ପ୍ରାଣୀ କୋଷ ଉଦ୍ଭିଦ କୋଷକୁ ରୂପାନ୍ତରିତ ହୁଅନ୍ତି। ଅନେକ ବର୍ଷ ତଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଉଦ୍ଭିଦ ବିଜ୍ଞାନର ପ୍ରଫେସର ଡ ହରିହର ପଟ୍ଟନାୟକ ମୋତେ ଏହାର ତତ୍ତ୍ୱ ବୁଝାଇଥିଲେ। ସେ ମୋତେ ବୁଝାଇଲେ ଯେ, କ୍ଷୀର ଯେତେବେଳେ ଦହି ହୁଏ, ସେଥିରେ ଅସଂଖ୍ୟ ବୀଜାଣୁ ସୃଷ୍ଟି ହୁଅନ୍ତି। ଏହି ବୀଜାଣୁଗୁଡ଼ିକର କୋଷ ହେଉଛି ଉଦ୍ଭିଦ କୋଷ। ଏଗୁଡ଼ିକ ଉପକାରୀ ବୀଜାଣୁ, ଯିଏ ଆମର ରୋଗନିରୋଧକ କ୍ଷମତା ବୃଦ୍ଧି କରନ୍ତି। ଏଣୁ ଆଣ୍ଟିବାୟୋଟିକ୍ସ ଦିଆଯାଉଥିବା ରୋଗୀମାନଙ୍କୁ ଦହି ଖାଇବାକୁ ପରାମର୍ଶ ଦିଆଯାଏ, ଯେଉଁଥିରେ ଲାକ୍ଟୋବାସିଲସ ଥାଏ। କାରଣ ଆଣ୍ଟିବାୟୋଟିକ୍ସ ସେବନ ଦ୍ୱାରା ଆମ ଦେହରେ ଥିବା ଅପକାରୀ ଜୀବାଣୁ ସହ ଉପକାରୀ ଜୀବାଣୁମାନେ ମଧ୍ୟ ମରିଯାଆନ୍ତି। ଫଳରେ ଆମର ରୋଗନିରୋଧକ କ୍ଷମତା ହ୍ରାସ ପାଏ। ତେଣୁ ସେହି ଉପକାରୀ ବୀଜାଣୁଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଆମକୁ ଦହି କିମ୍ବା ପ୍ରୋ ଓ ପ୍ରି-ବାୟୋଟିକ୍ସ ଖାଇବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଏବେ କୁହନ୍ତୁ ଦହି ଆମିଷ ନା ନିରାମିଷ ?

# ସୀମା ପଡ଼ାରେ ଜଘନ୍ୟ ହତ୍ୟାକାଣ୍ଡ



**ସୁନ୍ଦରଗଡ଼,୧୬।୧୦(ସଂଚାର ବ୍ୟୁରୋ):** ଅକ୍ଟୋବର ୧୬ ତାରିଖ ଗୁରୁବାର ସକାଳ ୯ ଟା ପାଖାପାଖି ସମୟରେ ବାଲିଶଙ୍କରା ବ୍ଲକ ଗାଈଡେଗା ସୀମା ପଡ଼ାରେ ଜଘନ୍ୟ ହତ୍ୟାକାଣ୍ଡ ଘଟଣା ଲୋକ ଲୋଚନକୁ ଆସିଛି। ମୃତ ସଞ୍ଜୁ ତନ୍ତୀ ନାମକ ମହିଳାଙ୍କୁ ତାଙ୍କର କେତେକ ପଡୋଶୀ ଆଜି ସକାଳେ ନ ଦେଖିବାରୁ ତାଙ୍କ ଘରକୁ ଯିବା ପରେ ସେ ଖଟରେ ମରି ପଡିଥିବା କଥା ପ୍ରଘଟ ହୋଇଥିଲା। ସୂଚନା କିଞ୍ଜିରକେଲା ଥାନାରେ ପହଞ୍ଚିବା ପରେ କିଞ୍ଜିରକେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଅଭିଯୁକ୍ତ ସ୍ୱାମୀ ଅର୍ଜ୍ଜୁନ ସିଂ କୁ କଷ୍ଟଡିକୁ ନେଇ ସାଇଣ୍ଟିଫିକ୍ ଟିମ ସାହାଯ୍ୟରେ ତଦନ୍ତ କରିବା ସହ ଶବକୁ ଜବତ କରି ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି। ତେବେ ହତ୍ୟାର ସମୟ ସ୍ପଷ୍ଟ ହୋଇ ନାହିଁ। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ଜଣା ପଡିବ। ଅପରପକ୍ଷେ ଏ ନେଇ କିଞ୍ଜିର କେଲା ଥାନାରେ ଥାନା କେଶ ନମ୍ବର -୨୯୭ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଜଣା ପଡିଛି ।

# ନିର୍ବାଚନମଣ୍ଡଳୀସ୍ତରୀୟ ବିଭିନ୍ନ ଉନ୍ନୟନ କମିଟି ବୈଠକ



**ନୀଳଗିରି, ୧୬।୧୦(ସଂଚାର ବ୍ୟୁରୋ):** ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ସମେତ ସମସ୍ତ ଅତିଥି ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ର ନିକଟରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

ନୀଳଗିରି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ମଞ୍ଚାସିନ ଅତିଥି ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଡ଼.ମଧୁସ୍ମିତା ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ଅଧ୍ୟକ୍ଷା ସୁଶ୍ରୀ ବି. ସି ବିସ୍ୱା, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ନୀଳଗିରି ତହସିଲଦାର ସୋନମ୍ ଦାସ, ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ, ନୀଳଗିରି ଏନ୍.ଏ.ସି. ଭାରାପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ପ୍ରମୁଖ ଅତିଥି ମାନଙ୍କ ପରିଚୟ ସ୍ୱାଗତ ସମ୍ବର୍ଧନା ଜଣାଇବା ପରେ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ଆବାହକତ୍ୱରେ ବିବରଣୀନୁଯାୟୀ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଔପଦା, ବାହାନଗା ୩ଗୋଟି ବ୍ଲକର ୪୧ ଗୋଟି ପଞ୍ଚାୟତରେ ସରକାର ଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ଥିଲେ।

# ବ୍ୟବସାୟୀଙ୍କ ଦେହାନ୍ତରେ ପାଟଣା ବଜାର ବନ୍ଦ

**ପାଟଣା,୧୬।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ସାମ ଶାସନର ଜଣାଶୁଣା ବ୍ୟବସାୟ ବିପିନ ବିହାରୀ ଦାଶଙ୍କ ବୁଧବାର ରାତିରେ ୬୬ବର୍ଷ ବୟସରେ ଦେହାନ୍ତ ଘଟିଛି। ସେ ପାଟଣା ମୁଖ୍ୟାଳୟ ବଜାରରେ ଦୀର୍ଘବର୍ଷ ହେବ ବ୍ୟବସାୟ କରି ଆସୁଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପାଟଣା ବଣିକ କମିଟି ତରଫରୁ ଗୁରୁବାର ସକାଳ ୬ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ପାଟଣା ବଜାରର ସମସ୍ତ ଦୋକାନକୁ ବନ୍ଦ କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଅନ୍ତେଷ୍ଟି କ୍ରିୟା ପାଟଣା ବୈତରଣୀ ନଦୀର ଦୁର୍ଗାଦେଇପୁର ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଛି। ଏକ ମାତ୍ର ପୁଅ ବୀରକିଶୋର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇ ଗଦାଧର, ବିଜୟ ,ଅଜୟ, ଝିଅ ଯୋଇଁ, ପୁତୁରା, ଝିଆରୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



**ବୈଶିଙ୍ଗା,୧୬।୧୦(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମ୍ବାକୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନା ଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ର ଛାତ୍ରୀ ପ୍ରାର୍ଥନା ସଭାରେ ଯୋଗ ଦେଇ' ନିଶା ମୁକ୍ତ 'ଶପଥ ପାଠ କରିଥିଲେ। ଅପରାହ୍ନରେ ପ୍ରଧାନ ଶିକ୍ଷକ ଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେ ' ଜୀବନକୁ ହଁ, ତମ୍ବାକୁ କୁ ନାଁ' ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ। ଜୀବନ ହାନି କାରକ ତମ୍ବାକୁ ଠାରୁ ନିଜେ ଦୁରେଇ ରହିବା ସହିତ ନିଜର ଆତ୍ମୀୟ ସ୍ୱଜନ, ସାଙ୍ଗ ସାଥି ତଥା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ସଚେତନତାର ବାର୍ତ୍ତା ପହଞ୍ଚେଇ ବାକୁ ଶପଥ ଗ୍ରହଣ କରି ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ଗୁଡ଼ାରୀ,୧୬।୧୦ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ ମଧୁବନ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବଡ଼ ରାଉତଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବହୁ ଆଡମ୍ବରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିଶୁ ମିହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁବନ ଗ୍ରାମ ପଞ୍ଚାୟତର ସରପଞ୍ଚ ବଂଶୀ ଶବର, ସଂମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଲକ୍ଷ୍ମଣ ଶବର, ସି.ଆର.ସି.ସି ପ୍ରଦୀପ କୁମାର ପାଣିଗ୍ରାହୀ ମଂଚାସୀନ ଅତିଥି ରୂପେ ଆସନ ଅଳଙ୍କୃତ କରିଥିଲେ। ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରି କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରିଥିଲେ। ଶିଶୁ ମିହୋତ୍ସବର ମୁଖ୍ୟ ଉର୍ଦ୍ଦେଶ୍ୟ ଉପରେ ପ୍ରଧାନ ଶିକ୍ଷକ ଗୌଡ଼ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ୨୦୨୫ ସୁରଭି କାର୍ଯ୍ୟକ୍ରମରେ ମଧୁବନ ଗ୍ରାମ ପଞ୍ଚାୟତର ୧୫ ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ ଥିଲେ।

## ଝିଆରୀକୁ ଦୁଷ୍କର୍ମ ମାମଲାରେ ପିଉସାକୁ ସଶ୍ରମ କାରାଦଣ୍ଡ

**ବାରିପଦା,୧୬।୧୦ (ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ମାନ୍ୟବର ଆଡ଼ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡ଼ଦୁନ୍ଦୁ ଗ୍ରାମର ଏସ କେ ନାସିରୁଦ୍ଦିନ (୫୦) କୁ ଦଫା ୬ ଅଫ ପୋକ୍ସ ଆକ୍ଟ ଅନୁଯାୟୀ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ଏଥି ସହିତ ଆଦାୟ ଜୋରିମାନା ଅର୍ଥ ପୀଡିତା କୁ ଦେବା ପାଇଁ ରାୟରେ ଉଲେଖ କରାଯାଇଅଛି । ମାମଲାର ବିବରାଣୀ ରୁ ପ୍ରକାଶ ଯେ ପୀଡିତା ପାଞ୍ଚ ବର୍ଷ ବୟସରୁ ତାର ପିଉସା ଏସ କେ ନାସିରୁଦ୍ଦିନ ଘରେ ରହି ପାଠ ପଢୁଥିଲା ଯେତେବେଳେ ସିଏ ମାଟ୍ରିକ ପାସ କଲା ତା ସହିତ ଅଭିଯୁକ୍ତ ପିଉସା ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କଲା।

# ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ବିଧାୟକଙ୍କ ଅପମାନ



**ଫିରିଙ୍ଗିଆ,୧୬।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଭାଗୃହ ଠାରେ ଚାଲିଥିବା ଦ୍ୱାଦଶ ତମ ପଞ୍ଚାୟତ ସମିତି ବୈଠକ ରେ ଫୁଲବାଣୀ ବିଧାୟକ ଉମାଚାରଣ ମଲ୍ଲିକ ଙ୍କ ସହ ବିଡ଼ିଓ ଅନୁପ ଅଭିଷେକ ବେହେରା, ବ୍ଲକ ଅଧକ୍ଷା ନମିତା କହଁର, ଏବଂ ଉପାଧ୍ୟାକ୍ଷ ଓ ସମସ୍ତ ପଞ୍ଚାୟତ ର ସମିତି ସଭ୍ୟ ଓ ସଭ୍ୟା, ସରପଞ୍ଚ, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଯନ୍ତ୍ରୀମାନଙ୍କ ସହ ଫିରିଙ୍ଗିଆ ଅଞ୍ଚଳର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ମଧ୍ୟ ଉପସ୍ଥିତ ଥିଲେ ଓ ଉକ୍ତ ବୈଠକରେ ସଲାଗୁଡ଼ା ପଞ୍ଚାୟତ ର ସରପଞ୍ଚ ରୋହିତ କହଁର ସଲାଗୁଡ଼ା ଆଶ୍ରମ ବିଦ୍ୟାଳୟ ରେ ଥିବା ପୋକଡ଼ା ଚାଉଳ ଘଟଣା କୁ ନେଇ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଙ୍କୁ ପ୍ରଶ୍ନ ପଚାରୁଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ଫଟୋ ଓ ଭିଡ଼ିଓ ଉତ୍ତୋଳନ କରୁଥିଲେ ଓ ଠିକ ଏହି ସମୟରେ ଫୁଲବାଣୀ ବିଧାୟକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କିଏ ଡାକିଛି ମନ ଇଚ୍ଛା ଫୋଟ ଭିଡିଓ କଣ ପାଇଁ କରୁଛନ୍ତି ବୋଲି କହିଥିଲେ ଓ ବିଧାୟକ ଙ୍କ ଏ ଭଳି କଥା ଶୁଣି ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ମଧ୍ୟ ସାମ୍ବାଦିକ ମାନଙ୍କୁ ହାତ ଠାରୀ ଯିବା ପାଇଁ କହିଥିଲେ। ତେବେ ସାମ୍ବାଦିକ ମାନଙ୍କ ପ୍ରତି ବିଧାୟକଙ୍କ ଏଭଳି ମନ୍ତବ୍ୟ କୁ ଫିରିଙ୍ଗିଆ ବ୍ଲକ ରେ କାର୍ଯ୍ୟରତ ଥିବା ସାମ୍ବାଦିକ ମାନେ ଘୋର ନିନ୍ଦା କରିଛନ୍ତି।

# ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସରେ ମେଗା ରକ୍ତଦାନ ଶିବିର



**ନୀଳଗିରି,୧୬।୧୦(ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ନୀଳଗିରି ବଡଦାଣ୍ଡ ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଗୁରୁବାର ସକାଳ ୯ଘଟିକା ରୁ ୩ ଘଟିକା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ବରିଷ୍ଠ ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଯୋଗ ଦେଇ ରକ୍ତ ଦାନ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସାମନ୍ତ ସିଂହାର ତାଙ୍କ ବକ୍ତବ୍ୟରେ କହିଥିଲେ ରକ୍ତଦାନ ମହାପୁଣ୍ୟ ରକ୍ତଦାନ ଦେଇ ଜୀବନ ବଞ୍ଚାଇ ପାରିଲେ ନିଜ ଜୀବନ ଧନ୍ୟ ଓ ମାନବ ଜନ୍ମ ହେବାର ସାର୍ଥକ ବୋଲି କହିଥିଲେ। ତାଙ୍କ ସହିତ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ, ପୂର୍ବତନ ଏନ୍ଏସିଅଧକ୍ଷ ରାଧାଗୋବିନ୍ଦ ଖିଟୁଆ, କାଉନସିଲର କମଳାମଣି ପରିଡ଼ା, ଗଙ୍ଗାଧର ମିଶ୍ର, ରାଜିବ କୁମାର ଦାଶବାବୁ, ଉପେନ୍ଦ୍ର ଦାସ, କୁଳମଣି ନାୟକ, ରାମକୃଷ୍ଣ ମହାପାତ୍ର, ଦୀପକ ଦାସ, ଶ୍ରୀକାନ୍ତ ପରିଡ଼ା, ରବୀନ୍ଦ୍ର ପରିଡ଼ା, ସୁରଥ ସିଂ ଓ ଦଳର ବଶିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ମୋଟ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ବିଶ୍ୱ ଖାଦ୍ୟ ଦିବସ ଅନୁଷ୍ଠିତ

**ଚମ୍ପୁଆ,୧୬।୧୦ (ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ଅନ୍ତର୍ଗତ ବାଲିପଶି ଗ୍ରାମରେ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଶ୍ୱ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼. ସୁକାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ବିଜ୍ଞାନୀ ନିଗମାନନ୍ଦ ବେହେରା, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଦୀପକ କୁମାର ହେମ୍ବ୍ରମ ଓ ପ୍ରାଣୀ ବିଜ୍ଞାନ ବୈଜ୍ଞାନିକ ଡ଼. ଲିପ୍ସା ଦାସ ପ୍ରମୁଖ ଉପସ୍ଥିତ ରହି ଗାଈ, ଗୋରୁ, କୁକୁଡ଼ା, ବତକ ପାଳନ ଓ ତା'ର ଯତ୍ନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡ଼. ସୁକାନ୍ତ କୁମାର ସାହୁ ବିଶ୍ୱ ଖାଦ୍ୟ ଦିବସରେ ଖାଦ୍ୟର ମହତ୍ତ୍ୱ ଏବଂ ସନ୍ତୁଳିତ ଆହାର ଉପରେ ଆଲୋକପାତ କରିଥିଲେ।

## ସର୍ବଭାରତୀୟ ପ୍ରତିବାଦ ଦିବସ ପାଳନ




**ନାଉଗାଁ,୧୬।୧୦ (ସଂଚାର ବ୍ୟୁରୋ):** ବଳପୂର୍ବକ ଚାଷ ଜମି ଅଧିଗ୍ରହଣ କରିବା, କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ପ୍ରସ୍ତାବିତ ପୋସ୍କୋ ଜିନ୍ଦଲ କାରଖାନା ପ୍ରତିଷ୍ଠା ଓ ଜନସାଧାରଣଙ୍କୁ ଆତଙ୍କିତ କରିବା ବିରୋଧରେ ଅଲ୍ ଇଣ୍ଡିଆ କିଷାନ ଖେତ ମଜଦୁର ସଂଗଠନ (ଏ.ଆଇ.କେ.କେ.ଏମ.ଏସ) ପକ୍ଷରୁ ଅକ୍ଟୋବର ୧୬ ରେ ସର୍ବଭାରତୀୟ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କମିଟି ପକ୍ଷରୁ ରାଜ୍ୟ କମିଟି ସଭ୍ୟ କମ୍ରେଡ ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ଭାରତର ରାଷ୍ଟ୍ରପତିଙ୍କୁ ତହସିଲଦାରଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ଦାସ, ବସନ୍ତ ମଲ୍ଲିକ, କବୀର ବିଶ୍ୱାଳ, ରଘୁନାଥ ଦାସ, ବସନ୍ତ ଦାସ, କପିଳ କାଣ୍ଡି ପ୍ରମୁଖ ସାମିଲ ଥିଲେ।

## 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' କର୍ମଶାଳା

**ଗୁଡ଼ାରୀ,୧୬।୧୦ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା କଲ୍ୟାଣ ମଣ୍ଡପ ଠାରେ ଆଜି ଦିବା ୧୧ ଘଣ୍ଟିକା ସମୟରେ ଗୁଡ଼ାରୀ ମଣ୍ଡଳ ଓ ନଗର ମଣ୍ଡଳ ମିଳିତ ଭାବେ ଗୁଡ଼ାରୀ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ହେଲା 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ 'ଲୋକାଲ ଫର୍ ଭୋକାଲ' ନୀତିକୁ ଅଞ୍ଚଳରେ ଲାଗୁ କରିବା ଓ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ସହ- ସଂଯୋଜକ ଶ୍ରୀ ମୋନଜ ପାଣିଗ୍ରାହି ମଣ୍ଡଳ ସଂଯୋଜକ ଶ୍ରୀ ରଞ୍ଜନ ରଥ ଙ୍କ ନେତୃତ୍ୱରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ଜିଲ୍ଲା ଉପସଭାପତି ଶ୍ରୀମତୀ ଗୌରୀ ମଣ୍ଡାଙ୍ଗି ମୁଖ୍ୟ ଭକ୍ତା ଭାବେ ଉପସ୍ଥିତ ଥିଲେ ଜିଲ୍ଲା ସଂଯୋଜକ ଶ୍ରୀ ୱାଇ. ଗଣପତି ମହୋଦୟ। ବକ୍ତା ନିଜ ବକ୍ତବ୍ୟ ରେ କହିଥିଲେ ଯେ, ଆମ ଅଞ୍ଚଳରେ ଉତ୍ପାଦିତ ଯେଉଁ ବସ୍ତୁମାନେ ଅଛି, ସେଗୁଡିକୁ ଆମେ ବ୍ୟବହାର କରିବା ଓ ଅନ୍ୟ ମାନଙ୍କୁ ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବା ଦ୍ୱାରା ଆମ ଅର୍ଥନୈତିକ ସ୍ୱାଭିମାନ ଓ ସ୍ୱାବଲମ୍ବନ ଅଧିକ ସୁଦୃଢ଼ ହେବ।

● ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

# ନିଲମ୍ବିତ ହେଲେ ବରିଷ୍ଠ କିରାଣୀ



**ସୁବର୍ଣ୍ଣପୁର,୧୬।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ କୁ ଅଚାନକ ପରିଦର୍ଶନ କରିଥିଲେ। ସେହି ସମୟରେ କାର୍ଯ୍ୟାଳୟ ର ବରିଷ୍ଠ କିରାଣୀ କାଳୁ ଚରଣ ମିର୍ଦ୍ଧା ଟେବୁଲ ଉପରେ ଗୋଡ ରଖି ବସିଥିବା ଦେଖି ତାଙ୍କ ପାଖକୁ ଯାଇଥିଲେ। ଦେଖିଲା ବେଳକୁ କାଳୁ ସଂପୂର୍ଣ୍ଣ ନିଶାସକ୍ତ ଅବସ୍ଥାରେ ଥିବା ହେତୁ ମଦ ନିଶାର ଗନ୍ଧ ଯାଞ୍ଚ କରିବା ସହ ତୁରନ୍ତ ସେଠାରେ ହିଁ ଜିଲ୍ଲାପାଳ କାଳୁ କୁ ଜଳଛାୟା ପ୍ରକଳ୍ପ ର ମୁଖ୍ୟ ନିର୍ବାହୀ ଅଧିକାରୀ ଦେବରାଜ ଦାସ ଙ୍କ ଉପସ୍ଥିତିରେ ନିଲମ୍ବନ ଆଦେଶ ପ୍ରଦାନ କରିଥିବା ସୂଚନା ମିଳିଛି। ନିଲମ୍ବନ ସମୟରେ ଶ୍ରୀ ମିର୍ଦ୍ଧାଙ୍କ ମୁଖ୍ୟାଳୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଂସ୍ଥାପନା ଶାଖା କୁ ଜିଲ୍ଲାପାଳଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି। ଏହି ନିଲମ୍ବନ ପରେ ଜିଲ୍ଲାର ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟର ନିଜ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ଏହା ସତର୍କ ଘଣ୍ଟି ଓ ଚେତାବନୀ ଭାବେ ପ୍ରଭାବ ପକାଇବ ସହିତ ସଚେତନ କରାଇବ ବୋଲି ବୁଦ୍ଧିଜୀବି ମହଲ ରେ ଚର୍ଚ୍ଚା ହେଉଛି ।

## ଛିନ୍‌ତାଇ ନେଇ ଥାନାରେ ଅଭିଯୋଗ

**କୋରାଇ,୧୬।୧୦ (ସଂଚାର ବ୍ୟୁରୋ):** ବସରେ ଯାତ୍ରା କରୁଥିବା ଜଣେ ଯୁବକଙ୍କ ବ୍ୟାଗକୁ ଛଡ଼ାଇନେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି।ପ୍ରକାଶ ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଗଣେଶ୍ୱର ପାଢ଼ୀଙ୍କ ପୁଅ ଗିରିଜାଶଙ୍କର ଭୁବନେଶ୍ୱରରୁ ଏକ ଘରୋଇ ବସରେ ଆନନ୍ଦପୁର ଫେରୁଥିଲେ। ତେବେ ରାତି ୧୧ଟା ସମୟରେ ବସଟି ରାତ୍ରିଭୋଜନ ନିମନ୍ତେ ଜାତୀୟ ରାଜପଥ ୧୬ର ଏକ ଢାବା ନିକଟରେ ଅଟକି ଥିଲା। ଏହି ସମୟରେ ଗିରିଜା ନିଜ ବ୍ୟାଗକୁ ଧରି ବସର ପଛପଟେ ଛିଡା ହୋଇଥିବା ବେଳେ ଜଣେ ବ୍ୟକ୍ତି କାରରୁ ଓହ୍ଲାଇ ତାଙ୍କ ବ୍ୟାଗଟିକୁ ଛଡ଼ାଇ ନେଇ କାରରେ ବସି ଭଦ୍ରକ ଅଭିମୁଖେ ପଳାଇଯାଇଥିଲା।

# ଅଧିକାରୀ ସମୂହଙ୍କ ସେବକର ଉନ୍ନତିମୂଳକ କାର୍ଯ୍ୟକ୍ରମର ପରିଦର୍ଶନ



**ସୁନ୍ଦରଗଡ଼,୧୬।୧୦ (ସଂଚାର ବ୍ୟୁରୋ):** ଅନୁଭୂତିରୁ ଜ୍ଞାନ ଆହରଣ ତଥା ଜୀବନ ଜୀବିକା, ପ୍ରାକୃତିକ ସମ୍ବଳର ସୁପରିଚାଳନା, ଗୋଷ୍ଠୀ ସମ୍ପଦର ରକ୍ଷଣାବେକ୍ଷଣ, ପ୍ରାକୃତିକ କୃଷି, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ରକ୍ଷା ପରି ବହୁବିଧ ଉନ୍ନତି ମୂଳକ କାର୍ଯ୍ୟକ୍ରମର ବ୍ୟବହାରିକ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପାଇଁ ଗୋପବନ୍ଧୁ ଏକାଡେମିକ ଅଫ ଆଡମିନିଷ୍ଟ୍ରେସନ ତରଫରୁ ୮ ଜଣ ଓଡିଶା ପ୍ରଶାସନିକ ଅଧିକାରୀ ପ୍ରଶିକ୍ଷାର୍ଥୀ ଗତ ୪ ଦିନ ଧରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବିଭିନ୍ନ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିବା ସହିତ ବ୍ୟବହାରିକ ତାଲିମ ଗ୍ରହଣ କରିଥିଲେ। ଏହି ପ୍ରଶାସନିକ ଅଧିକାରୀ ମାନେ ସେବକର ମା ଗୃହ, ଜଳମଳ ପ୍ରକଳ୍ପ, ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ନିମନ୍ତେ ଗ୍ରାମସଭା, ବନ ସୁରକ୍ଷା ସମିତି ମାଧ୍ୟମରେ ଆୟଭିତ୍ତିକ କାର୍ଯ୍ୟକ୍ରମ, ଆମ କଳିକା କେନ୍ଦ୍ର, କୃଷକ ସଂଗଠନ, ସାମୂହିକ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ପରିଦର୍ଶନ କରିବା ସହିତ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ମଧ୍ୟରେ ବୃକ୍ଷ ରକ୍ଷାବନ୍ଧନ, ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃତ୍ତାକାର ଜୈବ ଅର୍ଥନୀତି(ସର୍କୁଲାର ବାୟୋ ଇକୋନୋମି) ଉପରେ ଜ୍ଞାନ ଆହରଣ କରିଥିଲେ। ଅଧିକାରୀ ମାନଙ୍କ ମଧ୍ୟରେ ରାଜେଶ କୁମାର ସାହୁ, ସତ୍ୟବ୍ରତ ସାହୁ, ମିତାଳି ମଧୁସ୍ମିତା ମିଶ୍ର, ସକ୍ରିୟ ଅଂଶ ଗ୍ରହଣ କରି ସେବକର କାର୍ଯ୍ୟକ୍ରମ, ଅଭିନବ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ।

## ଦୀପାବଳୀ ଉତ୍ସବର ବିକ୍ରୟ କେନ୍ଦ୍ରକୁ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟନ



**ସୁବର୍ଣ୍ଣପୁର,୧୬।୧୦(ସଂଚାର ବ୍ୟୁରୋ):** ଓରମାସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ସୁବର୍ଣ୍ଣପୁର ଜିଲ୍ଲା ବ୍ଲକ ଛକ ନିକଟରେ ସୁବର୍ଣ୍ଣପୁର ଜିଲ୍ଲାର ଦୀପାବଳୀ ଉତ୍ସବ ର ବିକ୍ରୟ କେନ୍ଦ୍ରକୁ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ନୃପରାଜ୍ ସାହୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଦୋକାନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ମାନକ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିକ୍ରୟ ପାଇଁ ରଖାଯାଇଥିବା ବିଭିନ୍ନ ପ୍ରକାରର ଟେରାକୋଟା, ଧୂପକଠି, ହାତ ତିଆରି ମାଟି ଦୀପ ଓ ସାମଗ୍ରୀକୁ ଦେଖିଥିଲେ ଏବଂ ଉପସ୍ଥିତ ଉତ୍ପାଦକ ଗୋଷ୍ଠୀ ର ସଦସ୍ୟ/ ସଦସ୍ୟା ମାନଙ୍କୁ ଲୋକଙ୍କ ଚାହିଦା ମୁତାବକ ସାମଗ୍ରୀ ତିଆରି କରି ବିକ୍ରୟ କରିବା ପାଇଁ ଉତ୍ସାହିତ କରିଥିଲେ।

## କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି



**ବାଲିଆପାଳ, ୧୬।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ପରିସରରେ ଶନିବାର ଦିନ ସିମୁଳିଆ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଯଶୋବନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ନମିତା ପ୍ରଭା ସାମଲ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିଥାଏ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ସମାଜସେବୀ ଲମ୍ବୋଦର ମାହାନା, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ବାଡ଼ି, ପ୍ରଭାତ ରଞ୍ଜନ ସାହୁ, ପୂର୍ବତନ ସିଆରସିସି ନିତାଇ ଚରଣ ରାଉଳ, ଅଶୋକ କୁମାର ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଭାଗରେ ସତର ଟି ବିଦ୍ୟାଳୟର ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

# ଦୋକାନ ମାଲିକଙ୍କୁ ଗୁଳିମାଡ଼ ଘଟଣାରେ ଯୁବକ ଗିରଫ



**ଯାଜପୁର ରୋଡ଼, ୧୬।୧୦ (ସଂଚାର ବ୍ୟୁରୋ):** ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ ସାହୁ'ଙ୍କ ନେଟୱାର୍କ ଭିତରେ କ୍ରାଇମ କରି ଅପରାଧୀ ମାନେ ଖସିଯିବାକୁ ପାଉନାହାନ୍ତି ବାଟ ବୋଲି ଏବେ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି। ଗତ କାଲି ବ୍ୟାସନଗର ପୌରାଞ୍ଚଳ ସହରର ଡିଏମ କମିନିକେସନ ଦୋକାନି ମାଲିକ ଦେବୀଦର୍ତ୍ତ ପଣ୍ଡା, ଉପରେ ଦୁବୃତ୍ତ ମାନେ ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ଏହି ଘଟଣାଟି ଟିକେଟ ଟଙ୍କା ନେଣ ଦେଣକୁ କେନ୍ଦ୍ର କରି ଉପୁଜିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। କିନ୍ତୁ ଅପରାଧୀ ମାନେ ଗୁଳି ଫୁଟାଇ ସହଜରେ ଖସିଯିବାକୁ ଚେଷ୍ଟା କରୁଥିଲେ ମଧ୍ୟ ମାତ୍ର କିଛି ଘଂଟା ଭିତରେ ତଥା ୪ ଘଂଟା ଭିତରେ ଥାନା ଅଧିକାରୀ ଶ୍ରୀସାହୁ'ଙ୍କ ନେତୃତ୍ୱରେ ଗଠିତ ପୋଲିସ ଦଳ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଉକ୍ତ ଦୁଇ ଦୁବୃତ୍ତଙ୍କୁ ଯାଜପୁର ରୋଡ଼ ପୋଲିସ ସ୍ଥାନୀୟ ମୁଣ୍ଡମାଳ ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ଦୁଇ ଜଣ ହେଲେ ସନ୍ତୋଷ ପ୍ରଧାନ (୨୩), ମାଇକେଲ ସନ୍ତୋଷ (୨୨) ବୋଲି ଏସପି ଶ୍ରୀ ଯସ ପ୍ରତାପ ଶ୍ରୀମଲ ଏକ ପ୍ରେସ ମିଟରେ ସୁଚନା ରଖିଛନ୍ତି। ଏହି ଅପରାଧି ମାନେ ବାହାର ରାଜ୍ୟରେ ଅପରାଧ କରନ୍ତି ବୋଲି ତଦନ୍ତରୁ କଥା ବାହାରିଛି।

## ୟୁଥ୍ କନକ୍ଲେଭ, ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ




**ବାଲିପାଟଣା,୧୬।୧୦(ସଂଚାର ବ୍ୟୁରୋ):** ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ୟୁଥ୍ କନକ୍ଲେଭ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ-୨୦୨୫ ଭୁବନେଶ୍ୱରସ୍ଥିତ ହୋଟେଲ ମେ ଫେ ଯାରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କାଞ୍ଚନ ଫାଉଣ୍ଡେସନର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ମାନବସମ୍ବଳ ଆଶୁତୋଷ ରଥ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ପ୍ରବାସୀ ଓଡ଼ିଆ ବିଜେପି ରାଜ୍ୟ ମୁଖ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ ଓଡ଼ିଶା ସଂଗ୍ରାହଳୟର ପୂର୍ବତନ ନିର୍ଦ୍ଦେଶିକା ଭାଗ୍ୟଲିପି ମଲ୍ଲ, ରାଜଧାନୀ ପୁସ୍ତକ ମେଳାର ସଭାପତି ଡ.ଉପେନ୍ଦ୍ର ଜେନା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କର୍ପୋରେଟ ଜଗତର ୧୫ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ

## ହାଇସ୍କୁଲରେ ସ୍କାଉଟ୍ ଓ ଗାଇଡ ପ୍ରଶିକ୍ଷଣ ଶିବିର

**କୋରାଇ,୧୬।୧୦(ସଂଚାର ବ୍ୟୁରୋ):** କୋରାଇ ଶିକ୍ଷା ମଣ୍ଡଳ ଅଧିନସ୍ଥ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ ଓ ଗାଇଡ଼ର ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ କୋରାଇ, ସୁକିନ୍ଦା, ରସୁଲପୁର ଓ ଦାନଗଦୀ ବ୍ଲକର ୧୪ଟି ବିଦ୍ୟାଳୟର ୩୨୮ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇ ପ୍ରଶିକ୍ଷଣ ନେବା ସହିତ ତୃତୀୟ ସୋପାନ ପରୀକ୍ଷା ଦେଇଥିଲେ। ଉକ୍ତ ଶିବିରକୁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ।

# ବଢ଼ିଲା ଅନାହାର ଫେରିବା ଆଶଙ୍କା

**ବଲାଙ୍ଗୀର,୧୬।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲାକୁ ପୁଣି ଫେରିପାରେ ଅନାହାରଜନିତ ସମସ୍ୟା। ଏହି ଜିଲାର ୮୦,୩୩୨ ଜଣ ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ହୋଇ ନ ଥିବାରୁ ସେମାନଙ୍କୁ ଆସନ୍ତା ନଭେମ୍ବର ମାସରୁ ଆଉ ମାଗଣା ଚାଉଳ ମିଳିବ ନାହିଁ। ସେମାନଙ୍କ ରାଶନ କାର୍ଡ ଅଚଳ ହୋଇଯିବ। ଏଭଳି ସ୍ଥିତିରେ ଜିଲାରେ ପୁଣି ଥରେ ଅନାହାର ଓ ଅର୍ଦ୍ଧାହାର ସମସ୍ୟା ଦେଖାଦେଇପାରେ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଆରମ୍ଭ ହୋଇଛି। ଇ-କେୱାଇସି ଅପ୍‌ଡେଟ୍ ପ୍ରକ୍ରିୟାର ଡେଡ୍‌ଲାଇନ୍ ସରିଯିବା ପରେ ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ଯେଉଁ ସୂଚନା ଦେଇଛନ୍ତି ସେଥିରୁ ଇ-କେୱାଇସି କରିନଥିବା ଜିଲାର ଗରିବ ଲୋକଙ୍କ ଭିତରେ ଛନକା ପଶିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରକାରାନ୍ତରେ ଜିଲାକୁ ପୁଣି ଥରେ ଅନାହାର ସମସ୍ୟା ଫେରିପାରେ ବୋଲି ଆଶଙ୍କା ସୃଷ୍ଟି କରିଛି।